

ଆଗୁଆ ଜାମିନ ଆବେଦନ କଲେ ଶଙ୍କରାଚାର୍ଯ୍ୟ

ପୃଷ୍ଠା ୫


# ସଂଚାର
THE SANCHAR


Website: sanchar.live  mail Id: sanchardisha@gmail.com

RNI NO :ODIODI/2001/04811  Postal Regd No : BN/249/15-17



## ସହସମ୍ପାଦକ ଆବଶ୍ୟକ

ଦୈନିକ 'ସଂଚାର'' ପାଇଁ ସହ-ସମ୍ପାଦକ ଆବଶ୍ୟକ। ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତି କମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବା। ଏଥିସହ ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ। ଓଡ଼ିଆ ଟାଇପିଂ ସହ କମ୍ପ୍ୟୁଟରରେ ତାଙ୍କର ଦକ୍ଷତା ଥିବା ଅନିର୍ବାର୍ଯ୍ୟ। ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନ ଠିକଣାରେ ଆବେଦନ କରିପାରିବେ।



ଯୋଗାଯୋଗ

Mail :- sancharodisha@gmail.com

Whatsapp :- +91 8093008776



Vol. 33 | ISSUE 333 ଭାଗ ୩୩ | ସଂଖ୍ୟା ୩୩୩ | Wednesday 25 February 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୨୫ ଫେବୃଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ବଜେଟ ଆଲୋଚନା: ବିରୋଧୀଙ୍କ ଉପରେ ବର୍ଷିଲେ ମୋହନ

# ଚାଷୀଙ୍କ ସବୁ କ୍ରୟଯୋଗ୍ୟ ଧାନ ଉଠାଯିବ



**ଚାଷୀଙ୍କ ନାଁ ଗୃହ ଭିତରେ ଓ ବାହାରେ ଚାଲିଛି ରାଜନୀତି**

**ନିଜ ବିଫଳତା ଲୁଚାଇବାକୁ କେନ୍ଦ୍ର ଉପରେ ଦୋଷ ଲଦୁଛନ୍ତି**

**୨୦୨୭ ପ୍ରାରମ୍ଭରେ ପୂରଣ ହେବ ପଶ୍ଚିମ ଓଡ଼ିଶାବାସୀଙ୍କ ସ୍ୱପ୍ନ**

**ବଜେଟ୍‌ରେ ରାଜ୍ୟବାସୀଙ୍କ ଆଶା ଓ ଆକାଂକ୍ଷା ପ୍ରତିଫଳିତ**

**ଓଡ଼ିଶା ହେବ ଫାର୍ମା ଓ ସେମିକଣ୍ଡକ୍ଟର କ୍ୟାପିଟାଲ:ମୁଖ୍ୟମନ୍ତ୍ରୀ**

**ରାଜ୍ୟବାସୀଙ୍କ ସବୁ ମୌଳିକ ଆବଶ୍ୟକତାକୁ ଗୁରୁତ୍ୱ**

ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ): ବିଧାନସଭାରେ ଚାଷୀଙ୍କ ସମସ୍ୟା ଓ ସମାଧାନ ନେଇ ସାରଗର୍ଭକ ଆଲୋଚନା ହେବ ବୋଲି ରାଜ୍ୟର ଲକ୍ଷାଧିକ ଚାଷୀ ଆଶା କରିଥିଲେ। ହେଲେ ବିରୋଧୀ ଦଳ ରାଜନୀତି ପାଇଁ ବଜେଟ୍ ଅଧିବେଶନ ଆରମ୍ଭରୁ ଗୃହକୁ ଅଚଳ କରିଛି। ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସର ଆଚାର ବିଚାର ଉପରେ ସେ ଆଶ୍ଚର୍ଯ୍ୟ ନୁହଁନ୍ତି। ଏହି ବିଧାନସଭାରେ ତାଙ୍କ ଦଳର ବରିଷ୍ଠ ବିଧାୟକମାନେ ଖୁଚୁରା ଟଙ୍କା ଆଣିବା ଓଡ଼ିଶାବାସୀ ଦେଖିଛନ୍ତି। ବିରୋଧ ନାଁରେ ଘଣ୍ଟ, ଘଣ୍ଟା, ଗିନି, ଖଞ୍ଜଣି ବି ବାଡ଼େଇଛନ୍ତି। ଦିଲ୍ଲୀ ➪ପୃଷ୍ଠା-୬

ଚାଷୀଙ୍କ ଉପରେ ଜାଣିଶୁଣି ଆଲୋଚନା କରୁନାହାଁ। ବିରୋଧୀ ଦଳ ଉପରେ ଆଜି ସାଧାରଣ ବଜେଟ ଆଲୋଚନାର ଉତ୍ତର ଦେଇ ଏଭଳି କହିଛନ୍ତି ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିସହ ସେ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ଚାଷୀଙ୍କ ସବୁ ସମସ୍ୟାର ସମାଧାନ କରାଯିବ ଓ ସବୁ ଯୋଗ୍ୟ ଚାଷୀଙ୍କ ସବୁ କ୍ରୟଯୋଗ୍ୟ ଧାନକୁ ଉଠାଯିବ।

ମୁଖ୍ୟ ବିରୋଧୀ ଦଳ ବିଜେଡି ଆଜି କକ୍ଷତ୍ୟାଗ କରି ବିଧାନସଭା ସମ୍ମୁଖରେ ଚାଷୀ ସମାବେଶ କରିଥିବା ବେଳେ ଗୃହ ଭିତରେ ବଜେଟ ଆଲୋଚନା ହୋଇଥିଲା ଆଉ ମୁଖ୍ୟମନ୍ତ୍ରୀ ତା'ର ଉତ୍ତର ମଧ୍ୟ ରଖିଥିଲେ। ଆଲୋଚନାରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ବିରୋଧୀ ବିଜେଡି ଉପରେ ବର୍ଷିବା ସହ କଂଗ୍ରେସକୁ ମଧ୍ୟ କଟୁ

### ନାରକୀୟ କାଣ୍ଡ ରଚିଲା ପ୍ରେମରେ ଅନ୍ଧ ନାବାଳିକା

# ପ୍ରେମ ପାଇଁ ନେଲା ମା'-ଭାଇଙ୍କ ଜୀବନ



ଜୟପୁର,୨୪।୨ (ସଂଚାର ବ୍ୟୁରୋ): ପାଖାପାଖି ୭ ଦିନ ତଳୁ ହଜିଥିବା ପୁଅ ହାତବନ୍ଧା ଅବସ୍ଥାରେ ଏକ ବସ୍ତା ଭିତରୁ ଗତକାଲି ମିଳିଥିବା ବେଳେ ଅଦ୍ୟାବଧି ମା'ଙ୍କର କୌଣସି ପତ୍ତା ମିଳିପାରୁନାହିଁ। ମା' ଓ ପୁଅ ଉଭୟଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।

ସୂଚନାନୁଯାୟୀ, ବୋରିଗୁମ୍ମା ମେନ ରୋଡ୍‌ରେ ରହୁଥିବା ଅନୁଷ୍କା ପରିଡ଼ା (୪୫ ବର୍ଷ), ପୁଅ ଏହେମ ପରିଡ଼ା (୧୪ ବର୍ଷ) ଓ ଝିଅ (୧୬ ବର୍ଷ) ଏକ ମିକ୍ସଚର୍ ଫ୍ୟାକ୍ଟ୍ରି କରିବା ସହ ସେଠାରେ ରହିଆସୁଥିଲେ। ଗତ ୨୦ ତାରିଖରେ ପରିବାର ଲୋକେ ଜାଣିବାକୁ ପାଇଥିଲେ କି ଉଭୟ ମା' ଓ ପୁଅ ନିଖୋଜ ଅଛନ୍ତି ଓ ସେମାନଙ୍କ ମୋବାଇଲ ବି ସୁଇଚ୍‌ଅଫ ରହିଛି। ଗତ ୨୧ ତାରିଖରେ ପରିବାର ଲୋକେ ଏନେଇ ବୋରିଗୁମ୍ମା ଥାନାରେ ମା'-ପୁଅ ନିଖୋଜ ଥିବା ➪ପୃଷ୍ଠା-୬

# ବିଜେଡିକୁ ପାନେ ଦେଲା କଂଗ୍ରେସ

**ଠିକଣା ବେଳେ ହାତ ଛାଡିଦେଲା**

**ସରକାର ଆଶ୍ୱସ୍ତ**



ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ): ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡିକୁ ଆଜି କଂଗ୍ରେସ ପାନେ ଦେଇଛି। ଚାଷୀ ରାଜନୀତି କରି ବିଧାନସଭା ଭିତରେ ଓ ବାହାରେ ବିଜେଡି ଶ୍ରେୟ ନେବାକୁ ଯେଉଁ ଯୋଜନା କରିଥିଲା, କଂଗ୍ରେସ ସେଥିରେ ଏକପ୍ରକାର ପାଣି ପୂରାଇ ଦେଇଛି। କଂଗ୍ରେସର ଏଭଳି ଗୋଟି ଚାଳନା ବିଜେଡି ନେତାମାନଙ୍କୁ ଚକିତ କରିଦେଇଛି। ସରକାର ବି ଅଧିବେଶନର ଅନ୍ତିମ ଦିବସରେ ଆଲୋଚନା କରି ଆଶ୍ୱସ୍ତ ହୋଇଛନ୍ତି। ଲଗାତାର ସପ୍ତମ ଦିନ ପାଇଁ ଆଜି ପ୍ରଶ୍ନକାଳରେ ବିଜେଡି ସହ ସ୍ୱର ମିଳାଇ କଂଗ୍ରେସ ନେତାମାନେ ବିଧାନସଭା ଗୃହ ମଧ୍ୟରେ ଚାଷୀ ପ୍ରସଙ୍ଗରେ ହଟ୍ଟଗୋଳ କରିଥିଲେ। ହେଲେ ଶୂନ୍ୟକାଳ ବେଳକୁ ସବୁକିଛି ବଦଳିଯାଇଥିଲା। ଶୂନ୍ୟକାଳରେ କଂଗ୍ରେସ ନେତାମାନେ ଆସନ ଛାଡ଼ିଲେ ନାହିଁ। ବରଂ ଆଲୋଚନାରେ ଭାଗ ନେଇ ଚାଷୀ ପ୍ରସଙ୍ଗ ଉଠାଇଲେ। ସରକାରଙ୍କୁ ➪ପୃଷ୍ଠା-୬

# ଜଳିଗଲା ସୁପର ମାର୍ଟ: ୫ କୋଟି ସ୍ୱାହା




ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱର ଉପକଣ୍ଠସ୍ଥିତ ଲିଙ୍ଗିପୁରଠାରେ ଆଜି ଏକ ମଲ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ସୁପର୍ ମାର୍ଟ ନାମକ ଏହି ମଲ୍‌ରେ ଯାବତୀୟ ପ୍ଲାଷ୍ଟିକ୍, ରବର୍ ଓ ଅନ୍ୟାନ୍ୟ ଯାବତୀୟ ଦହନଶୀଳ ସାମଗ୍ରୀ ଥିବାରୁ ଗତକାଲି ରାତିରୁ ଲାଗିଥିବା ଏହି ନିଆଁକୁ ଆୟତ୍ତ କରିବା ସକାଶେ ୪୦ଟି ଦମକଳ ଗାଡ଼ିକୁ ପାଖାପାଖି ୨୦ ଘଣ୍ଟା ସମୟ ଲାଗିଯାଇଛି। ଏଥିସହ ଏହି ଅଗ୍ନିକାଣ୍ଡରେ ପାଖାପାଖି ୫ କୋଟି ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଗତକାଲି ରାତି ପ୍ରାୟ ୧୦ଟାରୁ ସମ୍ଭବତଃ ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିଲା। ସେତେବେଳେ ନିଆଁ ଉକ୍ତ କୋଠାର ତୃତୀୟ ମହଲାରେ ଲାଗିଥିଲା। ସଙ୍ଗେ ସଙ୍ଗେ ସେଠାରେ ଦମକଳ ବାହିନୀ ପହଞ୍ଚି ୨ ଜଣଙ୍କୁ ଉଦ୍ଧାର କରିଥିଲେ। ତେବେ ଆଜି ସକାଳୁ ନିଆଁକୁ ଆୟତ୍ତ କରିବା ସକାଶେ ୪୦ଟି ଦମକଳ ଗାଡ଼ି ଉଦ୍ୟମ ଅବ୍ୟାହତ ରଖିଥିଲେ। ତେବେ ଉକ୍ତ କୋଠା ଭିତରୁ ପାଣି ମାଡ଼ କରିବାର କୌଣସି ବ୍ୟବସ୍ଥା ନଥିବାରୁ ଅଗ୍ନି ନିର୍ବାପକ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ହଇରାଣ ➪ପୃଷ୍ଠା-୬

## ଫେଲ୍ ମାରିଲା ରୋବର୍ଟ

**୭/୮ ଗୁଣା ଦରରେ କିଣା ହୋଇଛି ଚୀନ ମାଲ୍**



ସୋମବାର ଲିଙ୍ଗପୁର ନିକଟରେ ଥିବା ସୁପର ମାର୍କେଟରେ ନିଆଁ ଲାଗିଥିଲା। ଏହି ନିଆଁକୁ ଆୟତ୍ତ କରିବା ପାଇଁ ଓଡିଶା ଅଗ୍ନିଶମ ବିଭାଗ ୪୦ଟି ନିଆଁଲିଭା ଗାଡ଼ି ସହ ରୋବର୍ଟ ନିୟୋଜିତ କରିଥିଲା। କିନ୍ତୁ ଦୁର୍ଭାଗ୍ୟଜନକ ଭାବେ ରୋବର୍ଟ କାମ କରିନଥିଲା। ନିଆଁ ଭିତରକୁ ପଶିପାରିନଥିଲା ଏହି ରୋବର୍ଟ। ବିଜେଡି ସରକାରରେ ୪୧ କୋଟି ୫ ଲକ୍ଷ ଟଙ୍କା ବ୍ୟୟରେ ୨୪ଟି ଫାୟାର ଫାଇଟର ରୋବର୍ଟ କିଣାଯାଇଥିଲା। ସେ ସମୟରେ ଏହି ରୋବର୍ଟକୁ ନେଇ ବହୁତ ବଡ଼ ବଡ଼ କଥା କହୁଯାଇଥିଲା। ଯେକୌଣସି ପ୍ରକାର ନିଆଁକୁ ➪ପୃଷ୍ଠା-୬

# ବବିଙ୍କ କାନରେ ଅରୁଣ ମନ୍ତ୍ର



ଭୁବନେଶ୍ୱର, ୨୪।୨ (ସଂଚାର ବ୍ୟୁରୋ): ଦିନେ ବିଜେଡି ରାଜନୀତିର ମୁଣ୍ଡ ହୋଇ ବୁଲୁଥିବା ବବି ଆଜି ଦଳରେ ଲାଞ୍ଛ ହୋଇଯାଇଛନ୍ତି। ଯେଉଁମାନେ ଦିନେ ଦଳୀୟ କାମ ପାଇଁ ତାଙ୍କ ପଛରେ ବୁଲୁଥିଲେ, ବବି ଆଜି ଖାଲି ସେମାନଙ୍କ ପଛରେ ଲସରପସର ହେଉନାହାନ୍ତି, ବରଂ କର୍ଣ୍ଣମନ୍ତ୍ର ବି ନେଉଛନ୍ତି। ଆଜି ବିଜେଡିର ଚାଷୀ ସମାବେଶରେ ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଥିଲା। ଖୋଦ୍ ବବି ବେକରେ ଗାମୁଛା ପକାଇ ବିଧାୟକ ଅରୁଣ କୁମାର ସାହୁଙ୍କ ପଛେ ପଛେ ବୁଲିବା ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲା। ବବି ଖାଲି ଅରୁଣଙ୍କ ପଛେ ପଛେ ସଭାସ୍ଥଳରେ ବୁଲୁ ନ ଥିଲେ, ଆବଶ୍ୟକ ସ୍ଥଳେ ଅରୁଣଙ୍କଠାରୁ ପରାମର୍ଶ ବି ନେଉଥିଲେ। ଅରୁଣ ବି ସମୟର ସଦୁପଯୋଗ କରି ବବିଙ୍କ କାନରେ ମନ୍ତ୍ର ଦେଉଥିଲେ। ବିଜେଡି କର୍ମୀଙ୍କ ପାଇଁ ଏଭଳି ଦୃଶ୍ୟ କେବଳ ଆମୋଦଦାୟକ ହୋଇନାହିଁ, ରାଜନୀତିରେ କ୍ଷମତା କିଭଳି କ୍ଷଣ କ୍ଷଣକେ ଆନ, ସେନେଇ ବି ଚେତାଇ ଦେଇଛି।

## ବଦଳିଲା କେରଳ ନାଁ, ଏଣିକି 'କେରଳମ୍'

ନୂଆଦିଲ୍ଲୀ,୨୪।୨: ମଙ୍ଗଳବାର ନୂତନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ 'ସେବା ତୀର୍ଥ'ରେ ଅନୁଷ୍ଠିତ ପ୍ରଥମ କେନ୍ଦ୍ର କ୍ୟାବିନେଟ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ,ରାଜ୍ୟର ନାମକୁ କେରଳମ୍ କରିବା ପାଇଁ କେରଳ ସରକାରଙ୍କ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏପ୍ରିଲ-ମେ'ରେ ହେବାକୁ ଥିବା କେରଳ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ପଦକ୍ଷେପ ନିଆଯାଇଛି। କେରଳ ବିଧାନସଭା ୨୪ ଜୁନ୍, ୨୦୨୪ରେ ସର୍ବସମ୍ମତି କ୍ରମେ ଏକ ପ୍ରସ୍ତାବ ଗୃହୀତ କରିଥିଲା। ଯେଉଁଥିରେ କେନ୍ଦ୍ର ସରକାରଙ୍କୁ ରାଜ୍ୟର ନାମ ଆନୁଷ୍ଠାନିକ ଭାବରେ କେରଳମ୍ ଭାବେ ପରିବର୍ତ୍ତନ କରିବାକୁ ଅନୁରୋଧ କରାଯାଇଥିଲା। ବିଧାନସଭାର ପ୍ରସ୍ତାବ ପରେ, ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ୍ ରାଜ୍ୟର ନାମ 'କେରଳ'ରୁ 'କେରଳମ୍'କୁ ପରିବର୍ତ୍ତନ କରିବାକୁ ମଞ୍ଜୁରୀ ଦେଇଛି। ଗୃହ ମନ୍ତ୍ରଣାଳୟ କିଛି ବୈଷୟିକ ପରିବର୍ତ୍ତନ ପରାମର୍ଶ ଦେବା ପରେ କେରଳ ବିଧାନସଭା ଦ୍ୱିତୀୟ ଥର ପାଇଁ ଏହି ➪ପୃଷ୍ଠା-୬

## ବର୍ଷା ପବନରେ ଗଲା ୩ ଜୀବନ



**ଧସିଲା ପାଚେରୀ, ୪ ଆହତ**

**ପବନରେ ଖସିପଡ଼ିଲା ହୋର୍ଡିଂ**

ଭୁବନେଶ୍ୱର,୨୪।୨(ସଂଚାର ବ୍ୟୁରୋ): ଆଜି ରାଜଧାନୀ ଭୁବନେଶ୍ୱରରେ ଘଟିଛି ଅଘଟଣ, ଯେଉଁଥିରେ ମୋଟ ୩ ଜଣଙ୍କ ଜୀବନ ଯାଇଛି। ଆଜି ଅଚାନକ ସନ୍ଧ୍ୟାରେ ବର୍ଷା ଓ ପବନ ହୋଇଥିଲା। ଏଥିରେ ଗୋଟିଏ ପଟେ କାଛ ଭୁଶୁଡ଼ି ପଡ଼ିବାରୁ ୨ ଜଣ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣଙ୍କ ଉପରେ ହୋର୍ଡିଂ ଖସିପଡ଼ିବାରୁ ସେ ପ୍ରାଣ ହରାଇଛନ୍ତି। ସ୍ଥାନୀୟ ବଡ଼ଗଡ଼ ଭୋଇସାହିରେ ଡ୍ରେନ୍ କାମ ଚାଲିଥିବା ସମୟରେ ଅଚାନକ ନିକଟରେ ଥିବା ଏକ ପାଚେରୀ ଭୁଶୁଡ଼ି ପଡ଼ିଥିଲା। ଏହି କାରଣରୁ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ଭୁବନେଶ୍ୱର ଏମ୍ସ କିମ୍ବା କଟକର ➪ପୃଷ୍ଠା-୬

### କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

## ବ୍ୟାପକ ହେବ ବାଜି ରାଉତଙ୍କ ତ୍ୟାଗ ଓ ଦେଶପ୍ରେମ



**ଜନ୍ମ ଶତବାର୍ଷିକୀରେ ଦିଲ୍ଲୀରେ କାର୍ଯ୍ୟକ୍ରମ ପାଇଁ ନିବେଦନ**

ନୂଆଦିଲ୍ଲୀ,୨୪।୨(ସଂଚାର ବ୍ୟୁରୋ): ଦେଶର ସର୍ବକନିଷ୍ଠ ସହିଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ରାଜଧାନୀ ଦିଲ୍ଲୀରେ ଏକ ଜାତୀୟ ସ୍ତରୀୟ ସ୍ମୃତି କାର୍ଯ୍ୟକ୍ରମ ଆୟୋଜନ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି। ସହିଦ ବାଜି ରାଉତଙ୍କ ଅସୀମ ସାହସ ଓ ବଳିଦାନକୁ ମନେ ପକାଇବା ସହ ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ କରିବା ପାଇଁ ଶ୍ରୀ ପ୍ରଧାନ ପତ୍ର ମାଧ୍ୟମରେ ଆହୁରି କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରଖିଛନ୍ତି।

ସେ ଉଲ୍ଲେଖ କରିଛନ୍ତି ଯେ ୧୯୨୬ ଅକ୍ଟୋବର ୫ରେ ଢେଙ୍କାନାଳର ନୀଳକଣ୍ଠପୁରରେ ଜନ୍ମ ନେଇଥିବା ବାଜି ରାଉତ ମାତ୍ର ୧୨ ବର୍ଷ ବୟସରେ ବ୍ରିଟିଶ ବାହିନୀକୁ ନଦୀ ପାର୍ କରିବାକୁ ମନା କରି ସହିଦ ହୋଇଥିଲେ। ୧୯୩୮ ଅକ୍ଟୋବର ୧୧ରେ ନୀଳକଣ୍ଠପୁର ଘାଟରେ ତାଙ୍କର ଏହି ମହାନ ବଳିଦାନ ଗଡ଼ଜାତ ଆନ୍ଦୋଳନକୁ ଏକ ନୂଆ ମୋଡ଼ ଦେଇଥିଲା। ବାଜି ରାଉତ ଯେଉଁ ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN ELECTRONICS DESIGN
- Electrical and Electronics Engineering
- Electronics and Communication Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ଡିଡିଏମଙ୍କ ନିଲମ୍ବନ ନିର୍ଦ୍ଦେଶକୁ କିଏ ଅଟକାଇଲା ?



**ଯାଜପୁରରେ ଅପରେସନ 'ବାଲୁ ବଜ୍ର' ଫେଲ**

ଯାଜପୁର ଟାଉନ୍,୨୪।୨(ସଂଚାର ବ୍ୟୁରୋ):ରାଜ୍ୟ ସରକାରଙ୍କ ବେଆଇନ ବାଲି ଚୋରାଚାଲାଣ ବିରୋଧରେ ଆରମ୍ଭ ହୋଇଥିବା ଅପରେସନ 'ବାଲୁ ବଜ୍ର' ଯାଜପୁରରେ ଧସିଯାଇଛି। ଏହା ପଛରେ ପ୍ରଶାସନିକ ଅସାବଧାନତା ନା କୌଣସି ଅସାଧୁ ମେଣ୍ଟ କାମ କରୁଛନ୍ତି, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷକରି ବିବାଦୀୟ ଯାଜପୁର ସର୍କଲ ଡେପୁଟି ଡାଇରେକ୍ଟର ଅଫ ମାଇନ୍ସ (ଡିଡିଏମ୍) ଜୟ ପ୍ରକାଶ ନାୟକଙ୍କ ଭୂମିକା ଏବେ ସନ୍ଦେହ ଘେରରେ। ପୂର୍ବରୁ ସେ ଜଗତସିଂହପୁର ଦାୟିତ୍ୱରେ ଥିବା ବଡ଼ ଧରଣର ଚଢ଼ାଉ କରାଯାଇ ୪୬ଟି ହାଇୱା ଓ ୩ଟି ଏକ୍ସାଭେଟର ଜବତ ହେବା ପରେ ତାଙ୍କ ଅବହେଳା ଓ ମାଫିଆଙ୍କ ସହ ତାଙ୍କ ନେକ୍ସସ୍‌ର ପ୍ରମାଣ ପାଇଥିଲା ଜିଲ୍ଲା ପ୍ରଶାସନ। ସେଥିପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ମାଗିଥିଲା ଜିଲ୍ଲା ପ୍ରଶାସନ। ଏପରିକି ସେତେବେଳେ ଡିଡିଏମ୍ ଜୟ ପ୍ରକାଶଙ୍କର ଦରମା ବନ୍ଦ କରିବାକୁ ଜଗତସିଂହପୁର ଜିଲ୍ଲାପାଳ ଯାଜପୁର ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇଥିଲେ। ଏହି ଘଟଣା ପରେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗତବର୍ଷ ଡିସେମ୍ବରରେ ତାଙ୍କୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଅଭିଯୋଗ ହେଉଛି, ଏଯାଏଁ ଖଣି ମନ୍ତ୍ରୀଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନାହିଁ। ଏହି ଅଫିସରଙ୍କୁ କୌଣସି ବିଭାଗୀୟ ସୁରକ୍ଷା ମିଳିଛି ନା ଆଉ କିଏ ଚାପ ପକାଇ ତାଙ୍କ ନିଲମ୍ବନକୁ ଅଟକାଇ ଦେଇଛନ୍ତି, ସେନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏହାର ଫଳସ୍ୱରୂପ ସରକାର ଏବେ ବଦନାମ ହେଉଛନ୍ତି ଓ ଯାଜପୁର ଜିଲ୍ଲାରେ ବେଆଇନ ବାଲି, ମୋରମ, ପଥର, କ୍ରୋମାଇଟ ଓ ଲୁହାପଥର ଆଦିର ଲୁଟ୍ ଅନିୟନ୍ତ୍ରିତ ଭାବେ ଚାଲିଛି। ସ୍ଥାନୀୟ ଅଞ୍ଚଳରେ ହେଉଥିବା ➪ପୃଷ୍ଠା-୬

## ମହାନତାର ପରିଚୟ ଦେଲେ ସୁମନ୍ତ
# ରକ୍ତଦାନ କରି ଜୀବନ ବଞ୍ଚାଇଲେ



ମହାକାଳପଡ଼ା,୨୪।୨ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅଧିନସ୍ଥ ବିଜୟନଗର ପଞ୍ଚାୟତ ଅନ୍ତର୍ଗତ ବିଜୟନଗର ଗ୍ରାମର ସ୍ୱର୍ଗତ ସୁଦର୍ଶନ ରାଉତ ଙ୍କ ପୁଅ ତଥା ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ସୁମନ୍ତ ରାଉତ ଆଜି ଜୀବନର ୧୦ ତମ ରକ୍ତଦାନ କରି ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇ ମହାନତାର ପରିଚୟ ଦେଇଛନ୍ତି। ମଙ୍ଗଳବାର ବଟିରା ପଞ୍ଚାୟତ ବଟିରା ଗ୍ରାମର କ୍ଷିରୋଦ ଜେନା ଶ୍ୱାସ ଜନିତ ସମସ୍ୟାରେ ପୀଡିତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କୁ ଏକ ଜରୁରୀକାଳୀନ ରକ୍ତ ଆବଶ୍ୟକ ବୋଲି ସୂଚନା ଆସିଥିଲା। ସୂଚନା ପାଇ ସୁମନ୍ତ ତୁରନ୍ତ କେନ୍ଦ୍ରାପଡ଼ା ରକ୍ତ କେନ୍ଦ୍ର ରେ ପହଞ୍ଚି ରକ୍ତଦାନ କରିଥିଲେ। ସୁମନ୍ତଙ୍କ ରକ୍ତଦାନ ପାଇଁ କ୍ଷିରୋଦ ଙ୍କୁ ରକ୍ତ ଦିଆଯାଇଥିଲା। ସୁମନ୍ତଙ୍କ ଏହି ମହାନ ପ୍ରୟାସ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## କେନ୍ଦ୍ରାପଡ଼ା କଲେଜ ସମ୍ମୁଖରେ ରାଜନେତାଙ୍କ ହୋର୍ଡିଂ
# ଉଚ୍ଛେଦ ପାଇଁ ପୌରପାଳିକାକୁ ଚିଠି ଲେଖିଲେ ଅଧ୍ୟକ୍ଷ




କେନ୍ଦ୍ରାପଡ଼ା,୨୪।୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡପା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ କେତେକ ରାଜନେତା ନିଜର ଓ ଦଳର ପ୍ରଚାର ଓ ପ୍ରସାର କରିବା ପାଇଁ ହୋର୍ଡିଂ ମାରିଛନ୍ତି । ଏହି ହୋର୍ଡିଂକୁ ସେଠାରୁ ଉଚ୍ଛେଦ କରିବା ପାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା କେନ୍ଦ୍ରାପଡା ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି । ଅଧ୍ୟକ୍ଷ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ସଂପୃକ୍ତ ରାଜନେତା ଏହି ସ୍ଥାନରେ ହୋର୍ଡିଂ ମାରିବା ପାଇଁ କଲେଜ କୃପକ୍ଷଙ୍କ ଠାରୁ କୌଣସି ଅନୁମତି ନେଇନାହାନ୍ତି । ତେଣୁ ଏହା ଏକ ବେଆଇନ କାର୍ଯ୍ୟ ବୋଲି ସେ କହିଛନ୍ତି । ପୂର୍ବରୁ ଏହି ସ୍ଥାନରେ କ୍ୟାବିନ ପଡିଥିଲା । ପୋଲିସ ବଳ ସାହାଯ୍ୟରେ ତାହାକୁ ହଟାଯାଇଥିଲା । ଫଳରେ ପିଲାମାନେ କଲେଜକୁ ଯିବାଆସିବା କରିବାରେ ସୁବିଧା ହୋଇଥିଲା । ଏବେ ପୁନର୍ବାର ସେହି ସ୍ଥାନଟି ରାଜନେତାଙ୍କ ହୋର୍ଡିଂ ଯୋଗୁ ଜବରଦଖଲ ହୋଇ ରହିଛି ବୋଲି ଅଧ୍ୟକ୍ଷ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ଏସଂକ୍ରାନ୍ତରେ ଅଧ୍ୟକ୍ଷ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରିଛନ୍ତି ।

## ବଳଦେବଜୀଉ ମନ୍ଦିରରେ ଅଣ ହିନ୍ଦୁ ପ୍ରବେଶ
# ୭ ଘଣ୍ଟା ନୀତି ବିଳମ୍ବ, ପାଳିଆ ସେବାୟତଙ୍କ ଅସନ୍ତୋଷ

କେନ୍ଦ୍ରାପଡ଼ା,୨୪।୨(ସଂଚାର ବ୍ୟୁରୋ): ଆଜି ବଳଦେବଜୀଉ ମନ୍ଦିର ରେ ଅଣ ହିନ୍ଦୁ ପ୍ରବେଶ କରିବାରୁ ଶ୍ରୀଜୀଉ ଙ୍କ ନୀତି କାନ୍ତି ରେ ଦୀର୍ଘ ସାତ ଘଣ୍ଟା ବିଳମ୍ବ ହୋଇଥିଲା ସକାଳ ୬ଟା ରୁ ହେବାକଥା ଜୟ ମଙ୍ଗଳା ଆଳତି ଦିନ ଗୋଟାଏ କିନ୍ତୁ ହୋଇଥିଲା । ରୋଷ ମାର୍ଜନା ପ୍ରତିଷ୍ଠା କାର୍ଯ୍ୟ ପରେ ଅନ୍ୟ ନୀତି କରାଯାଇଥିଲା । ପ୍ରତ୍ୟେକ ଦିନ ଭଳି ଆଜି ଦିନ ରେ ମନ୍ଦିର ପଟ ଦକ୍ଷିଣ ଦିଗ ପାଚିର ଗେଟ୍ ଖୋଲା ଯାଇ ପୌର ସଂସ୍ଥା କର୍ମ ଚାରି ଙ୍କ ଦ୍ୱାରା ପତ୍ର ଆବର୍ଜନା ସଫା କରାଯାଇଥାଏ । ସଫେଇ ପରେ ଛୋଟ କବାଟ ବନ୍ଦ କରାଯାଇଥାଏ। ଆଜି ସିସିଟିଭି ଫୁଟେଜ ଯାଞ୍ଚରେ ୬ଟା ୪୧ରୁ ୪୨ମିନିଟ୍ ମଧ୍ୟରେ ଜଣେ ଅଣ ହିନ୍ଦୁ କବାଟ ଖୋଲା ର ସୁଯୋଗ ନେଇ ଗେଟ୍ ପାଖରେ କିଛି ପ୍ଲାଷ୍ଟିକ ବୋତଲ ସଂଗ୍ରହ କରି ବେଢା ମଧ୍ୟକୁ ପ୍ରବେଶ କରିଥିଲା। ଜଣେ ସେବାୟତ ସେହି ବ୍ୟକ୍ତିକୁ କୁଣ୍ଡ ପାଖରୁ ଦେଖି ମନ୍ଦିର ବେଢ଼ା ମଧ୍ୟରେ ପ୍ରବେଶ କରିବା ନେଇ ଜଣାଇବା ଫଳରେ ବେଢ଼ାକୁ ଶୋଧନ କଲା ପରେ ଶ୍ରୀ ଜୀଉ ଙ୍କ ନୀତି ସାତ ଘଣ୍ଟା ବିଳମ୍ବ ପରେ ଆରମ୍ଭ ହୋଇଥିବା ମନ୍ଦିର ପ୍ରଶାସନ ତରଫରୁ ସ୍ପଷ୍ଟି କରଣ ମିଳିଛି ।

# ଚୋରା ମଦ ଜବତ, ୯ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା, ୨୪।୨ (ସଂଚାର ବ୍ୟୁରୋ): ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା, ମହାକାଳପଡ଼ା ଓ ଜମ୍ବୁ ମେରେଇନ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଓରିଶବିନ୍ଧା ଗ୍ରାମର ବୁଲୁପତି ଦାସଙ୍କ ଠାରୁ ୪୨ ଲିଟରବିଦେଶୀ ମଦ, ନିକିରାଇ ଗ୍ରାମର ଦୀପକ ସେଠୀଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ଏକଲପୁର ଗ୍ରାମର ସରୋଜ ରାଉତଙ୍କ ଠାରୁ ୫୬ ଲିଟର ବିଦେଶୀ ମଦ, କଂସାର ଗ୍ରାମର ହିମାଂଶୁ ମାନାଙ୍କ ଠାରୁ ୨୫୦ କିଗ୍ରାର ଗୁଡପୋଚଓ ମନୋରଂଜନ ସ୍ୱାଇଁଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, କାଣ୍ଟିଆ ଗ୍ରାମର ଜଗବନ୍ଧୁ ରାଉତଙ୍କ ଠାରୁ ୨୬ ଲିଟର ବିଦେଶୀ ମଦ, ରମନଗର ଗ୍ରାମର ବୀର କିଶୋର ସାହୁଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ, ଆମ୍ବାବିଲାରୀ ଗ୍ରାମର ସୁମନ୍ତ ହାଉଲିଙ୍କ ଠାରୁ ୧୫ ଲିଟର ଦେଶୀ ରନ୍ଧା ମଦ ଓ ଧନିଆପଡ଼ା ଗ୍ରାମର ସରୋଜ ମହାନ୍ତିଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଅଛି । ଏମାନଙ୍କ ପାଖରୁ ସମୁଦାୟ ୫୦୬ ଲିଟର ବିଦେଶୀ, ଦେଶୀ ରନ୍ଧା ଓ ଗୁଡପୋଚ ମଦ ଜବତ କରାଯାଇ ୦୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି। ଏହି ଚଢ଼ାଉରେ ଅବକାରୀ ଉପନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ମିସ ଋତୁପ୍ରଭା ସ୍ୱାଇଁ, ସହକାରୀ ଉପନିରିକ୍ଷକ ସୁନୀଲ କୁମାର ମିଶ୍ର, ଜଗନ୍ନାଥ ବେସେରା ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ପ୍ରବାସୀ ଶ୍ରମିକ ଓ ବାଲ୍ୟ ବିବାହ ଉପରେ ସଚେତନତା

କେନ୍ଦ୍ରାପଡା,୨୪।୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ବାଲ୍ୟ ବିବାହ ବନ୍ଦ କରିବା ଓ ପ୍ରବାସୀ ଶ୍ରମିକଙ୍କୁ ସଚେତନତା କରାଇବା ପାଇଁ ଏକ କାର୍ଯ୍ୟକ୍ରମ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇ ଯାଇଛି । ଅତିରିକ୍ତ ଶ୍ରମ ଅଧିକାରୀ ଆଶୁତୋଷ ପଟେଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ପରିଡା, ଆଇନଜିବୀ ସଂଗ୍ରାମ କେଶରୀ ଦାଣ୍ଡୁଆ, ସ୍ଥାନୀୟ ସରପଂଚ ସମାଜସେବୀ ପବିତ୍ର ପରିଡା ପ୍ରମୁଖ ଉପସ୍ଥିତ ରହି ପ୍ରବାସୀ ଶ୍ରମିକ ଯେଉଁମାନେ ବିଦେଶେ କାର୍ଯ୍ୟ କରନ୍ତି, ସେମାନେ ଯିବା ପୂର୍ବରୁ ସେମାନଙ୍କର ସଂମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ରେ ଜଣାଇ ପଞ୍ଜିକରଣ କରିବା ଏବଂ ପ୍ରବାସୀ ଆଇନ ସଂପର୍କରେ ସଚେତନତା କରାଇଥିଲେ । ଜିଲ୍ଲାରେ ବାଲ୍ୟ ବିବାହ ସଂପୂର୍ଣ୍ଣ ବନ୍ଦ କରି ସୁସ୍ଥ ସମାଜ ଗଠନ କରିବା ଉପରେ ସମସ୍ତେ ଶପଥ ନେଇଥିଲେ । ବାଲ୍ୟ ବିବାହ ଆଇନ ଉପରେ ଉପସ୍ଥିତ ଥିବା ସମସ୍ତ ଲୋକଙ୍କୁ ଆଇନର ସମସ୍ତ ଦିଗ ସଂପର୍କରେ ଆଲୋଚନା କରିଥିଲେ ।

## ନିଘୋଡ଼ ନିଦରେ ମହାକାଳପଡ଼ା ତହସିଲ
# ବେଆଇନ୍ ଇଟାଭାଟି ଜାଳୁଛନ୍ତି ମାଫିଆ



## ଧୂଆଁରେ ଜନଜୀବନ ଅସ୍ତବ୍ୟସ୍ତ

ମହାକାଳପଡ଼ା,୨୪।୨(ସଂଚାର ବ୍ୟୁରୋ): ଗ୍ରୀଷ୍ମ ଋତୁର ତାତି ବଢ଼ିବା ଆଗରୁ ଏବେ ମହାକାଳପଡ଼ାରେ ଇଟା ମାଫିଆଙ୍କ ତାତି ବଢ଼ିବା ଆରମ୍ଭ ହୋଇଛି। ପ୍ରଶାସନର କୋହଳ ମନୋଭାବ ପାଇଁ ଏବେ ମାଫିଆ ମାନେ ବେପିକର୍ ହୋଇ ବେଆଇନ୍ ନାଲି ଇଟା ଭାଟି ବେଧଡକ ଭାବେ ପୋଡ଼ି ଚାଲିଛନ୍ତି। ଯାହା ଫଳରେ ଇଟାଭାଟି ଧୂଆଁରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ନା ଏଥିପାଇଁ ସ୍ଥାନୀୟ ତହସିଲଦାରଙ୍କ ନଜର ରହିଛି ନା ଜିଲ୍ଲା ପ୍ରଶାସନର। ଯାହାକୁ ନେଇ ଅଞ୍ଚଳରେ ଉଦବେଗ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ, ପରିବେଶବିତ୍ ଓ ସାଧାରଣ ଲୋକେ। ବେଆଇନ୍ ନାଲି ଇଟା ପୋଡାର ଭୂସ୍ୱର୍ଗ ପାଲଟିଛି ମହାକାଳପଡ଼ା। ତହସିଲ ପ୍ରଶାସନର ପ୍ରିୟା ପ୍ରତି ପୋଷଣ ନୀତି ପାଇଁ ବେଆଇନ୍ ଇଟାଭାଟି ବିଭିନ୍ନ ପଞ୍ଚାୟତକୁ ବ୍ୟାପି ଗଲାଣି। ନା ଏଥିପାଇଁ ଚଢାଉ ହେଉଛି ନା ଧରପଗଡ। ସ୍ଥାନୀୟ ରାଜସ୍ୱ ନିରିକ୍ଷକ ଅସାଧୁ ଇଟାଭାଟି ମାଲିକମାନଙ୍କ ସହିତ ଯୋଗାଯୋଗରେ ରହୁଥିବା ଲୋକେ ଅଭିଯୋଗ କରିଛନ୍ତି।

ନାଲି ଇଟା ପୋଡିବାକୁ ରାଜ୍ୟ ସରକାର ବେଆଇନ୍ ବୋଲି ଘୋଷଣା କରିଛନ୍ତି। ବେଆଇନ୍ ଇଟାଭାଟି ଦେଖାଗଲେ ତୁରନ୍ତ ତାହାକୁ ନଷ୍ଟ କରିବା ସହିତ ମୋଟା ଅଙ୍କର ଜୋରିମାନା ଆଦାୟ କରିବାକୁ ତହସିଲଦାର ମାନଙ୍କୁ ବିଭାଗୀୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ମହାକାଳପଡ଼ା ତହସିଲ ଅଧୀନରେ କିନ୍ତୁ ଏହାର ପ୍ରତିଫଳନ ଦେଖିବାକୁ ମିଳୁ ନାହିଁ। ମହାକାଳପଡ଼ା ତହସିଲ ଅଧୀନ ଜୟଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ର ସାନ ଗାଁରେ ଥିବା ଲୁଣା ନଦୀ କୂଳରେ ଏବେ ଖୋଲାଖୋଲି ଭାବେ ନାଲି ଇଟା ପ୍ରସ୍ତୁତି କରି ଅହରହ ପୋଡୁଛନ୍ତି ମାଫିଆ। ସରକାର ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନାଲି ଇଟା ଭାଟିକୁ ବନ୍ଦ କରାଯାଇଥିବା ସତ୍ତ୍ୱେ ଏଠାରେ ନିର୍ବିଘ୍ନରେ କାର୍ଯ୍ୟ ଚାଲିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି।

ସ୍ଥାନୀୟ ଲୋକ ମାନଙ୍କ କହିବା ଅନୁସାରେ ଇଟା ଭାଟିରୁ ଉଠୁଥିବା ଧୂଆଁ ପରିବେଶକୁ ଭୟାବହ ଭାବେ ପ୍ରଭାବିତ କରୁଛି। ଏହାର ପରିଣାମରେ ବାୟୁମଣ୍ଡଳରେ ମଧ୍ୟ ପ୍ରଦୂଷଣ ବଢ଼ିବାରୁ ଲୋକମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି କୁନିକୁନି ଶିଶୁ ଓ ବୟସ୍କ ଲୋକଙ୍କର ଶ୍ୱାସ ଜନିତ ସମସ୍ୟା ଦେଖାଦେଉଛି। ଏପରି ଗୁରୁତର ପରିସ୍ଥିତି ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି କଡ଼ା ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପ୍ରଶାସନ ଜାଣତରେ ମାଫିଆମାନେ ଏ ବେଆଇନ୍ କାର୍ଯ୍ୟ କରୁଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି।

# ବଙ୍ଗ ବିସ୍ଥାପିତଙ୍କୁ ଜମି ପଟ୍ଟା ପ୍ରଦାନ ନେଇ ବୈଠକ



ମହାକାଳପଡ଼ା,୨୪/୨(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକରେ ଦୀର୍ଘ ବର୍ଷ ଧରି ବସବାସ କରି ଆସୁଥିବା ବଙ୍ଗଭାଷୀ ମାନଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ ସମ୍ବନ୍ଧୀୟ ଏକ ବୈଠକ ଆଜି ରାଜସ୍ୱ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ,ଜିଲ୍ଲା ପ୍ରଶାସନ, ମହାକାଳପଡ଼ା ତହସିଲ ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ମହାକାଳପଡ଼ା ବ୍ଲକର ରାମନଗର, ଖରିନାସୀ ଏବଂ ବତୀଘର ଗ୍ରାମପଞ୍ଚାୟତରେ ଦୀର୍ଘ ବର୍ଷରୁ ବସବାସ କରିଆସୁଥିବା ବଙ୍ଗଭାଷୀମାନେ ଦୀର୍ଘ ୧୪ ବର୍ଷ ଧରି ଜମିଜମା ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଲଢ଼େଇ କରି ଆସୁଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ବିଧାୟକ ପ୍ରାର୍ଥୀ ଡଃ ଦୁର୍ଗା ପ୍ରସନ ନାୟକ ଏହି ସମସ୍ୟାର ସମାଧାନ ପାଇଁ ଆନ୍ତରିକ ଉଦ୍ୟମ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ନାୟକ ନିର୍ବାଚନ ଜିତିବା ପରେ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିଲେ। ଏ ସଙ୍କ୍ରାନ୍ତୀୟ ତୃତୀୟ ବୈଠକ ସୋମବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାକାଳପଡ଼ାର ମାନ୍ୟବର ବିଧାୟକ ଡ ଦୁର୍ଗାପ୍ରସନ ନାୟକ, ରାଜସ୍ୱ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ, ମହାକାଳପଡ଼ା ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର, ରାମଚଣ୍ଡୀ ସର୍କଲ ରାଜସ୍ୱ ନିରୀକ୍ଷକ ବିଜୟ ବେହେରା, ସ୍ଥାନୀୟ ପ୍ରତିନିଧି ତରୁଣକାନ୍ତି କାଞ୍ଜିଲାଲ, ରନି ହାଲଦାର,ବତୀଘର ସମିତି ସଭ୍ୟ କ୍ରିଷ୍ଟପଦ ମଣ୍ଡଳ, ଦେବବ୍ରତ ମିସ୍ତ୍ରୀ,ଓ ସୁମନ୍ତ ମାଝୀ ପ୍ରମୁଖ ଆଲୋଚନା କରିବା ସହ ଜମିଜମା ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଆଗାମୀ ଏକ ମାସ ମଧ୍ୟରେ ସମସ୍ତ ପ୍ରକ୍ରିୟା ପ୍ରସ୍ତୁତ କରାଯାଇ ୧୯୭୨ ମସିହା ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କଟକ ହୁକୁମ ମୁତାବକ ୧୯୭୬ ମସିହାରେ ପୁନଃବସତି ବିଭାଗ ଦ୍ୱାରା ଓଡ଼ିଶା ସରକାର ଦ୍ୱାରା ମିଳିଥିବା ଜମି ପଟ୍ଟା ଓ କେ ଫର୍ମ ତଥା ଜଙ୍ଗଲ କିସମ ଜମି ସମ୍ବନ୍ଧୀୟ ଜମିର ପଟ୍ଟା ପାଇଁ କେନ୍ଦ୍ର ସରକାର ନିକଟକୁ ଚିଠି କରାଯାଇ ଏହି ସମସ୍ୟାର ସ୍ଥାୟୀ ସମାଧାନ କରି ଅଞ୍ଚଳବାସୀଙ୍କୁ ପଟ୍ଟା ପ୍ରଦାନ କରାଯିବ ବୋଲି ଆଲୋଚନା ହୋଇଥିଲା।

# ରାଜଗଡ଼ରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଉଦ୍ଯାପିତ

ରାଜନଗର,୨୪।୨ (ସଂଚାର ବ୍ୟୁରୋ): ରାଜନଗରବ୍ଲକ ମହୁଲିଆ ପଞ୍ଚାୟତ ରାଜଗଡ଼ ଗ୍ରାମରେ ମହାଶିବରାତ୍ରୀ ଉପଲକ୍ଷେ ଶ୍ରୀ ଶ୍ରୀ ହରଗୌରୀ । ପୂଜା ଉତ୍ସବ ଓ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଦୀର୍ଘ ୫ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସୁବ୍ରତ କୁମାର ରଥ, ପଣ୍ଡିତ ମହେନ୍ଦ୍ର କୁମାର ଶତପଥୀ, ପଣ୍ଡିତ ଫକିର କୁମାର ଶତପଥୀ, ପଣ୍ଡିତ ଶୁଭେନ୍ଦୁ ନାରାୟଣ ଦାଶ, ପଣ୍ଡିତ ପବିତ୍ର କୁମାର ଷଡଙ୍ଗୀ, ପଣ୍ଡିତ ମହେନ୍ଦ୍ର କୁମାର ଶତପଥୀ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ହରଗୌରୀଙ୍କର ଷୋଡ଼ଶ ପୂଜା ଉପଚାର ସହିତ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର କଳସ ଯାତ୍ରା, ପ୍ରତ୍ୟେହ ସୂର୍ଯ୍ୟପୂଜା, ଗୋମାତା ପୂଜା, ରୁଦ୍ରାଭିଷେକ, ଯଜ୍ଞକର୍ମ, ଚଣ୍ଡୀପାଠ, ଗୀତାପାଠ ଓ ଶେଷରେ ପୁଷ୍ପାଞ୍ଜଳି ପୂର୍ଣ୍ଣାହୁତି କରାଯାଇଥିଲା। ଯଜ୍ଞର ପୁରୋଧା ଭାବେ ମନୋଜ କୁମାର ମହାନ୍ତି ଓ ତାଙ୍କ ସହଧର୍ମିଣୀ ମିନତୀ ମହାନ୍ତି ଓ ହରଗୌରୀ ପୂଜାଚର୍ନାରେ ସୁଭେନ୍ଦୁ ସ୍ୱାଇଁ ଓ ତପସ୍ୱୀନୀ ସ୍ୱାଇଁ କାର୍ଯ୍ୟ ନିର୍ବାହ କରିଥିଲେ। ଗ୍ରାମର ସମସ୍ତ ବିବାହିତ ଝିଅ ମାନଙ୍କୁ ନିମନ୍ତ୍ରଣ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଯଜ୍ଞ ପୂର୍ଣ୍ଣାହୁତି ଉତ୍ସବରେ ଯୁବ ନେତା ଗଙ୍ଗାଧର ଦାସ, ସମିତି ସଭ୍ୟ ସଂଜୟ କୁମାର ସ୍ୱାଇଁ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

# ଡାହାଣୀ, ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସ ଦୂରୀକରଣ କର୍ମଶାଳା




ବାରିପଦା,୨୪।୨ (ସଂଚାର ବ୍ୟୁରୋ): ବିଜ୍ଞାନର ଅଗ୍ରଗତି ପରେ ମଧ୍ୟ ପ୍ରାଚୀନ ଯୁଗରୁ ଗୁଣିଗାରେଡ଼ି, ଯାଦୁବିଦ୍ୟା, ତନ୍ତ୍ରସାଧନ, ଝଡ଼ାଫୁଙ୍କା ଆଦି ଅନ୍ଧବିଶ୍ୱାସ ଆଜି ବି ସମାଜରେ ଦେଖିବାକୁ ମିଳୁଛି । ଲୋକଙ୍କ ମନରୁ ଏହି ଅନ୍ଧବିଶ୍ୱାସ ଦୂର ହୋଇପାରୁନାହିଁ। ଫଳରେ ଏହାକୁ ନେଇ ବିଭିନ୍ନ ପ୍ରକାର ଅପରାଧ ଘଟୁଛି। ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ ଯୋଗୁଁ ଏବଂ ଡାହାଣୀ ବୋଲି କହି ଏକାଧିକ ନିରୀହ ଜୀବନ ମଧ୍ୟ ସଙ୍କଟାପନ୍ନ ହେଉଛି। ଏକବିଂଶ ଶତାବ୍ଦୀରେ ଏହି ଅନ୍ଧ ବିଶ୍ୱାସ ଏକ ସମ୍ବେଦନଶୀଳ ବିଷୟ ବୋଲି ମୟୁରଭଞ୍ଜ ଜିଲ୍ଲାପରିଷଦ ହଲ୍‌ରେ ଡାହାଣୀ ପ୍ରଥା ନିଷେଧ, ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସ ନିବାରଣ ପାଇଁ ଆଜି ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ସଭାକୁ ପୂର୍ବାଞ୍ଚଳ ରେଞ୍ଜ ଡିଆଇଜି ପିନାକି ମିଶ୍ର ପୌରହିତ୍ୟ କରି ଉପସ୍ଥିତ ପୋଲିସ ଅଫିସର ଏବଂ ଜିଲ୍ଲା ମାନଙ୍କର ଅନ୍ୟାନ୍ୟ ଅଫିସର ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତିନିଧି ମାନଙ୍କୁ ବିଭିନ୍ନ ଦିଗ ପ୍ରତି ସଚେତନ କରେଇଥିଲେ। ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ସ୍ୱାଗତ ଭାଷଣ ରଖି ଉପସ୍ଥିତ ସଭା କୁ କର୍ମଶାଳା ର ମହତ୍ୱ ବିଷୟରେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୟୁରଭଞ୍ଜ ଜିଲ୍ଲାର ଜିଲ୍ଲାପାଳ ହେମକାନ୍ତ ସୟ୍ ଯୋଗଦେଇ ଗୁଣିଗାରେଡ଼ି ଏବଂ ଡାହାଣୀ ପ୍ରଥାକୁ ସଚେତନତା ମାଧ୍ୟମରେ ଦୂର କରିବା ସହ ଅନ୍ଧବିଶ୍ୱାସ ଦୂରୀକରଣ ସମ୍ପର୍କରେ ବ୍ୟାପକ ସଚେତନତା କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏହାସହ ଆଧୁନିକ ଯୁଗରେ ଏହି ସାମାଜିକ ବ୍ୟାଧି ପ୍ରତି ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ । ବିଭିନ୍ନ ପ୍ରସଙ୍ଗରେ ଅନୁଷ୍ଠିତ ୬ଟି ସତ୍ରରେ ପୂର୍ବତନ ସୂଚନା କମିଶନର ଶସିପ୍ରଭା ବିନ୍ଧାଣୀ, ଅବସରପ୍ରାପ୍ତ ବିଚାରପତି ନମିତା ଦାସ, ବରିଷ୍ଠ ସମାଜସେବୀ ଆଦିତ୍ୟ ପଟ୍ଟନାୟକ, ମମତାମୟୀ ବିଶ୍ୱାଳ, ସିଡ଼ିପିଓ, ମୟୁରଭଞ୍ଜ, ପ୍ରଧ୍ୟାପକ ଡ଼ ସୁଜୋୟ କୁଣ୍ଡୁ ପ୍ରମୁଖ ଯୋଗଦେଇ ଗୁଣିଗାରେଡିର ଭୟାବୟତା ସମ୍ପର୍କରେ ଅବଗତ କରିଥିଲେ।

# କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କର ୩୯ତମ ସ୍ୱନକ୍ଷତ୍ର ଦିବସ
## ଜିଲ୍ଲାରେ ଖୋଲା ହେବ ୪ ନୂଆ ଶାଖା




କେନ୍ଦ୍ରାପଡା,୨୪।୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ୩୯ତମ ସ୍ୱନକ୍ଷତ୍ର ଦିବସ ଉତ୍ସବ ବ୍ୟାଙ୍କ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ବ୍ୟାଙ୍କର ସଭାପତି ଗୁରୁ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାଙ୍କର ପ୍ରତିଷ୍ଠାତା ସଭାପତି ଭାଗବତ ପ୍ରସାଦ ମହାନ୍ତି ଓ ସମବାୟ ଆନ୍ଦୋଳନର ଆଦ୍ୟ ପ୍ରବର୍ତ୍ତକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିକୃତି ନିକଟରେ ପୁଷ୍ପାର୍ଘ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା ।

ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ପ୍ରାରମ୍ଭିକ ସୂଚନା ଦେବାପରେ ସଭାପତି ଶ୍ରୀ ମହାନ୍ତି ବ୍ୟାଙ୍କର ବିଭିନ୍ନ ଆର୍ଥିକ ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ । ବ୍ୟାଙ୍କର ଏଚଏଏଫ କଟକଣା ହଟି ଯାଇଥିବାରୁ ବ୍ୟାଙ୍କର କାର୍ଯ୍ୟକାରୀ ପରିସୀମା, ଶାଖା ସଂପ୍ରସାରଣ, ଅଂଶୀଦାର ମାନଙ୍କୁ ଲାଭାଂଶ ବଣ୍ଟନ, ବ୍ୟାଙ୍କର କ୍ୟାପିଟାଲ ଏକ୍ସପେନଡିଚର କଟକଣା ହ୍ରାସ ଇତ୍ୟାଦି ବହୁ ପ୍ରତିବନ୍ଧକ ହଟି ଯାଇଥିବାରୁ ଆଗାମୀ ଦିନରେ ଜିଲ୍ଲାରେ ୪ଟି ନୂଆ ଶାଖା ଖୋଲାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ। ରିଜର୍ଭ ବ୍ୟାଙ୍କ ଦ୍ୱାରା ଏହି ବ୍ୟାଙ୍କ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ଓ ଉତମ ପରିଚାଳିତ ବ୍ୟାଙ୍କ ଭାବରେ ମାନ୍ୟତା ପାଇ ଥିବାରୁ ଆନନ୍ଦ ପ୍ରକାଶ ପାଇଥିଲା । ଭାରତ ସରକାରଙ୍କ ଅମ୍ବ୍ରେଲା ଅରଗାନାଇଜେସନ ଦ୍ୱାରା ଦେଶର ୧୪ଟି ଅନ୍ୟ ଅର୍ବାନ ବ୍ୟାଙ୍କ ସହିତ ଏହି ବ୍ୟାଙ୍କ ସଫ୍ଟୱେୟାର ସିଲେକସନ ପାଇଁ ମନୋନିତ ହୋଇଥିବାରୁ ସଭାପତି ସାଧୁବାଦ ଜଣାଇଥିଲେ । ବ୍ୟାଙ୍କର ନେଟ ଏନପିଏ ୦% ଓ ଗ୍ରସ ଏନପିଏ ୧୧% ଥିବା ସଭାପତି ପ୍ରକାଶ କରିବା ସହ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହାକୁ ୭%କୁ ହ୍ରାସ କରିବାକୁ ନିଷ୍ପତି ନିଆ ଯାଇଥିବା ଜଣାଇଥିଲେ ।

# ପ୍ର. ଉମାକାନ୍ତ ପାତ୍ର ଏଆଇଏଫୟୁସିଟି ଓ ଜାତୀୟ ଉପସଭାପତି ନିଯୁକ୍ତ



ପଟ୍ଟାମୁଣ୍ଡାଇ,୨୪।୨ (ସଂଚାର ବ୍ୟୁରୋ): ଓଡିଶାର ଜଣାଶୁଣା ଶିକ୍ଷକନେତା ତଥା ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ଅଖିଳ ଭାରତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ ସଂଗଠନ (ଏଆଇଏଫୟୁସିଟିଓ)ର ସର୍ବଭାରତୀୟ ଉପସଭାପତି ଭାବେ ୨ୟ ଥର ନିର୍ବାଚିତ ହୋଇଛନ୍ତି। ଏହି ଉପଲକ୍ଷେ ସଂଗଠନର ମଦୁରାଇ ଠାରେ ଆୟୋଜିତ ସର୍ବଭାରତୀୟ ସମ୍ମିଳନୀରେ ଅନୁଷ୍ଠିତ ନିର୍ବାଚନରେ ପ୍ରଫେସର ପାତ୍ର ଭାଗ ନେଇ ଏଆଇଏଫୟୁସିଟିଓର ସର୍ବଭାରତୀୟ ଉପସଭାପତି ଭାବେ ୨ୟ ଥର ନିର୍ବାଚିତ ହୋଇ ଓଡିଶା ରାଜ୍ୟ କେନ୍ଦ୍ରାପଡ଼ା ଜିଲ୍ଲା ଓ ପଟ୍ଟାମୁଣ୍ଡାଇ ରାଜନଗର ଅଂଚଳ ପାଇଁ ଗୌରବ ଆଣିଛନ୍ତି । ଓଡିଶାର ଜଣାଶୁଣା ଲଢୁଆ ଶିକ୍ଷକ ନେତା ଭାବେ ପ୍ରଫେସର ପାତ୍ର ଶିକ୍ଷକ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ନୀରବଚ୍ଛିନ୍ନ ସଂଗ୍ରାମ କରିଆସୁଛନ୍ତି । ପ୍ରଫେସର ପାତ୍ର ସମ୍ପ୍ରତି ଏଓଏନ ଜିସିଟିଏ ସଂଗଠନର ରାଜ୍ୟ ସମ୍ପାଦକ ଭାବେ ନିଷ୍ଠାର କାର୍ଯ୍ୟ କରି ପ୍ରଶଂସାଭାଜନ ହୋଇଛନ୍ତି। ସର୍ବଭାରତୀୟ ଶିକ୍ଷକ କର୍ମଚାରୀ ସଂଗଠନର ଉପସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ପ୍ରଫେସର ପାତ୍ରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ୪୮ ଘଣ୍ଟା ପରେ ମଧ୍ୟ ମହିଳାଙ୍କ ମୃତ୍ୟୁ ଉପରୁ ଉଠି ପାରୁନି ସସ୍‌ପେନ୍ସ



ପାରାଦୀପ,୨୪।୨(ସଂଚାର ବ୍ୟୁରୋ): କିଏ ସେ ମହିଳା, ତାଙ୍କ ନାମ କଣ ଓ ତାଙ୍କ ଘର କେଉଁଠି। ଦିର୍ଘ ୪୮ ଘଣ୍ଟା ପରେ ମଧ୍ୟ ତାଙ୍କ ଉପରୁ ଉଠି ପାରୁନି ସସପେନ୍ସ। ପାରାଦୀପ ତାରେଣୀଗଡ଼ା ଚାରି ମହଲା ଛାତ ଉପରକୁ ସେ ଗଲେ କିପରି ଓ ତାଙ୍କ ମୃତ୍ୟୁ ହେଲା କାହିଁକି। ୭ ଜଣଙ୍କୁ ଅଟକ ରଖି ଯାହାର ଖିଅ ଏବେବି ପୋଲିସ ଖୋଜୁଛି। ଗତକାଲି ସକାଳୁ ପାରାଦୀପ ତାରେଣୀଗଡ଼ା ସମ୍ଭୁ ଖୁଣ୍ଟିଆଙ୍କ ଚାରି ମହଲା ଘର ତଳୁ ଅଜଣା ଯୁବତୀଙ୍କ ଶବ କୁ ନେଇ ଏବେବି କିଛି ଟେର ପାଇ ପାରୁନି ପୋଲିସ। ଛାତ ତଳେ ମହିଳାଙ୍କ ଶବ ଆଉ ଛାତ ଉପରେ ଚପଲ | ଘର କାନ୍ଥରେ ଲାଗିଥିଲା ଦେହର ଅଧା ଚିରା ବସ୍ତ୍ର | ଏହି ଘର ଭିତରେ ଥିବା ସିଡି ଚଢି ଛାତ ଉପରକୁ କିଭଳି ଗଲେ ମହିଳା। ଯାହାର ଖିଅ ପାଇବା ପାଇଁ ନାକେଦମ ହେଲାଣି ପାରାଦୀପ ଆଦର୍ଶ ଥାନା ପୋଲିସ। ସମ୍ଭୁ ଖୁଣ୍ଟିଆଙ୍କ ଘରେ ଚାରିଦିନ ହେବ କିଛି ବ୍ୟାଚଲର ପିଲା ଭଡା ରହୁଥିବା ବେଳେ ଘର ମାଲିକ ସମ୍ଭୁ ଖୁଣ୍ଟିଆ ସହ ୬ଜଣଙ୍କୁ ପୋଲିସ ଉଠାଇ ନେଇ ଆରମ୍ଭ କରିଛି ପଚରାଉଚରା। ଘର ଆଖ ପାଖ ଅଞ୍ଚଳରୁ ସିସିଟିଭି ଦେଖି ପୋଲିସ ମୃତ ମହିଳାଙ୍କ ପରିଚୟ ଖୋଜୁଥିବା ବେଳେ ମହିଳାଙ୍କ ମୋବାଇଲ, ଭ୍ୟାନିଟ ବ୍ୟାଗ କୁଆଡେ ଗଲା ତାହା ଜଣାପଡୁନାହିଁ। ତାରେଣୀଗଡ଼ା ଓ ଏହାର ଆଖପାଖରେ ଥିବା ସ୍ପା ସେଣ୍ଟର ସହ ଅନେକ ଘରେ ଚଢାଉ କରି ପୂର୍ବରୁ ପୋଲିସ ଅନେକବାର ଦେହ ବ୍ୟବସାୟର ଗୁମର ଖୋଲିଥିବା ବେଳେ ଏ ସେପରି ଘଟଣା ନୁହେଁ ତ ବୋଲି ମଧ୍ୟ ସନ୍ଦେହ ପ୍ରକାଶ ହେଲାଣି। ହେଲେ ଘର ମାଲିକ ଏହି ମୃତ ମହିଳାଙ୍କୁ ଜାଣିନଥିବା କହୁଥିବା ବେଳେ ତାଙ୍କ ଘର ଛାତ ଉପରକୁ ସମ୍ପୃକ୍ତ ମହିଳା ଗଲେ କିପରି। ତାଙ୍କ ସହ ଗଣ ଦୁଷ୍କର୍ମ ହେବାପରେ ତାଙ୍କୁ ଛାତ ଉପରୁ ଠେଲି ମାରି ଦିଆଯାଇନାହିଁ ତ ବୋଲି ସାଧାରଣରେ ପ୍ରଶ୍ନ ମଧ୍ୟ ଉଙ୍କି ମାରିଲାଣି। ଅପରିଚିତ ମହିଳାଙ୍କ ମୃତ୍ୟୁ ର ରହସ୍ୟ ଭେଦ କରି ପାରିବ ତ ପାରାଦୀପ ପୋଲିସ | କେବେ ମିଳିବ ତାଙ୍କ ପରିଚୟ ଓ କେମିତି ଖୋଲିବ ତାଙ୍କ ମୃତ୍ୟୁର ପେଡ଼ି ତାହା କେବଳ ସମୟ କହିବ |

# ଗରଦପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
## ଜନସମସ୍ୟା ଅମୀମାଂସିତ, ପ୍ରଶାସନ ଉପରେ ଅସନ୍ତୋଷ




ଗରଦପୁର,୨୪।୨(ସଂଚାର ବ୍ୟୁରୋ): ଗରଦପୁର ବ୍ଲକଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲେ ମଧ୍ୟ, ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଜିଲ୍ଲାପାଳ ଓ ଏସପି ନିଜେ ଉପସ୍ଥିତ ନଥିବାରୁ ଶିବିରଟି ଲୋକଙ୍କ ଦୃଷ୍ଟିରେ ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି । ସେମାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିବିର ପରିଚାଳନା କରିଥିଲେ ।

ଶିବିରରେ ମୋଟ ୭୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୬୮ଟି ବ୍ୟକ୍ତିଗତ ଓ ୧୧ଟି ସାମୂହିକ ଅଭିଯୋଗ ଥିଲା । ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ମୋଟ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ କେବଳ ୮ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା । ଅନ୍ୟାନ୍ୟ ଅଭିଯୋଗଗୁଡ଼ିକୁ ଶୀଘ୍ର ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ତଥାପି, ବର୍ଷ ବର୍ଷ ଧରି ଅଭିଯୋଗ କରିଲେ ମଧ୍ୟ ସମସ୍ୟାର ସମାଧାନ ହେଉନଥିବାରୁ ଲୋକମାନଙ୍କ ମଧ୍ୟରେ ନିରାଶା ବଢ଼ିଛି । ଅନେକ ଅଭିଯୋଗ କେବଳ ଫାଇଲ ମଧ୍ୟରେ ସୀମିତ ରହିଯାଉଥିବା ବେଳେ, ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଷ୍ଟାଫ ଅଭାବ ଓ ଅନଭିଜ୍ଞ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ପରିଚାଳନା ହେଉଥିବା ଅଭିଯୋଗ ଉଠିଛି । ଚାଷୀମାନଙ୍କ ସମସ୍ୟା ମଧ୍ୟ ଗୁରୁତର ରୂପ ନେଇଛି । କେନାଲରେ ପାଣି ନ ଆସିବାରୁ ମୁଗ ଫସଲ ନଷ୍ଟ ହୋଇଥିବା ବେଳେ ପାଣି ଅଭାବରୁ ଚାଷ କାମ ବାଧାପ୍ରାପ୍ତ ହେଉଛି । ପୋଖରୀ ଖନନ କରିଥିଲେ ମଧ୍ୟ ଚାଷୀମାନେ ବିଲ ପାଇନଥିବା ଅଭିଯୋଗ କରିଛନ୍ତି । ସାଲାଇନ ଘୋଷଣା ପରେ ମଧ୍ୟ ପ୍ରଶାସନ ପକ୍ଷରୁ ପ୍ରୟୋଜନୀୟ ପଦକ୍ଷେପ ନେଇନଥିବା ଅଭିଯୋଗ ହୋଇଛି।

ଏହାସହ ଅଞ୍ଚଳର ବହୁ ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ସେଗୁଡ଼ିକ ମରଣଜନ୍ତା ପାଲଟିଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। କ୍ୟାନସର ପୀଡ଼ିତ କଳ୍ପନା ପଣ୍ଡାଙ୍କ ଭତା ଆକାଉଣ୍ଟ ବନ୍ଦ ହୋଇଥିବାରୁ ସେ ଭତା ଟଙ୍କା ପାଇପାରୁନଥିବା ବେଳେ, ଅନ୍ୟପଟେ ଜୟଶ୍ରୀ ଦାଶ ଆୟୁଷ୍ମାନ କାର୍ଡ ସମସ୍ୟା ଯୋଗୁଁ ବାଧ୍ୟ ହୋଇ ସୁଧରେ ଋଣ ନେଇ ଚିକିତ୍ସା କରାଇଥିବା ଜଣାପଡ଼ିଛି। ଏହାଛଡ଼ା ବର୍ଷ ବର୍ଷ ଧରି ଜମି ଡିମାରକେସନ ହୋଇନଥିବାରୁ ତହସିଲ କାର୍ଯ୍ୟାଳୟର କାର୍ଯ୍ୟପ୍ରଣାଳୀ ଉପରେ ମଧ୍ୟ ପ୍ରଶ୍ନ ଉଠିଛି।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ବୁଧବାର ୨୫ ଫେବୃଆରୀ ୨୦୨୬, ଭୁବନେଶ୍ୱର
Wednesday 25 February 2026, Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଅପମିଶ୍ରିତ ଖାଦ୍ୟ ଏକ ଗମ୍ଭୀର ସମସ୍ୟା

ଆଧୁନିକ ସମାଜରେ ଖାଦ୍ୟ ସୁରକ୍ଷା ଏକ ପ୍ରମୁଖ ଚିନ୍ତାର ବିଷୟ ହୋଇପଡ଼ିଛି। କିନ୍ତୁ ଭାରତରେ, ବିଶେଷକରି ଓଡ଼ିଶାରେ, ଅପମିଶ୍ରିତ ଖାଦ୍ୟ ସମସ୍ୟା ଏକ ମହାମାରୀର ରୂପ ନେଇଛି। ଖାଦ୍ୟରେ ମିଶ୍ରଣ କରାଯାଉଥିବା ରାସାୟନିକ ପଦାର୍ଥ, ଗୁଣବତ୍ତାକୁ ଅଣଦେଖା କରୁଛନ୍ତି। ଫଳରେ, ସାଧାରଣ ଲୋକମାନେ କ୍ୟାନସର୍, କିଡନୀ ଓ ଲିଭର୍ ସମସ୍ୟା ଭଳି ରୋଗର ଶିକାର ହେଉଛନ୍ତି। ବିଶେଷକରି ଶିଶୁ ଏବଂ ବୃଦ୍ଧମାନେ ଏହି ଅପମିଶ୍ରିତ ଖାଦ୍ୟରେ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି।



ରଙ୍ଗ, ପ୍ରିଜର୍ଭେଟିଭ୍ ଏବଂ ଅନ୍ୟାନ୍ୟ ହାନିକାରକ ଉପାଦାନଗୁଡ଼ିକ ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତର କ୍ଷତି ପହଞ୍ଚାଉଛି। ସରକାରୀ ନିୟନ୍ତ୍ରଣର ଅଭାବ ଏହି ସମସ୍ୟାକୁ ଆହୁରି ଜଟିଳ କରିଛି। ଏହା କେବଳ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ବରଂ ସାମାଜିକ ଏବଂ ଅର୍ଥନୈତିକ ଅସମାନତାର ଏକ ପ୍ରତିଫଳନ।

ପ୍ରଥମେ, ଅପମିଶ୍ରିତ ଖାଦ୍ୟର ପ୍ରକାରଗୁଡ଼ିକ ବିଷୟରେ ଆଲୋଚନା କରାଯାଉ। ଦୁଧରେ ପାଣି ମିଶ୍ରଣ, ହଳଦୀରେ ଲେଡ୍ କ୍ରୋମେଟ୍, ମସଲାରେ କୃତ୍ରିମ ରଙ୍ଗ, ଫଳ ଏବଂ ପନିପରିବାରେ କାର୍ବାଇଡ୍ କିମ୍ବା ଅନ୍ୟାନ୍ୟ ରାସାୟନିକ ପ୍ରୟୋଗ - ଏସବୁ ସାଧାରଣ ହୋଇପଡ଼ିଛି। ଏହି ମିଶ୍ରଣ କରିବାର ମୁଖ୍ୟ କାରଣ ହେଉଛି ଲାଭର ଲୋଭ। ଅସାଧୁ ବ୍ୟବସାୟୀମାନେ ଅଧିକ ଲାଭ ପାଇଁ ଖାଦ୍ୟର

ଏହି ସମସ୍ୟାର ମୂଳ କାରଣ ହେଉଛି ସରକାରୀ ନିୟନ୍ତ୍ରଣର ଅଭାବ। ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫଏସଏସଏଆଇ) ଭଳି ସଂସ୍ଥା ଥାଇ ମଧ୍ୟ ତାହାର କାର୍ଯ୍ୟକାରିତା ଅତ୍ୟନ୍ତ ଦୁର୍ବଳ। ଓଡ଼ିଶାରେ ଖାଦ୍ୟ ନିରୀକ୍ଷଣ ବିଭାଗର କର୍ମଚାରୀଙ୍କ ଅଭାବ, ପରୀକ୍ଷାଗାରର ଅପର୍ଯ୍ୟାପ୍ତ ସୁବିଧା ଏବଂ ଦୁର୍ନୀତି ଏହି ସମସ୍ୟାକୁ ଆହୁରି ବଢ଼ାଉଛି। ଅନେକ ସମୟରେ ନମୁନା ସଂଗ୍ରହ କରାଯାଏ ନାହିଁ କିମ୍ବା ପରୀକ୍ଷା ରିପୋର୍ଟ ବିଳମ୍ବରେ ଆସେ। ଏହା ଫଳରେ ଅପରାଧୀମାନେ ବାରମ୍ବାର ଏହି କାର୍ଯ୍ୟ କରିବାରେ ସଫଳ ହେଉଛନ୍ତି। ଉଦାହରଣ ସ୍ୱରୂପ, କଟକ ଏବଂ ଭୁବନେଶ୍ୱରରେ ହୋଟେଲ୍ ଏବଂ ରେସ୍ତୋରାଁରେ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବାର ଅନେକ ଘଟଣା ଘଟିଛି, କିନ୍ତୁ କଠୋର କାର୍ଯ୍ୟାନୁଷ୍ଠାନ ନେବାରେ ସରକାର ବିଫଳ ହୋଇଛନ୍ତି। କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବାରୁ ଏହାର ପରିଣାମ ଅତ୍ୟନ୍ତ ଭୟଙ୍କର। ଅପମିଶ୍ରିତ ଖାଦ୍ୟ କେବଳ ବ୍ୟକ୍ତିଗତ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ନାହିଁ, ବରଂ ରାଷ୍ଟ୍ରର ଅର୍ଥନୀତିକୁ ମଧ୍ୟ କ୍ଷତିଗ୍ରସ୍ତ କରୁଛି। ଚିକିତ୍ସା ଖର୍ଚ୍ଚ ବଢ଼ିବା ସହିତ କାର୍ଯ୍ୟକ୍ଷମତା ହ୍ରାସ ପାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ, ପ୍ରତିବର୍ଷ ଲକ୍ଷାଧିକ ଲୋକ ଭେଜାଲ ଖାଦ୍ୟ କାରଣରୁ ମୃତ୍ୟୁବରଣ କରୁଛନ୍ତି। ଓଡ଼ିଶାରେ ଗ୍ରାମାଞ୍ଚଳରେ ଏହି ସମସ୍ୟା ଆହୁରି ଗମ୍ଭୀର, ଯେଉଁଠାରେ ସଚେତନତାର ଅଭାବ ରହିଛି। ଗରିବ ପରିବାରଗୁଡ଼ିକ ଅପମିଶ୍ରିତ ଖାଦ୍ୟ କିଣିବାକୁ ବାଧ୍ୟ ହେଉଛନ୍ତି, ଯାହା ସାମାଜିକ ଅସମାନତାକୁ ବଢ଼ାଉଛି।

ଏହି ସମସ୍ୟାର ସମାଧାନ ପାଇଁ କଠୋର ପଦକ୍ଷେପ ଆବଶ୍ୟକ। ପ୍ରଥମେ, ସରକାର ଖାଦ୍ୟ ନିରୀକ୍ଷଣ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ଉଚିତ। ଅଧିକ କର୍ମଚାରୀ ନିଯୁକ୍ତି, ଆଧୁନିକ ପରୀକ୍ଷାଗାର ସ୍ଥାପନ ଏବଂ ନିୟମିତ ଚଢ଼ାଉ ଅଭିଯାନ ଏକାନ୍ତ ଜରୁରୀ। ଦ୍ୱିତୀୟତଃ, ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଅଭିଯାନ ଚଳାଇବା ଦରକାର। ସ୍କୁଲ ଏବଂ କଲେଜରେ ଖାଦ୍ୟ ସୁରକ୍ଷା ବିଷୟରେ ଶିକ୍ଷା ଦିଆଯାଉ। ତୃତୀୟତଃ, ଅପରାଧୀଙ୍କ ବିରୋଧରେ କଠୋର ଦଣ୍ଡ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉ। ଏହା ସହିତ ସ୍ୱଚ୍ଛ ଖାଦ୍ୟ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ସରକାରୀ ଯୋଜନା ଆରମ୍ଭ କରାଯାଉ।

ଶେଷରେ, ଅଦୂଷିତ ଖାଦ୍ୟ ଉପରେ ନିୟନ୍ତ୍ରଣର ଅଭାବ ଏକ ରାଷ୍ଟ୍ରୀୟ ସଙ୍କଟ। ଏହାକୁ ଅଣଦେଖା କରିବା ଅର୍ଥ ଭବିଷ୍ୟତ ପିଢ଼ିର ସ୍ୱାସ୍ଥ୍ୟକୁ ବିପଦରେ ପକାଇବା। ସରକାର, ସମାଜ ଏବଂ ବ୍ୟକ୍ତିଗତ ସ୍ତରରେ ଏକତ୍ରିତ ପ୍ରୟାସ ଦ୍ୱାରା ହିଁ ଏହି ସମସ୍ୟାର ସମାଧାନ ସମ୍ଭବ। ଆମେ ସମସ୍ତେ ଏକ ସ୍ୱଚ୍ଛ ଏବଂ ସୁରକ୍ଷିତ ଖାଦ୍ୟ ବ୍ୟବସ୍ଥା ଗଢ଼ିବା ପାଇଁ ପ୍ରତିଜ୍ଞା କରିବା।

# ସନାତନ ଧର୍ମରେ ନମ୍ରତା ସର୍ବୋଚ୍ଚ ଗୁଣ ଓ ଚିରନ୍ତନ ସତ୍ୟ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ସନାତନ ଧର୍ମରେ ନମ୍ରତାକୁ ସର୍ବୋଚ୍ଚ ଗୁଣ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ପ୍ରକୃତି ଆମକୁ ନିରନ୍ତର ଶିଖାଇଥାଏ ଯେ ଫଳପୂର୍ଣ୍ଣ ଗଛଗୁଡ଼ିକ ପୃଥିବୀ ଆଡକୁ ବଙ୍କା ହୋଇଯାଏ, ଯେତେବେଳେ ଫଳହୀନ ଶୁଖିଲା ଗଛ ସିଧା ଠିଆ ହୁଏ। ଏହି ସମାନ ନୀତି ମାନବ ଜୀବନରେ ପ୍ରଯୁଜ୍ୟ। ଜ୍ଞାନୀ ଏବଂ ସଦାଚାରୀ ଲୋକମାନେ ସର୍ବଦା ନମ୍ର ହୁଅନ୍ତି, ଯେତେବେଳେ ଅଜ୍ଞାନୀମାନେ ଅହଂକାରରେ ରୁହନ୍ତି। ଆମର ପ୍ରତ୍ୟେକ ଶାସ୍ତ୍ରରେ ନମ୍ରତା କୁ ଗୁରୁତ୍ୱ ଦିଆଯାଇଛି। ଭଗବଦଗୀତାରେ, ଭଗବାନ ଶ୍ରୀକୃଷ୍ଣ ସ୍ପଷ୍ଟ ଭାବରେ କହିଛନ୍ତି ଯେ ନମ୍ରତା ହେଉଛି ଜ୍ଞାନର ପ୍ରଥମ ପାହାଚ। ଗୀତାର ତ୍ରୟୋଦଶ ଅଧ୍ୟାୟରେ କୁହାଯାଇଛି, "ଅମାନିତତ୍ୱମ୍ ଆଦମଭୀତତ୍ୱମ୍," ଅର୍ଥାତ୍, "ଅହଂକାରମୁକ୍ତ ଏବଂ ଗର୍ବମୁକ୍ତ ହେବା ଜ୍ଞାନର ଲକ୍ଷଣ। ଯିଏ ଶ୍ରେଷ୍ଠତାର ଭାବନାକୁ ପରିତ୍ୟାଗ କରେ ସେ ପ୍ରକୃତରେ ଜ୍ଞାନୀ। ମନୁ ସ୍ମୃତିରେ କୁହାଯାଇଛି ଯେ ଜଣେ ବିଦ୍ୱାନ ବ୍ୟକ୍ତି ସର୍ବଦା ନମ୍ର ରହିବା ଉଚିତ। ଯେପରି ଧାନ କାନ ପାଚିବା ପରେ ବଙ୍କା ହୁଏ, ସେହିପରି ଜ୍ଞାନ ଅର୍ଜନ କରିବା ପରେ, ଜଣେ ବ୍ୟକ୍ତି ଆହୁରି ନମ୍ର ହେବା ଉଚିତ। ଏହି ନମ୍ରତା ହେଉଛି ତାଙ୍କର ପ୍ରକୃତ ସମ୍ପତ୍ତି।

ଆମର ଅତି ପ୍ରିୟ ତଥା ଅତି ସାମାଜିକ ଶିକ୍ଷଣୀୟ ମହାନ୍ ଶାସ୍ତ୍ର ରାମାୟଣରୁ ନମ୍ରତା ବିଷୟରେ ପ୍ରେରଣା ଦେଇଥାଏ। ଭଗବାନ ଶ୍ରୀ ରାମ ନମ୍ରତାର ଅବତାର ଥିଲେ। ରାଜା ହେବା ସତ୍ତ୍ୱେ, ସେ ନିଷାଦରାଜ କେଓ୍ୱଟଙ୍କ ପାଦ ଧୋଇବାକୁ ରାଜି ହୋଇଥିଲେ। ସେ ଶାବରୀଙ୍କ ବଳକା ଜାମୁକୁ ପ୍ରେମର ସହିତ ଗ୍ରହଣ କରିଥିଲେ। ହନୁମାନଜୀଙ୍କ ପରି ଜଣେ ମହାନ ଯୋଦ୍ଧା ଏବଂ ବିଦ୍ୱାନ ମଧ୍ୟ ତାଙ୍କ ନମ୍ରତାରେ ଆକର୍ଷିତ ହୋଇଥିଲେ। ରାମଙ୍କ ସମଗ୍ର ଜୀବନ ଶିକ୍ଷା ଦିଏ ଯେ ଶକ୍ତି ଏବଂ ପଦବୀ ନମ୍ରତାକୁ ବାଧା ଦେବା ଉଚିତ୍ ନୁହେଁ, ବରଂ ଏହାକୁ ବୃଦ୍ଧି କରିବା ଉଚିତ୍। ସେହିପରି ମହାନ ଶାସ୍ତ୍ର ମହାଭାରତରୁ ମଧ୍ୟ ଶିକ୍ଷା ମିଳିଥାଏ। ମହାଭାରତରେ, ଭୀଷ୍ମ ପିତାମହ, ଯୁଧିଷ୍ଠିରଙ୍କୁ ଉପଦେଶ ଦେବା ସମୟରେ କହିଥିଲେ ଯେ ନମ୍ରତା ହେଉଛି ରାଜାଙ୍କର ସର୍ବଶ୍ରେଷ୍ଠ ଅଳଙ୍କାର। ଦୁର୍ଯ୍ୟୋଧନର ପତନ ତାଙ୍କ ଅହଂକାର, ଯେତେବେଳେ ପାଣ୍ଡବମାନଙ୍କର ବିଜୟ ସେମାନଙ୍କର ନମ୍ରତା ଏବଂ ଧର୍ମ ପ୍ରତି ସମର୍ପଣ ଯୋଗୁଁ ହୋଇଥିଲା। ସ୍ୱୟଂ ଈଶ୍ୱର ହେବା ସତ୍ତ୍ୱେ, ଶ୍ରୀକୃଷ୍ଣ ଅର୍ଜୁନଙ୍କ ସାରଥି ହୋଇଥିଲେ- ଏହା ନମ୍ରତାର ଏକ ଜ୍ୱଳନ୍ତ ଉଦାହରଣ।

ମନୁଷ୍ୟ ଜୀବନରେ ଅହଂକାର ତାହାର ପତନର ମୁଖ୍ୟ ପଥ ଯାହା ଧୀରେ ଧୀରେ ମଣିଷକୁ ତଳକୁ ତଳକୁ ନେଇଯାଏ। ଯେପରି ରାମାୟଣ କାହାଣୀରେ ରାବଣ ଦଶ ମୁଣ୍ଡିଆ, ଉଚ୍ଚ ବିଦ୍ୱାନ ବ୍ୟକ୍ତି ଥିଲେ, କିନ୍ତୁ ତାଙ୍କର ଅହଂକାର ତାଙ୍କର ପତନକୁ ନେଇଗଲା। କଂସ ଏବଂ ହିରଣ୍ୟକଶିପୁ ଭଳି ରାକ୍ଷସମାନଙ୍କର ପତନ ମଧ୍ୟ ଅହଂକାର ଯୋଗୁଁ ଘଟିଥିଲା। ଉପନିଷଦ କହେ, "ଅହଙ୍କାରୋ ମୃତ୍ୟୁଃ", ଅର୍ଥାତ୍ ଅହଂକାର ହେଉଛି ମୃତ୍ୟୁ। ଯେଉଁ ବ୍ୟକ୍ତି ନିଜକୁ ଶ୍ରେଷ୍ଠ ମନେ କରେ ସେ ପ୍ରକୃତରେ ଆଧ୍ୟାତ୍ମିକ ଭାବରେ ମୃତ। ସନ୍ତ କବୀର କହିଥିଲେ, "ତିଳରେ ତେଲ ପରି, ଚଳକ ପଥରରେ ଅଗ୍ନି ପରି। ତୁମର ଈଶ୍ୱର ତୁମ ଭିତରେ ଅଛନ୍ତି; ଯଦି ତୁମେ ଜାଗ୍ରତ ହୋଇପାର, ତେବେ ଜାଗ୍ରତ ହୁଅ।" ନମ୍ରତା ହେଉଛି ସେହି ଚାବି ଯାହା ହୃଦୟର ଦ୍ୱାର ଖୋଲିଦିଏ। ଜଣେ ନମ୍ର ବ୍ୟକ୍ତି ସମସ୍ତଙ୍କ ଦ୍ୱାରା ଭଲ ପାଆନ୍ତି ଏବଂ ସହଜରେ ଜ୍ଞାନ ପ୍ରାପ୍ତ କରନ୍ତି। ତୁଳସୀଦାସ ଲେଖିଛନ୍ତି, "ନମ୍ର ନମ୍ର ନ ହୋଇ ତିନି ଦିନ ପାଇଁ ସମୁଦ୍ର ଅସ୍ତ ହୋଇଯାଏ।" ପ୍ରକୃତି, ସମୁଦ୍ର ପରି ଜଡ, ନମ୍ରତା ଦ୍ୱାରା ପ୍ରଭାବିତ ହୁଏ।

ପ୍ରତ୍ୟେକ ମଣିଷ ଜୀବନରେ ନମ୍ରତାର ଅଭ୍ୟାସ କରିବା ନାଲ ନିତ୍ୟାନ୍ତ ଆବଶ୍ୟକ। ନମ୍ରତା କେବଳ ଶବ୍ଦରେ ନୁହେଁ ବରଂ କାର୍ଯ୍ୟରେ ମଧ୍ୟ ପ୍ରକାଶିତ ହେବା ଉଚିତ। ଛୋଟ ଏବଂ ବୃଦ୍ଧ ସମସ୍ତଙ୍କ ପାଇଁ ସମ୍ମାନ, ନିଜ କୃତିତ୍ୱର ଗର୍ବ ନ କରିବା, ଅନ୍ୟମାନଙ୍କ କଥା ଧ୍ୟାନ ଦେଇ ଶୁଣିବା ଏବଂ ନିଜର ଭୁଲ ସ୍ୱୀକାର କରିବା - ଏସବୁ ନମ୍ରତାର ଲକ୍ଷଣ। ଧ୍ୟାନ ଏବଂ ଆତ୍ମ-ପ୍ରତିଫଳନ ମାଧ୍ୟମରେ ନମ୍ରତା ବିକଶିତ ହୁଏ। ସନାତନ ଧର୍ମର ମୂଳ ବାର୍ତ୍ତା ହେଉଛି ଯେ ପ୍ରକୃତ ମହାନତା ନମ୍ରତାରେ ରହିଛି। ଯେପରି ଏକ ନଦୀ ସମୁଦ୍ରରେ ମିଶିବା ପାଇଁ ନିମ୍ନଗାମୀ ପ୍ରବାହିତ ହୁଏ, ସେହିପରି ଜଣେ ନମ୍ର ବ୍ୟକ୍ତି ଈଶ୍ୱରଙ୍କ ସହିତ ମିଶିଯାଏ। ଫଳବାନ ବୃକ୍ଷ ଏବଂ ଜଣେ ସଦ୍ଗୁଣ ବ୍ୟକ୍ତିଙ୍କୁ ପ୍ରଣାମ କରିବା ଦୁର୍ବଳତାର ଲକ୍ଷଣ ନୁହେଁ, ବରଂ ସେମାନଙ୍କର ପରିପକ୍ୱତା ଏବଂ ସମୃଦ୍ଧିର ପ୍ରତୀକ। ତେଣୁ, ଆମକୁ ଅହଂକାର ପରିତ୍ୟାଗ କରି ନମ୍ରତାର ପଥରେ ଚାଲିବାକୁ ପଡିବ, ଯାହା ଜୀବନର ପ୍ରକୃତ ଅର୍ଥ। ଯେପରି ବେଦରେ କୁହାଯାଇଛି, "ସର୍ବେ "ଭବନ୍ତୁ ସୁଖିନଃ" - ସମସ୍ତଙ୍କ ଖୁସିରେ ଆମର ଖୁସି ନିହିତ - ଏବଂ ଏହି ଭାବନା କେବଳ ନମ୍ରତାରୁ ଆସେ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ୍: ୮୨୪୯୫୦୨୭୭୬**



# ଆମ ଓଡିଆ ଭାଷା- କିଛି କଥା କିଛି ବ୍ୟଥା



**ଉମାଶଙ୍କର ପ୍ରସାଦ**

ସେ ଦିନ ପଡୋଶୀ ବଙ୍ଗଳାର କେତେଜଣ ସ୍ୱାର୍ଥାନ୍ଧ ବ୍ୟକ୍ତିଙ୍କ ହୀନ ଚକ୍ରାନ୍ତ ଫଳରେ ଓଡିଆ ଭାଷା ଓ ସଂସ୍କୃତି ଗୁରୁତର ସଙ୍କଟର ସମ୍ମୁଖିନ ହୋଇଥିଲା। "ଉଡିୟା ଏକଟା ସ୍ୱତନ୍ତ୍ର ଭାଷା ନଏ"। ଅର୍ଥାତ୍ ଓଡିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ। ଏହା ବଙ୍ଗ ଭାଷାର ବିକୃତ ରୁପାନ୍ତର ମାତ୍ର। ଏଭଳି କଟୁକ୍ତି ବାକ୍ୟ କହିଥିଲେ ବାଲେଶ୍ୱର ଜିଲ୍ଲାର ସଂସ୍କୃତାଚାର୍ଯ୍ୟ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ। ତାଙ୍କର ଏ ପ୍ରକାର କଟୁକ୍ତି ସେ ଦିନ ଓଡ଼ିଶାର ଭାଷାପ୍ରେମୀ, ସଂସ୍କୃତିପ୍ରେମୀ ଓ ମୁଷ୍ଟିମେୟ ଯୁବପ୍ରାଣରେ ସୃଷ୍ଟି କରିଥିଲା ବିଦ୍ରୋହର ଆଗ୍ନେୟ-ସ୍ପନ୍ଦନ। ହୃଦରେ ଭରି ଦେଇଥିଲା ନିଜ ଦେଶ, ନିଜ ଜାତି ତଥା ସ୍ୱମାତୃଭାଷାର ସୁରକ୍ଷାପାଇଁ କିଛି କରିବାର ଉଷ୍ମ ଉନ୍ମାଦନା। ଫକୀର ମୋହନ, ଗୌରୀଶଙ୍କର, ରାଧାନାଥ ଓ ମଧୁସୂଦନ ଏହିପରି କତିପେୟ ସଂସ୍କୃତିପ୍ରେମୀ ଯୁବମାନସର ଆପ୍ରାଣ ଉଦ୍ୟମର ସାର୍ଥକ ଫଳଶ୍ରୁତି ରୂପେ ସେ ଦିନ ଓଡିଆ ଭାଷା ଓ ସାହିତ୍ୟ ତିଷ୍ଟି ରହିବାକୁ ସକ୍ଷମ ହୋଇଥିଲା। ବସ୍ତୁତଃ ଏହା ହିଁ ଥିଲା ପ୍ରଥମ ଓଡିଆ ଭାଷା ସୁରକ୍ଷା ଆନ୍ଦୋଳନ।

ଓଡିଆ ଭାଷାର ଆତ୍ମରକ୍ଷା କରିବାକୁ ଯାଇ ଏ ଜାତିର ବାକ୍‌ଦେବୀଙ୍କ ବରପୁତ୍ରମାନେ ରଚନା କରିଥିଲେ ଯୁଗପୋଯୋଗୀ ଆଧୁନିକ ସାହିତ୍ୟ। ଯଦିଓ ପ୍ରାରମ୍ଭିକ କାଳରେ ଓଡ଼ିଶାର ନବୋଦିତ ସ୍କୁଲମାନଙ୍କର ପାଠ୍ୟପୁସ୍ତକ ଉଦ୍ଦେଶ୍ୟରେ ଏସବୁ (ପ୍ରବନ୍ଧ ଓ କବିତାମାନ) ରଚିତ ହୋଇଥିଲା, ପରବର୍ତ୍ତୀକାଳରେ ଏହାଦ୍ୱାରା ଆମ ଭାଷା ଓ ସାହିତ୍ୟ କ୍ଷେତ୍ରରେ ନୂତନ ଏକ ଅଧ୍ୟାୟର ସୂତ୍ରପାତ ହୋଇଥିଲା। ନୂତନ ଆଧୁନିକ ଭାବଶୈଳୀରେ କାବ୍ୟ-କବିତା, ଉପନ୍ୟାସ, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ ଓ ନାଟକମାନ ରଚିତ ହେବା ସଙ୍ଗେ ସଙ୍ଗେ ଆଧୁନିକ ଓଡିଆ ଭାଷା ଓ ସାହିତ୍ୟର ସାର୍ଥକ ଶିଳାନ୍ୟାସ ହେଲା। ଆହୁରି ମଧ୍ୟ ସଂସ୍କୃତି ପ୍ରେମୀ ସାହିତ୍ୟିକ ମାନଙ୍କର ନିରନ୍ତର ଉଦ୍ୟମ ଫଳରେ କ୍ରମଶଃ ଆବିଷ୍କୃତ ହେଲା ଏ ଜାତିର ଆତ୍ମା। ସମୃଦ୍ଧ ପ୍ରାଚୀନ ଓ ମଧ୍ୟଯୁଗୀୟ ସାରସ୍ୱତ ଗ୍ରନ୍ଥାବଳୀ। ପ୍ରକୃତରେ ସମୁଦ୍ରମନ୍ଥନରୁ ଅମୃତ ସୃଷ୍ଟିହେଲାପରି ଓଡିଆଭାଷା ସୁରକ୍ଷା ଆନ୍ଦୋଳନରୁ ଆମେ ପାଇଥିଲୁ ସଞ୍ଜୀବନୀ ଓ ଅନେକ ସାରସ୍ୱତ ଅମୂଲ୍ୟ ସମ୍ପଦ। ଓଡ଼ିଶାରେ ଜାତୀୟପ୍ରେମ ବିଶେଷଭାବେ ସୃଷ୍ଟି ହୋଇଥିଲା ଭାଷାକୁ ନେଇ, ନିଜର ଭୌଗଳିକ ଅସ୍ତିତ୍ୱକୁ ନେଇ। ନିଜ ଭାଷାର ସୁରକ୍ଷା ଏ ଜାତିର ଅନ୍ତରରେ ଭରି ଦେଇଥିଲା ବିଦ୍ରୋହର ଉତ୍ତାଳ ତରଙ୍ଗ। ଭାଷାକୁ ନେଇ ଜାତୀୟଭାବନା-ବସ୍ତୁତଃ ଏହାହିଁ ଥିଲା ଆମପାଇଁ ଐତିହାସିକ ଭାଷା ସୁରକ୍ଷା ଆନ୍ଦୋଳନର ମହତମ ଉପଲବ୍ଧି। ମାତ୍ର ଆମ ଜାତୀୟ ଜୀବନରେ କ୍ରମବୃଦ୍ଧିଶୀଳ, ଅବକ୍ଷୟଚେତନା ମୂଲ୍ୟବୋଧ ଶୂନ୍ୟତା ଓ ସ୍ୱାର୍ଥପର ମାନସିକତା ହିଁ ପରୋକ୍ଷରେ ଏହି ସାଂସ୍କୃତିକ ଅବକ୍ଷୟକୁ ଆମନ୍ତ୍ରଣ କରିଛି। ଆଜି ଆମର ନିଜସ୍ୱ ସ୍ୱାଭିମାନ ବୋଲି କିଛି ନାହିଁ। ସମାଜର ଉଚ୍ଚଶ୍ରେଣୀଠାରୁ ଆରମ୍ଭକରି ନିମ୍ନ ଶ୍ରେଣୀର ନାଗରିକ ପର୍ଯ୍ୟନ୍ତ ସମସ୍ତେ ସ୍ୱାର୍ଥପରତାରୂପୀ ମହାବ୍ୟାଧିରେ ପୀଡିତ ଓ ସେମାନଙ୍କ ଆତ୍ମକୈନ୍ଦ୍ରିକ ଜୀବନଦୃଷ୍ଟି କେବଳ ନିଜସ୍ୱ ସମସ୍ୟାକୁ ଚିହ୍ନାରତ। ସମଷ୍ଟିଗତ୍ ଭାବନା, ସ୍ନେହ ସହାନୁଭୂତି, ପରୋପକାର ଇତ୍ୟାଦି ଜାତୀୟ ଜୀବନରୁ କ୍ରମଶଃ ତିରହିତ ହେବାକୁ ବସିଲାଣି। ଏସବୁ ବ୍ୟତିରେକେ ସାଂସ୍କୃତିକ ବିପର୍ଯ୍ୟୟ ଯେ ସୁନିଶ୍ଚିତ, ଏହା ବ୍ୟାଖ୍ୟା କରିବା ଅନାବଶ୍ୟକ। କ୍ରମବର୍ଦ୍ଧିତ ନିରୁଦ୍‌ବେଗ ଯାନ୍ତ୍ରିକ ଜୀବନ ଓ ବ୍ୟବସାୟୀକ ଚିତବୃତି ଆଜି ଆମ ଭାଷା ସାହିତ୍ୟରେ ବିଲୟ ପାଇଁ ପଥ ଉନ୍ମୁକ୍ତ କରିଦେଇଛି।

ଅତଏବ ସମ୍ପ୍ରତି ଆମ ମାତୃଭାଷା ଗୁରୁତର ସଙ୍କଟର ସମ୍ମୁଖିନ। ଏହି ସଙ୍କଟ ସୃଷ୍ଟି ଓ ସ୍ୱରୂପ ସମ୍ପର୍କରେ ସଠିକ୍ ଭାବରେ ଅନ୍ୱେଷା କରି ତା'ର ନିରାକରଣାର୍ଥେ ପ୍ରୟାସ କରିବା ଏକ ସଚେତନ ଓଡିଆର କର୍ତ୍ତବ୍ୟ ହେବା ବାଞ୍ଛନୀୟ। ଆମ ସାମାଜିକ ଜୀବନରେ ମାତୃଭାଷା ଓଡିଆର ମହନୀୟ ସ୍ଥିତିର ସ୍ୱରୂପ ସମ୍ପର୍କରେ କିଛି ଆଲୋଚନା କରୁଛି। ଆଜିର ସମାଜରେ ଲୋକମାନେ ଇଂରାଜୀ ଭାଷାର ଶବ୍ଦଟିଏ କହି ଫମ୍ପା ଗୌରବ ଅନୁଭବ କରନ୍ତି। ଏ ବ୍ୟାଧି ଅଭିଜାତମୟ ସହରୀ ଜୀବନଠାରୁ ସୁଦୂର ମଫସଲ ପର୍ଯ୍ୟନ୍ତ ସର୍ବତ୍ର ଲକ୍ଷଣୀୟ। ଗାଁ ଗହଳର ନିରକ୍ଷର ଲୋକମାନଙ୍କ ବିକୃତ ଇଂରାଜୀ ଉଚ୍ଚାରଣ ଯେତିକି କୌତୁକପ୍ରଦ ଓ ହାସ୍ୟକର, ସେତିକି ଲଜ୍ଜ୍ୟାକର ମଧ୍ୟ। ଏ ପ୍ରବଣତା ଆଜି ଏପରି ହେଲାଣି ଯେ ନିରୋଳା ଓଡିଆ ଭାଷାର ଶବ୍ଦଟିଏ କହିଲେ ଅବୁଝା ହୋଇ ରହିଯାଇଛି। ତା'ର ଇଂରାଜୀ ପ୍ରତିଶବ୍ଦଟିର ସାହାଯ୍ୟ ନ ନେଇ ସଂଶିତ ଶବ୍ଦଟିର ଅର୍ଥ ଆଜିର ଶିକ୍ଷିତ ସମାଜ ବୁଝିପାରୁ ନାହାଁନ୍ତି। ଏହା ଏକ ପ୍ରକାର ବିଲକ୍ଷଣ ନୁହେଁ କି? ବାସ୍ତବିକ୍ ଏହା ସମାଜ ପକ୍ଷେ ଆଦୌ ଶୁଭଙ୍କର ନୁହେଁ।

ଆଜିର ଶିକ୍ଷା ବ୍ୟବସ୍ଥାକୁ ଅନୁଶୀଳନ କଲେ ମାତୃଭାଷା ଓଡିଆର ଦୟନୀୟ ସ୍ଥିତି ଆହୁରୀ ସ୍ପଷ୍ଟ ହୋଇଯାଏ। ଆଜି ସମାଜର ଅଭିଜାତ ଶ୍ରେଣୀଠାରୁ ଆରମ୍ଭକରି ନିମ୍ନ ମଧ୍ୟବିତ ଶ୍ରେଣୀର ମାନସିକତାରେ ମାତୃଭାଷା ପ୍ରତି ହୀନମନ୍ୟତାର ଭାବ ପରିଲକ୍ଷିତ ହୁଏ। ସେଥିପାଇଁ ସମ୍ପ୍ରତି ଇଂରାଜୀ ମାଧ୍ୟମ ପବ୍ଲିକ୍ ସ୍କୁଲଗୁଡିକରେ ବହୁଳ ପ୍ରସାର ହୋଇଛି। ଆଜିର ବ୍ୟବସାୟୀକ ପ୍ରତିଯୋଗୀତାମୟ ଯୁଗର ଇଂରାଜୀ ମାଧ୍ୟମ ପବ୍ଲିକ୍ ସ୍କୁଲମାନଙ୍କରେ ଶିକ୍ଷାପାଇଥିବା ପିଲାମାନେ ଯେତେ ଅଧିକ ସଫଳ ହେବେ, ଏ ବିଶ୍ୱାସ ଆଜିର ଜନମାନସିକତାକୁ ଆଲୋଡିତ କରିଛି। ଫଳରେ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ କ୍ରମଶଃ ଅବହେଳିତ ହୋଇପଡ଼ିଛି। ଏହା ଯେଉଁ ସରକାରୀ ସ୍କୁଲରେ ସମାପନ ହେଉଛି ତା'ପ୍ରତି ମଧ୍ୟ ସରକାର ଯତ୍ନଶୀଳ ନୁହଁନ୍ତି। ସମାଜର ନିମ୍ନ ଶ୍ରେଣୀର ସୂଦୁର ମଫସଲ ଇଲାକାରେ ଓଡିଆ ମାଧ୍ୟମ ସ୍କୁଲମାନଙ୍କ ପ୍ରତି ସରକାରୀ ପ୍ରଶାସନର ଉଦାସିନତା, ସେଠାକାର ଶିକ୍ଷା ବ୍ୟବସ୍ଥା ଓ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ନିଶ୍ଚିତ ଅନ୍ଧକାର ଆଡକୁ ଠେଲି ଦେଉଛି। ମାତୃଭାଷା ମାଧ୍ୟମରେ ଶିକ୍ଷାଦାନର ବ୍ୟବସ୍ଥାରେ ଯେ ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାପାଇଁ ଅନୁପଯୁକ୍ତ ହେବେ। ଏ ଧାରଣା ମଧ୍ୟ ସର୍ବାଂଶରେ ସତ୍ୟ ନୁହେଁ। ଜାପାନ, ଜର୍ମାନୀ, ରୁଷ୍ ଆଦି ଦେଶରେ ଶିକ୍ଷା ମାତୃଭାଷା ମାଧ୍ୟମରେ ସକଳ ବିଷୟରେ ଶିକ୍ଷାଦାନ କରାଯାଇଥାଏ। ଏ ଦୃଷ୍ଟିରୁ ଦେଖିଲେ ସେ ସବୁ ରାଷ୍ଟ୍ରର ବୈଜ୍ଞାନିକ ଓ ବୈଷୟିକ ସମୃଦ୍ଧି ଆମଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ। ତେବେ ଏହା ଭାରତରେ ଓ ଓଡ଼ିଶାରେ କାହିଁକି ନ ହୋଇପାରିବ? ଏ ସମ୍ପର୍କରେ ଆଲୋଚନା ଚକ୍ରମାନଙ୍କରେ ସଂଶ୍ଳିଷ୍ଟ ବିଷୟଗୁଡିକ ନିମନ୍ତେ ଓଡିଆ ଭାଷାରେ ପାରିଭାଷିକ ଶବ୍ଦର ଅଭାବଜନିତ ସମସ୍ୟାକୁ ଇଙ୍ଗିତ କରିଥାନ୍ତି। ତେବେ ଏହି ସମସ୍ୟା ଅଦୂରକରଣୀୟ ନୁହେଁ। ମାତ୍ର ସେଥିପାଇଁ ଯେଉଁ ସବୁ ଉଦ୍ୟମ ଆବଶ୍ୟକ ତାହା ସରକାରଙ୍କ ଶିକ୍ଷା ବିଭାଗ ତରଫରୁ କିମ୍ବା କୌଣସି ବେସରକାରୀ ଅନୁଷ୍ଠାନ ପକ୍ଷରୁ କରାଯାଇ ନାହିଁ। ଯଦିଓ କିଛିଟା ଉଦ୍ୟମ ହୋଇଛି, ମାତ୍ର ତାହା ଉତ୍ସାହଜନକ ନୁହେଁ। ଓଡ଼ିଶା ସରକାର ମଧ୍ୟ ଏଠାରେ କାର୍ଯ୍ୟରତ ସମସ୍ତ ଇଂରାଜୀ ମାଧ୍ୟମ ପବ୍ଲିକ୍ ସ୍କୁଲ ଗୁଡିକରେ ମାତୃଭାଷା ଓଡିଆର ଶିକ୍ଷାଦାନପାଇଁ ଆଇନ ପ୍ରଣୟନ କରିଛନ୍ତି। ମାତ୍ର ସଂଶିତ ବିଦ୍ୟାଳୟଗୁଡିକ ତାହା କେତେଦୂର କାର୍ଯ୍ୟକାରୀ କରୁଛନ୍ତି ତାକୁ ତଦାରଖ କରି ଦେଖିବା କଥା। ପ୍ରଶାସନିକ ସ୍ତରରେ ବହୁ ବର୍ଷତଳୁ ମାତୃଭାଷାରେ ସରକାରୀ କାର୍ଯ୍ୟ କରାଯିବାର ବିଧିବଦ୍ଧ ଆଦେଶ ପ୍ରକାଶ ପାଇଥିଲେ ମଧ୍ୟ ସରକାରୀ ଦପ୍ତରମାନଙ୍କରେ ଓଡିଆ ଭାଷାର ପ୍ରଚଳନ ନ ହୋଇ ଇଂରାଜୀରେ କାର୍ଯ୍ୟ ହେଉଥିବାର ସମସ୍ତେ ଜାଣନ୍ତି। ଏଥିରେ କ'ଣ ସରକାର ଦାୟୀ? ଅନେକାଂଶରେ ଆମର କାର୍ଯ୍ୟରତ କର୍ମୀ ତଥା ବଡବାବୁମାନଙ୍କ ସଦିଚ୍ଛା ନାହିଁ କହିଲେ ଚଳେ। ଅବଶ୍ୟ ଆମ ସରକାର ଏ ଦିଗରେ ବିଶେଷ କରି ସଚିବାଳୟ ବର୍ତ୍ତମାନ ଲୋକସେବା ଭବନ ଓ ଉଚ୍ଚ ସରକାରୀ ଦପ୍ତରମାନଙ୍କରେ କିଛି ପଦକ୍ଷେପ ନେଇଛନ୍ତି ଯାହା ଯଥେଷ୍ଟ ନୁହେଁ। ସଚିବାଳୟରେ ମଧ୍ୟ ଏହାକୁ କର୍ମଚାରୀମାନେ ନିଷ୍ଠାପରଭାବରେ ପାଳନ କରୁନାହାଁନ୍ତି। ଅତି ଲଜ୍ଜ୍ୟାର କଥା ଓଡିଆ ଭାଷା ପ୍ରତିଷ୍ଠାନର ଅନେକ ଚିଠି ପତ୍ର ପ୍ରାୟ ଇଂରାଜୀରେ ଆସୁଛି। ତା'ଠୁ ଭଳି ଲଜ୍ଜ୍ୟା କଥା ଆଉ କ'ଣ ହୋଇପାରେ? ଆଜକୁ କିଛି ବର୍ଷ ତଳେ ସରକାର ଏ ଦିଗରେ ଏକ ସକରାତ୍ମକ ପଦକ୍ଷେପରୂପେ ବ୍ୟାପକ ଅର୍ଥ ବ୍ୟୟ କରି "ପ୍ରଶାସନିକ ଶବ୍ଦକୋଷ"ଟିଏ ପ୍ରସ୍ତୁତ କରି ବିଭିନ୍ନ ବିଭାଗକୁ ହସ୍ତାନ୍ତର କରିଥିଲେ। ମାତ୍ର ଦୁଃଖର ବିଷୟ ସେହି ଶବ୍ଦକୋଷର ପାରିଭାଷିକ ଶବ୍ଦଗୁଡିକ କେବଳ ମୁଦ୍ରିତ ପୃଷ୍ଠାରେ ମୂର୍ଚ୍ଛିତ ହୋଇ ପଡ଼ିରହିଛି। ମାତ୍ର ପ୍ରକୃତରେ ସରକାରଙ୍କ ପ୍ରଶାସନିକ ସ୍ତରରେ ମାତୃଭାଷା ଓଡିଆର ବ୍ୟବହାରିକ ବିଜ୍ଞପ୍ତି ଆମ ପାଇଁ ତ୍ରିଶଙ୍କୁ ଭ୍ରମ ସୃଷ୍ଟି କରିଛି। ଯେ ପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକ୍ଷେତ୍ରରେ ବ୍ୟବହାର ନ କରୁଥିବା କର୍ମଚାରୀ ତଥା ପଦାଧିକାରୀଙ୍କ ଉପରେ ଦାୟୀତ୍ୱ ନ୍ୟସ୍ତ ନ କରାଯାଇ ତଥା ଏହା ଖିଲାପରେ ଦଣ୍ଡ ବ୍ୟବସ୍ଥା ନ କରାଯାଇଛି। ସେ ପର୍ଯ୍ୟନ୍ତ ଆମ ମାତୃଭାଷା ଏ ପରି ହିନସ୍ଥା ହେଉଥିବ।

ପ୍ରଶାସନ ଆଜି ଦଳୀୟ ରାଜନୀତିର ଚକ୍ରବ୍ୟୁହରେ ବନ୍ଦୀ ସ୍ଥାଣୁ, ରାଜନୈତିକ ନେତାମାନଙ୍କ ବ୍ୟକ୍ତିଗତ ଓ ଦଳୀୟ ସ୍ୱାର୍ଥ ନିକଟରେ ଜାତୀୟ ସ୍ୱାର୍ଥ ଉପେକ୍ଷିତ ହୋଇଛି। ଏପରି ଏକ ସାଂସ୍କୃତିକ ବିପର୍ଯ୍ୟୟଗତ ବିଘଟିତ ପରିସ୍ଥିତିରେ ଓଡିଆ ଭାଷା ସାହିତ୍ୟର ସୁରକ୍ଷା ଓ ବିକାଶର ପ୍ରଶ୍ନ ଆମ ହୃଦୟକୁ ଦୁର୍ବଳ ଓ ବ୍ୟଥିତ କରି ପକାଉଛି। ବିଚ୍ଛିନ୍ନାଚଂଳ ମାନଙ୍କରେ ଓଡିଆ ଭାଷାଭାଷୀଙ୍କ ଦୁର୍ଦ୍ଦଶାର କଥା ମଧ୍ୟ ଶୋଚନୀୟ। ସେଠାରେ ଥିବା ଓଡିଆ ସ୍କୁଲଗୁଡିକ ପ୍ରତି ସେଠାକାର ସରକାରଙ୍କ ଉପେକ୍ଷା ସଙ୍କଟ ସୃଷ୍ଟି କରିଛି। ଏ ଦିଗରେ ଆମ ସରକାରଙ୍କ କାର୍ଯ୍ୟଧାରା ନୈରାଶ୍ୟଜନକ। ବର୍ତ୍ତମାନ ପ୍ରଶ୍ନ ଉଠେ ସରକାରୀକଳ ଓ ରାଜନୈତିକ ନେତାମାନଙ୍କ ସାହାଯ୍ୟ ବିନା ଆମ ମାତୃଭାଷାର ସୁରକ୍ଷା ଓ ଉନ୍ନତି କ'ଣ ସମ୍ଭବପର ନୁହେଁ? ଉତରରେ ଏ ଲେଖକ କହିବ ସମ୍ଭବପର। ମାତ୍ର ଏଥିପାଇଁ ସଂସ୍କୃତି ପ୍ରେମୀ ବ୍ୟକ୍ତି ବିଶେଷଙ୍କ ସାମୁହିକ ପ୍ରଚେଷ୍ଟା, ନିରନ୍ତର ସଦୁଦ୍ୟମ, ଅନ୍ତରର ସଦିଚ୍ଛା ଓ ଶକ୍ତିଶାଳୀ ସଂଗଠନର ଆବଶ୍ୟକତା ରହିଛି। ମାତ୍ର ଦୁଃଖର ବିଷୟ ଏ ରତ୍ନଗର୍ଭା ଓଡ଼ିଶା ତଥା ଭାରତର ସବୁକିଛି ଥାଇ ମଧ୍ୟ ଆମେ ନିସ୍ୱ। ଆଉ ଅତୀତରେ ମଧୁବାବୁ, ଗୋପବନ୍ଧୁ, ଫକୀର ମୋହନଙ୍କ ପରି ତ୍ୟାଗୋଜ୍ୱଳ ସଂଗ୍ରାମୀ ବ୍ୟକ୍ତିତ୍ୱ ନାହାଁନ୍ତି ଯିଏ କି ଅପସଂସ୍କୃତି ବିରୁଦ୍ଧରେ ଲଢି ଆମ ଭାଷା ସାହିତ୍ୟର ମର୍ଯ୍ୟାଦା ଓ ସୌରଭକୁ ବିକଶିତ କରିବାରେ ଏ ସମାଜର ସହାୟକ ହେବେ। ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡିକର ପ୍ରଶାସନ ମଧ୍ୟ ମାତୃଭାଷା ଓଡିଆର ସୁରକ୍ଷା ପ୍ରତି ବିଶେଷ ଶ୍ରଦ୍ଧାଶୀଳ ନୁହଁନ୍ତି ବୋଲି ମୁଁ ଅନୁଭବକରେ। ବୋଧହୁଏ ଆଜିର ଜଗତୀକରଣ ଉପଭୋଗବାଦୀ ବ୍ୟବସାୟିକ ସମାଜରେ ସେମାନେ ଭାଷା ଓ ସାହିତ୍ୟର ବିକାଶ ପାଇଁ ନେତୃତ୍ୱ ନେଇପାରୁ ନାହାଁନ୍ତି। ଭାରତ ବର୍ଷର ଅନ୍ୟାନ୍ୟ ପ୍ରଦେଶମାନଙ୍କରେ ଏପରି ଶକ୍ତିଶାଳୀ ସାରସ୍ୱତ ସଂଗଠନମାନଙ୍କର ଭୂମିକା ପ୍ରଣିଧାନ ଯୋଗ୍ୟ। ଠିକ୍ ସେହିପରି ଆମ ରାଜ୍ୟରେ ଆଞ୍ଚଳିକ ଭାଷାର ପ୍ରସାର ଓ ସାହିତ୍ୟର ବିକାଶ ନିମନ୍ତେ ସରକାରୀ ସାହାଯ୍ୟକୁ ଅପେକ୍ଷା ନ ରଖି ଭାଷା ଓ ସାହିତ୍ୟ ସଂଗଠନଗୁଡିକ ଅସାଧ୍ୟ ସାଧନ କରିବାର ସମୟ ଆସିଛି। ମାତ୍ର କ୍ଷୋଭର ବିଷୟ ଆମ ଅଞ୍ଚଳରେ ଏଠାର ସାହିତ୍ୟ ସଂଗଠନ ନେତା ପ୍ରଶାସକଙ୍କ ସାହାଯ୍ୟବିନା ନିଜକୁ ଅସାମର୍ଥ୍ୟ ପ୍ରକାଶ କରିଥାନ୍ତି। ସେଥିପାଇଁ ସାହିତ୍ୟ ସମ୍ମିଳନୀମାନଙ୍କରେ ସାହିତ୍ୟ ଓ ଭାଷାଜ୍ଞାନ ନ ଥିବା ମନ୍ତ୍ରୀ ଓ ନେତାମାନଙ୍କୁ ମୂଖ୍ୟଅତିଥି କରି ଆମନ୍ତ୍ରଣ କରିବାର ଧାରା ଅବ୍ୟାହତ ରହିଛି।

ପରିଶେଷରେ ଏ ଲେଖକ ଏତିକି ଅନୁରୋଧ କରେ ନିଜର ମାତୃଭାଷାକୁ ଭଲପାଇବାର ଅର୍ଥ ନିଜକୁ ଭଲପାଇବା। ନିଜର ସଂସ୍କୃତି ତଥା ଭାଷାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠା କରାଇବାପାଇଁ ଆଜିର ଯୁବ ସମାଜ ବିଦେଶୀ ମୋହରେ ଉବୁଟୁବୁ ନ ହୋଇ ସ୍ୱେଚ୍ଛାକୃତଭାବେ ଆଗେଇ ଆସିବା ଦରକାର ଫଳରେ ସମାଜ ଏକ ଅପୂର୍ବ ଔଜଲ୍ୟରେ ସମଧିକ ବିକଶିତ ହେବ। ତେଣୁ ଆମ ଭାଷାର ଉନ୍ନତି ଆମ ସଦିଚ୍ଛା ଉପରେ ନିର୍ଭର କରେ। କବିଙ୍କ ମତରେ:-

"ମାତୃଭୂମି ମାତୃଭାଷାର ମମତା
ଯା ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନୀ ରହିବେ କାହିଁ"॥

ସ୍ତମ୍ଭାକାର ତଥା କବି
ଖୋର୍ଦ୍ଧା, ମୋବାଇଲ୍: ୬୩୭୦୬୭୫୫୬୨

# ଓଡ଼ିଶା ବଜେଟ: ଦ୍ରୁତ ବିକାଶ ଅଭିବୃଦ୍ଧି ଓ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

**ମନସିଜ ଦାସ**



୨୦୨୬ ଜାନୁଆରୀ ୩୧ ସୁଦ୍ଧା ଓଡ଼ିଶାରେ ୨୩.୫ ଲକ୍ଷ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରହିଛି। ସେଥିରୁ ୯୯.୫ ପ୍ରତିଶତ ହେଉଛି ଅଣୁ ଓ ଅଣ ସଂଗଠିତ ଅଣୁ ଉଦ୍ୟୋଗ। ଏହି ଉଦ୍ୟୋଗ ଗୁଡ଼ିକୁ କ୍ଷୁଦ୍ର ଶିଳ୍ପରେ ପରିଣତ କରିବାପାଇଁ ସହାୟତାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାରେ ଏମଏସଏମଇ ପାର୍କ ସ୍ଥାପନ କରୁଛନ୍ତି। ଦ୍ରୁତ ବିକାଶ ଓ ଅଭିବୃଦ୍ଧି ଲକ୍ଷ୍ୟ ରହି ସମୃଦ୍ଧ ଓଡ଼ିଶା ୨୦୩୬ ମହାଯାତ୍ରା ଆରମ୍ଭ କରିଛନ୍ତି ଚଳିତ ଆର୍ଥିକ ବର୍ଷ ବଜେଟ ମାଧ୍ୟମରେ ରାଜ୍ୟ ସରକାର। ଓଡ଼ିଶା ସରକାର ପ୍ରସ୍ତୁତି କରିଥିବା ୩.୧୦ ଲକ୍ଷ କୋଟିର ବଜେଟ ରାଜ୍ୟର ଆର୍ଥିକ ଇତିହାସରେ ସର୍ବବୃହତ୍। ରାଜ୍ୟବାସୀଙ୍କ ସ୍ୱପ୍ନ, ଆଶା ଓ ଆକାଂକ୍ଷା ପୂରଣ କରିବା ସହ ରାଜ୍ୟକୁ ବିକାଶ ଗତିପଥରେ ତ୍ୱରିତ ବେଗରେ ଆଗେଇ ନେବା ପାଇଁ ସମତୁଲ ଓ ଦୂରଦୃଷ୍ଟି ସମ୍ପନ୍ନ ଆର୍ଥିକ ରଣନୀତି ପ୍ରସ୍ତୁତ ହୋଇଛି। ତେବେ ମୂଳକଥା ହେଉଛି ବଜେଟର ଅର୍ଥ କେମିତି ଓ କିପରି ବ୍ୟୟ ହେବ? ବିକାଶର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ପୁଞ୍ଜିବ୍ୟୟ ପାଇଁ ପୂର୍ବ ବର୍ଷ ଗୁଡ଼ିକରେ ୬୫, ୦୦ କୋଟିରୁ ଅଧିକ ବ୍ୟୟ କରାଯାଇଛି ଯାହା ରାଜ୍ୟ ଆର୍ଥିକତାର ପ୍ରାୟ ୬ ପ୍ରତିଶତ। ରାସ୍ତା, ଶିଳ୍ପ, ପାର୍କ, ଯୋଗାଯୋଗ ଓ ଲଜେଷ୍ଟିକ ସୁବିଧାରେ ଏହି ବ୍ୟୟ ଭବିଷ୍ୟତରେ ଶିଳ୍ପବିକାଶ ଓ କର୍ମ ସଂସ୍ଥାନ ସୃଷ୍ଟି କରିପାରିବ। ତେବେ ଅନୁଭବ ଯାହା ରହିଛି ଘୋଷଣା ଓ କାର୍ଯ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି। ଲୋକଙ୍କ ଉନ୍ନତି, ରାଜ୍ୟର ପ୍ରଗତି, ପ୍ରତିବଦ୍ଧତାକୁ ସାକାର କରିବା ପାଇଁ ସରକାର ଛଅଟି କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ନାଗରିକଙ୍କୁ ପ୍ରାଥମିକତା, ସମସ୍ତଙ୍କ ସମୃଦ୍ଧି, ଗ୍ରାମୀଣ ସଶକ୍ତିକରଣ, ଆମ ପରମ୍ପରା ଆମ ସ୍ୱାଭିମାନ, ପଥପ୍ରଦର୍ଶନକାରୀ ପ୍ରଯୁକ୍ତି ଓ ଲୋକ କୈନ୍ଦ୍ରିକ ଶାସନ ବଜେଟର ମୂଳ ଆଧାର। ଆସନ୍ତା ବର୍ଷ ରାଜ୍ୟର ଅର୍ଥନୀତି ବର୍ତ୍ତମାନ ମୂଲ୍ୟ (ନୋମିନାଲ)ରେ ପାଖାପାଖି ୧୨ ପ୍ରତିଶତ ବଢ଼ିବ। ରାଜ୍ୟର ମୋଟ ଘରୋଇ ଉତ୍ପାଦ ୧୧ ଲକ୍ଷ କୋଟି ଡେଇଁ ଯିବ। ମୋଟ ୩ଲକ୍ଷ ୧୦ ହଜାର କୋଟି ବ୍ୟୟ ବରାଦ ରହିଥିବାବେଳେ ରାଜସ୍ୱ ଆୟ ୨ଲକ୍ଷ ୪୮ ହଜାର ୫୦୦ କୋଟି ହେବ ବୋଲି ସରକାର ଆକଳନ କରିଛନ୍ତି। ବର୍ଷ ଶେଷକୁ ଋଣ ବୋଝ ୧ଲକ୍ଷ ୫୫ ହଜାର କୋଟିକୁ ବୃଦ୍ଧି ପାଇବ। ତେବେ ଏହା ବିତ୍ତୀୟ ଶୃଙ୍ଖଳାର ସୀମାରେଖା (ଜିଏସଡିପିର ୨୫%) ଭିତରେ ରହିବ। ମୋଟ ଋଣ ଜିଏସଡ଼ିପିର ୧୪.୧% ହେବ ବୋଲି ବଜେଟରେ ଦର୍ଶାଯାଇଛି। ଓଡ଼ିଶା ଅର୍ଥନୀତି ଦ୍ରୁତବେଗରେ ଆଗକୁ ବଢ଼ୁଛି। ଗତ ଦୁଇ ଦଶନ୍ଧିରେ ଦଶ ଗୁଣା ବଢ଼ି ୧୦ ଲକ୍ଷ କୋଟି ନିକଟତର ହୋଇଛି। ୨୦୦୫-୦୬ରେ ରାଜ୍ୟ ଅର୍ଥନୀତିର ଆକାର ୦.୯୫ ଲକ୍ଷ କୋଟି ଥିଲା। ୨୦୨୫-୨୬ରେ ଏହା ୯.୮୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସରକାରଙ୍କ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ ରାଜ୍ୟବାସୀଙ୍କ ମୁଣ୍ଡପିଛା ଆୟ ୧, ୮୬, ୭୬୧ ଟଙ୍କା ବୃଦ୍ଧିପାଇଛି।

ଅର୍ଥ ବିନିଯୋଗ ସମ୍ଭାବନା ସୃଷ୍ଟି କରେ କିନ୍ତୁ ସଠିକ ଓ ଯଥାର୍ଥ କାର୍ଯ୍ୟାନ୍ୱୟନ ହିଁ ପରିବର୍ତ୍ତନ ଆଣିଥାଏ। ଆତ୍ମନିର୍ଭରଶୀଳତା ମୁଖ୍ୟ ହେବା ସହ ଖୁସିର କଥା ଓଡ଼ିଶା ସରକାର ସାମାଜିକ ଖାତାରେ ୧.୧୯ ଲକ୍ଷ କୋଟିରୁ ଅଧିକ ବ୍ୟୟ କରିଛନ୍ତି ଯାହା ମୋଟ ବଜେଟର ପ୍ରାୟ ୪୧ ପ୍ରତିଶତ। କୃଷି ଖାତା ପାଇଁ ୩୭, ୦୦୦ କୋଟି ଓ ସ୍ୱାସ୍ଥ୍ୟ ପାଇଁ ପ୍ରାୟ ୧୯, ୭୦୦ କୋଟି ବ୍ୟୟ ହେଉଛି। ଆଜି ବି ଅଧିକାଂଶ ଓଡ଼ିଶାବାସୀ କୃଷି ଉପରେ ନିର୍ଭରଶୀଳ। ଦୀର୍ଘ ମିଆଦୀର ପ୍ରକୃତ ସଫଳତା ହେବ ଚାକିରୀ ସୁବିଧା ନୁହେଁ ବରଂ ଆତ୍ମ ନିର୍ଭରତା। ଆମେ ସମସ୍ତେ ମନେରଖିବା ଉଚିତ ଯେ ଓଡ଼ିଶାର ସବୁଠାରୁ ବଡ଼ ଶକ୍ତି ହେଉଛି ଆର୍ଥିକ ଶୃଙ୍ଖଳା ଯାହାକି ଚଳିତ ବଜେଟରେ ପ୍ରତିଫଳିତ ହୋଇଛି। ରାଜ୍ୟ ପ୍ରାୟ ୩୧, ୮୦୦ କୋଟିର ରେଭିନ୍ୟୁ ସର୍ପ୍ଲସ ରଖିପାରିଛି। ସେହିପରି ଫିସ୍କାଲ ଡେଫିସିଟ ପ୍ରାୟ ୩.୨ ପ୍ରତିଶତ ମଧ୍ୟରେ ରହିଛି ଯାହା ଆର୍ଥିକ ଭାବେ ସୁସ୍ଥ ସ୍ଥିତିର ସୂଚକ। ଏହା ରାଜ୍ୟକୁ ଆଗାମୀ ଦିନରେ ବିକାଶ ପାଇଁ ତ୍ୱରାନ୍ୱିତ କରିବ। ଓଡ଼ିଶାର ଅର୍ଥନୀତି ଦ୍ରୁତ ଅଭିବୃଦ୍ଧି ପଥରେ। ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ, ଜନସାଧାରଣଙ୍କ ଅଭିଳାଷା ଓ ସରକାରଙ୍କ ସ୍ୱଚ୍ଛ ଶାସନ ଓଡ଼ିଶାକୁ ବିଶ୍ୱ ମାନଚିତ୍ରରେ ଏକ ଆଦର୍ଶ ରାଜ୍ୟ ଭାବେ ସ୍ଥାପିତ କରିବ ଏହି ବଜେଟ ସ୍ୱର୍ଣ୍ଣିମ ସଫଳତାର ମୂଳଦୁଆ ହେବ। ଓଡ଼ିଶା ବଜେଟ ୨୦୨୬ ନିଶ୍ଚିନ୍ତ ଭାବେ ଆଶା, ସଫଳତା, ଯୋଜନା, ସାମାଜିକ ସୁରକ୍ଷା ଓ ଆର୍ଥିକ ଶୃଙ୍ଖଳାକୁ ମାନଦଣ୍ଡ କରିଛି। କିନ୍ତୁ ଅସଲ କଥା ହେଉଛି ବଜେଟ ନୁହେଁ, କାର୍ଯ୍ୟାନ୍ୱୟନ ହିଁ ରାଜ୍ୟର ଅଭିବୃଦ୍ଧି କୁହନ୍ତୁ ବା ପ୍ରଗତି ଏ ସବୁର ଭବିଷ୍ୟତ ନିର୍ଦ୍ଧାରଣ କରିବ।

**ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା**



### ଭାରତର ବିକାଶ ଯାତ୍ରାରେ ଏକ ନୂଆ ଆରମ୍ଭ

# ‘ସେବା ତୀର୍ଥ’ରେ ପ୍ରଥମ କ୍ୟାବିନେଟ୍ ବୈଠକ

ନୂଆଦିଲ୍ଲୀ, ୨୪।୨ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ, କେନ୍ଦ୍ର କ୍ୟାବିନେଟର ଐତିହାସିକ ପ୍ରଥମ ବୈଠକ ପ୍ରଧାନମନ୍ତ୍ରୀଙ୍କ ନୂତନ କାର୍ଯ୍ୟାଳୟ ‘ସେବା ତୀର୍ଥ’ରେ ଆୟୋଜିତ ହୋଇଛି। ଏହି ବୈଠକ ଏବଂ ଏହି ଭବନ ନୂଆ ଭାରତ ନିର୍ମାଣର ଏକ ପ୍ରତ୍ୟକ୍ଷ ଅଭିବ୍ୟକ୍ତି ଅଟେ। ସ୍ୱାଧୀନତା ପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସାଉଥ ବ୍ଲକରେ ଅନେକ ଦଶନ୍ଧି ଧରି ସରକାରଗୁଡ଼ିକ ପରମ୍ପରାକୁ ବଜାୟ ରଖି ଭବିଷ୍ୟତର ସ୍ୱପ୍ନ ଦେଖି ଆସିଥିଲେ। ଏବେ ସରକାର ଏପରି ଏକ ଭାରତର ସ୍ୱପ୍ନ ଦେଖିଛନ୍ତି, ଯାହାର ଚିନ୍ତାଧାରା ସ୍ୱଦେଶୀ ହୋଇଥିବ।

ଆଜି, ଏହି ଅବସରରେ ଏହି ସ୍ଥାନର ଇତିହାସକୁ ମଧ୍ୟ ସ୍ମରଣ କରାଯାଉଛି। ‘ସେବା ତୀର୍ଥ’ ବ୍ରିଟିଶ ଯୁଗର ସେହି ଅସ୍ଥାୟୀ ବାରାକ ସ୍ଥାନରେ ନିର୍ମିତ ହୋଇଛି, ଯାହା ନିଷ୍କ୍ରିୟତା ଯୋଗୁଁ ସ୍ଥାୟୀ ହୋଇଯାଇଥିଲା। ସେହି ସ୍ଥାନରେ ଜାତୀୟ ଶାସନ ପାଇଁ ଏକ ସକ୍ରିୟ ଅନୁଷ୍ଠାନର ସୃଷ୍ଟି ମଧ୍ୟ ଏକ ନୂତନ ଭାରତ ପୁନରୁଦ୍ଧାରର ପ୍ରତୀକ। ଦାସତ୍ୱର ସମୟ ପୂର୍ବରୁ, ଭାରତ ଏପରି ଏକ ରାଷ୍ଟ୍ର ରୂପେ ପରିଚିତ ହେଉଥିଲା ଯାହା ଗୋଟିଏ ପଟେ ନିଜର ଭୌତିକ ଭବ୍ୟତା ଏବଂ ଅନ୍ୟପଟେ ନିଜର ମାନବୀୟ ମୂଲ୍ୟବୋଧ ପାଇଁ ସୁଖ୍ୟାତି ହାସଲ କରିଥିଲା। ‘ସେବା ତୀର୍ଥ’ର ପରିକଳ୍ପନା ଏହି ଦୁଇଟି ଆଦର୍ଶର ମିଶ୍ରଣ। କର୍ତ୍ତବ୍ୟ, ସେବା ଏବଂ ସମର୍ପଣର ତ୍ରିବେଣୀ ସଙ୍ଗମ ବଳରେ ଏହି କାର୍ଯ୍ୟସ୍ଥଳ ଏକ ତୀର୍ଥ ଭଳି ପବିତ୍ର ହେଉ, ଏହା ହିଁ ଏହାର ମୂଳଭାବନା।

‘ସେବା ତୀର୍ଥ’ରେ ହେଉଥିବା ଏହି ପ୍ରଥମ ବୈଠକ ସହିତ କେନ୍ଦ୍ର ମନ୍ତ୍ରିମଣ୍ଡଳ ଏହି ସଂକଳ୍ପକୁ ମଧ୍ୟ ଦୋହରାଉଛି ଯେ ଏଠାରେ ଗ୍ରହଣ କରାଯାଇଥିବା ପ୍ରତ୍ୟେକ ନିଷ୍ପତ୍ତି ୧୪୦ କୋଟି ଦେଶବାସୀଙ୍କ ପ୍ରତି ସେବା




ମନୋଭାବ ଦ୍ୱାରା ଅନୁପ୍ରାଣିତ ହେବ ଏବଂ ରାଷ୍ଟ୍ର ନିର୍ମାଣର ବ୍ୟାପକ ଲକ୍ଷ୍ୟ ସହ ଜଡ଼ିତ ହୋଇଥିବ। କେନ୍ଦ୍ର ମନ୍ତ୍ରିମଣ୍ଡଳ ଏହି ସଂକଳ୍ପ ଦୋହରାଉଛି ଯେ ଏହି ପରିସରରେ ଗ୍ରହଣ କରାଯାଇଥିବା ପ୍ରତ୍ୟେକ ନିଷ୍ପତ୍ତି ‘ନାଗରିକ ଦେବୋ ଭବ’ର ଭାବନା ଦ୍ୱାରା ଅନୁପ୍ରାଣିତ ହେବ। ଏହି ସ୍ଥାନ କ୍ଷମତା ପ୍ରଦର୍ଶନର ନୁହେଁ, ବରଂ ପ୍ରତ୍ୟେକ ଭାରତବାସୀଙ୍କ ସଶକ୍ତିକରଣର କେନ୍ଦ୍ର ପାଲଟିବ। ‘ସେବା ତୀର୍ଥ’ରୁ ପରିଚାଳିତ ହେଉଥିବା ପ୍ରତ୍ୟେକ ପ୍ରୟାସ ଦେଶର ଅନ୍ତିମ ବ୍ୟକ୍ତିର ଜୀବନକୁ ସରଳ କରିବାର ଭାବନା ସହ ଜଡ଼ିତ ରହିବ। ଆମେ ଏହା ଦୋହରାଉଛୁ ଯେ, ଆମେ ଆମ ଲକ୍ଷ୍ୟ ଅନୁସାରେ ସେହି ପ୍ରଶାସନିକ ମଡେଲକୁ ଆହୁରି ମଜବୁତ କରିବୁ, ଯାହା ପାରଦର୍ଶୀ, ଉତ୍ତରଦାୟୀ ଏବଂ ନାଗରିକଙ୍କ ସମ୍ବେଦନଶୀଳତା ପ୍ରତି ସଜାଗ ହୋଇଥିବ।

ଏହି ଚିନ୍ତାଧାରାକୁ ନେଇ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଗତ କିଛି ବର୍ଷ ମଧ୍ୟରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ପ୍ରଶାସନର ଉଦ୍ଦେଶ୍ୟକୁ ନୂତନ ସ୍ପଷ୍ଟତା ପ୍ରଦାନ କରିଛି। କୋଟି କୋଟି ନାଗରିକଙ୍କ ଜୀବନରେ ଆସିଥିବା ପରିବର୍ତ୍ତନ ପ୍ରଶାସନ ପ୍ରତି ଜନତାଙ୍କର ବିଶ୍ୱାସକୁ ମଜବୁତ କରିଛି। ବିଗତ ଏକ ଦଶନ୍ଧି ମଧ୍ୟରେ ୨୫ କୋଟିରୁ ଅଧିକ ନାଗରିକଙ୍କୁ ଦାରିଦ୍ର୍ୟ କବଳରୁ ମୁକ୍ତ କରି ଦେଶ ଅସମ୍ଭବ ଲାଗୁଥିବା କାମକୁ ସମ୍ଭବ କରି ଦେଖାଇଛି। ଏପରି ଅନେକ କୀର୍ତ୍ତିମାନ ପଛରେ ସରକାରଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଚିନ୍ତାଧାରା, ବ୍ୟାପକ ଲକ୍ଷ୍ୟ ଏବଂ କଠିନ ପରିଶ୍ରମ ରହିଛି। ଆୟୁଷ୍ମାନ ଭାରତ ମାଧ୍ୟମରେ କୋଟି କୋଟି ଲୋକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ସହ ଯୋଡ଼ିବାର ଗୌରବ ଦେଶ ହାସଲ କରିପାରିଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ପ୍ରାୟ ୮୦ କୋଟି ନାଗରିକଙ୍କ ପାଖରେ ଖାଦ୍ୟ ସୁରକ୍ଷା ପହଞ୍ଚାଇ କ୍ଷୁଧା ଭଳି ଅଭିଶାପକୁ ସମାପ୍ତ କରାଯାଇପାରିଛି। ସ୍ୱଚ୍ଛ ଭାରତ ମିଶନ ଅଧୀନରେ ୧୨ କୋଟିରୁ ଅଧିକ ଶୌଚାଳୟ ନିର୍ମାଣ ଫଳରେ କୋଟି କୋଟି ପରିବାର ଓ ମହିଳାମାନଙ୍କୁ ସମ୍ମାନପୂର୍ଣ୍ଣ ଜୀବନ ମିଳିପାରିଛି। ଏସବୁ ତଥ୍ୟ ପ୍ରଶାସନର ସେହି ଦିଗକୁ ସଙ୍କେତ ଦେଇଥାଏ ଯେଉଁଠି ନୀତିର ଅନ୍ତିମ ଉଦ୍ଦେଶ୍ୟ ହେଉଛି ନାଗରିକଙ୍କ ଜୀବନକୁ ସରଳ କରିବା।

ସେହିପରି ୪ କୋଟିରୁ ଅଧିକ ଗୃହ ନିର୍ମାଣ ଫଳରେ ଶତାଧିକ ପରିବାରକୁ ଆଶ୍ରୟ ଏବଂ ସୁରକ୍ଷା ମିଳିପାରିଛି। ଗ୍ରାମାଞ୍ଚଳରେ ଜଳ ଜୀବନ ମିଶନ ମାଧ୍ୟମରେ ପାଖାପାଖି ୧୨ କୋଟି ନୂଆ ପରିବାର ପାଖରେ ପିଇବା ପାଣି ପହଞ୍ଚି ପାରିଛି। କେନ୍ଦ୍ର ମନ୍ତ୍ରିମଣ୍ଡଳ ଭାରତର ଅର୍ଥବ୍ୟବସ୍ଥାରେ ଆସିଥିବା ବ୍ୟାପକ ପରିବର୍ତ୍ତନକୁ ଏକ ନିରନ୍ତର ସଂସ୍କାର ଯାତ୍ରା ରୂପେ ଦେଖିଥାଏ। ‘ସର୍ବନିମ୍ନ ସରକାର, ସର୍ବାଧିକ ପ୍ରଶାସନ’ର ମନ୍ତ୍ରକୁ ନେଇ ଜିଏସଟି, ଡିବିଟି ଏବଂ ଡିଜିଟାଲ ଇଣ୍ଡିଆ ଭଳି ସଂସ୍କାର ପ୍ରଶାସନକୁ ଅଧିକ ପାରଦର୍ଶୀ, ଅଧିକ ସକ୍ଷମ ଏବଂ ଅଧିକ ନାଗରିକ କୈନ୍ଦ୍ରିକ କରିପାରିଛି। ଟିକସ ବ୍ୟାପାରରେ ଫେସଲେସ୍ ଯାଞ୍ଚ ପ୍ରକ୍ରିୟା ଦ୍ୱାରା ସଚ୍ଚୋଟତାକୁ ପ୍ରୋତ୍ସାହନ ମିଳିଛି, ଆହୁରି ସାଧାରଣ ନାଗରିକଙ୍କ ଭରସା ମଜବୁତ ହୋଇଛି। ଏସବୁ ପ୍ରୟାସର ଫଳସ୍ୱରୂପ ଭାରତ ଆଜି ବିଶ୍ୱର ଅଗ୍ରଣୀ ଅର୍ଥବ୍ୟବସ୍ଥା ମଧ୍ୟରେ ନିଜର ସ୍ଥାନ ପକ୍କା କରିପାରିଛି।

### ନାବାଳକ ଯୌନ ନିର୍ଯାତନା ମାମଲା

## ଆଗୁଆ ଜାମିନ ଆବେଦନ କଲେ ଶଙ୍କରାଚାର୍ଯ୍ୟ



ପ୍ରୟାଗରାଜ, ୨୪।୨ଃ ଜ୍ୟୋତିଷ ପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀଙ୍କ ବିରୋଧରେ ରୁଜୁ ଯୌନ ନିର୍ଯାତନା ମାମଲା ଆହ୍ଲାହାବାଦ ହାଇକୋର୍ଟକୁ ପହଞ୍ଚିଛି। ପ୍ରଥମେ ଗିରଫ ହେବା ପାଇଁ ପ୍ରସ୍ତୁତ କହୁଥିବା ଶଙ୍କରାଚାର୍ଯ୍ୟ ଆଇନଗତ ଆଶ୍ୱସ୍ତି ନିମନ୍ତେ ହାଇକୋର୍ଟରେ ଅଗ୍ରୀମ ଜାମିନ ନିବେଦନ ଦାଖଲ କରିଛନ୍ତି। ଏହି ଜାମିନ ପିଟିସନ ତାଙ୍କ ଓକିଲ ରାଜର୍ଷି ଗୁପ୍ତା, ସୁଧାଂଶୁ କୁମାର ଓ ଶ୍ରୀପ୍ରକାଶଙ୍କ ମାଧ୍ୟମରେ ଦାଖଲ କରାଯାଇଛି। ଆଶା କରାଯାଉଛି କୋର୍ଟ ଏହା ଉପରେ ଖୁବ୍ ଶୀଘ୍ର ବିଚାର କରିପାରନ୍ତି। ଏହି ଆଇନଗତ ପଦକ୍ଷେପକୁ ଶଙ୍କରାଚାର୍ଯ୍ୟଙ୍କ ପିଛିଲା ଆଭିମୁଖ୍ୟଠାରୁ ପୃଥକ ଦେଖାଯାଉଛି, କାରଣ ସେ ଆଗରୁ ସାର୍ବଜନିକ ଭାବେ କହିଥିଲେ ଯେ ସେ ପୋଲିସ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ବିବାଦ ତୁଳସୀ ପୀଠାଧିଶ୍ୱର ସ୍ୱାମୀ ରାମଭଦ୍ରାଚାର୍ଯ୍ୟଙ୍କ ଶିଷ୍ୟ ଆଶୁତୋଷ ବ୍ରହ୍ମଚାରୀଙ୍କ ଆବେଦନ ପରେ ଉପୁଜିଛି। ସେ ଜିଲ୍ଲା କୋର୍ଟରେ ଆବେଦନ ଦାଖଲ କରି ଗୁରୁତର ଅଭିଯୋଗ କରିଥିଲେ। ଏହା ପରେ ଏଡିଜେ ରେପ୍ ଆଣ୍ଡ ପୋକସୋ ସ୍ପେଶାଲ କୋର୍ଟ ଝୁସୀ ପୋଲିସକୁ ଏତଲା ରୁଜୁ କରିବାକୁ ଆଦେଶ ଦେଇଥିଲେ। କୋର୍ଟଙ୍କ କଡ଼ା ଆଭିମୁଖ୍ୟ ପରେ ପୋଲିସ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ତାଙ୍କ ଶିଷ୍ୟ ମୁକୁନ୍ଦାନନ୍ଦ ଗିରି ଓ ଅନ୍ୟଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ କରିଛି। ପୋଲିସ ବିଏନଏସର ବିଭିନ୍ନ ଧାରା ସମେତ ଲୈଙ୍ଗିକ ଅପରାଧରୁ ଶିଶୁଙ୍କ ସଂରକ୍ଷଣ ଅଧିନିୟମ (ପୋକ୍ସୋ)ର ଗୁରୁତର ଧାରାରେ ମାମଲା ରୁଜୁ କରିଛି। ମାମଲାର ଜଟିଳତା ଦୃଷ୍ଟିରୁ ପୋଲିସ ଏବେ ଗଭୀର ବିଶ୍ଳେଷଣ ମଧ୍ୟ ଆରମ୍ଭ କରିଦେଇଛି। ଝୁସୀ ଥାନାରେ ଏଫଆଇଆର ରୁଜୁ ହେବା ପରେ ଶଙ୍କରାଚାର୍ଯ୍ୟଙ୍କ ଗିରଫଦାରୀକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଥିଲା। ପୋଲିସ ଟିମ୍ ମାମଲା ସମ୍ପର୍କିତ ପ୍ରମାଣ ଏକାଠି କରିବା ଓ ସାକ୍ଷୀଙ୍କ ବୟାନ ରେକର୍ଡ କରିବାରେ ଲାଗିଛି। ଏଥି ମଧ୍ୟରେ ଶଙ୍କରାଚାର୍ଯ୍ୟ ମାମଲାରେ ଅଗ୍ରୀମ ଜାମିନ ନିମନ୍ତେ ହାଇକୋର୍ଟଙ୍କ ଶରଣାପନ୍ନ ହେବା ଚର୍ଚ୍ଚାର ବିଷୟ ପାଲଟିଛି।

## ପରିବା ବଜାର ଉପରେ ଖସିପଡ଼ିଲା ସେନା ହେଲିକପ୍ଟର




ତେହେରାନ, ୨୪।୨ଃ ମଙ୍ଗଳବାର କେନ୍ଦ୍ରୀୟ ଇରାନର ଏକ ଫଳ ଓ ପନିପରିବା ବଜାର ଉପରେ ଏକ ଇରାନୀ ସାମରିକ ହେଲିକପ୍ଟର ଖସିପଡ଼ିଛି। ଏହି ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ଘଟିଛି। ଇରାନୀ ସରକାରୀ ଟେଲିଭିଜନ କହିଛି ଯେ ଏହି ଦୁର୍ଘଟଣା ଇରାନର ରାଜଧାନୀ ତେହେରାନରୁ ପ୍ରାୟ ୩୩୦ କିମି ଦକ୍ଷିଣରେ ଇସଫାହାନ ପ୍ରଦେଶର ଡୋରଚେହ ସହରରେ ଘଟିଛି। ଇସଫାହାନରେ ଇରାନର ଏକ ପ୍ରମୁଖ ବିମାନବନ୍ଦର ଅଛି। ଏଥିସହ ଗତ ବର୍ଷ ଇରାନ-ଇସ୍ରାଏଲ ଯୁଦ୍ଧ ସମୟରେ ଆମେରିକା ସେଠାରେ ଥିବା ଏକ ପରମାଣୁ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଥିଲା। ସରକାରୀ ଟିଭି ରିପୋର୍ଟ କରିଛି, ଉକ୍ତ ହେଲିକପ୍ଟରଟି ଏକ ତାଲିମ ଉଡ଼ାଣ କରୁଥିଲା। ଦୁର୍ଘଟଣାରେ ପାଇଲଟ୍ ଓ କୋ-ପାଇଲଟଙ୍କ ମୃତ୍ୟୁ ଘଟିଛି। ଇରାନର ଅର୍ଦ୍ଧ-ସରକାରୀ ଫାର୍ସ ନ୍ୟୁଜ୍ ଏଜେନ୍ସି ଦୁର୍ଘଟଣାରେ ବଜାରରେ ଥିବା ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଛି।

## ପରମାଣୁ ଅସ୍ତ୍ର ନେଇ ଗୁପ୍ତ ବୈଠକ

ନ୍ୟୁୟର୍କ: ୨୪।୨ଃ ଫ୍ରାନ୍ସ ପ୍ରେସ୍ ଏଜେନ୍ସି ଅନୁଯାୟୀ, ଜେନେଭାରେ ଆମେରିକା ପରମାଣୁ ଅସ୍ତ୍ର ବିଷୟରେ ଆଲୋଚନା କରୁଛି। ଆମେରିକା ଓ ରୁଷ ମଧ୍ୟରେ ପରମାଣୁ ଅସ୍ତ୍ର ନିୟୋଜନକୁ ସୀମିତ କରୁଥିବା ନ୍ୟୁ ଷ୍ଟାର୍ଟ ଚୁକ୍ତିନାମାର ଅବଧି ଗତ ୫ରେ ସମାପ୍ତ ହେବା ପରେ ଏହି ବୈଠକ ହେଉଛି। ଆମେରିକାର ଜଣେ ବରିଷ୍ଠ ଷ୍ଟେଟ୍ ଡିପାର୍ଟମେଣ୍ଟ ଅଧିକାରୀ କହିଛନ୍ତି, ସେମାନେ ଗତକାଲି ଏକ ରୁଷ ପ୍ରତିନିଧିମଣ୍ଡଳୀକୁ ସାକ୍ଷାତ କରିଥିଲେ। ଅଧିକାରୀ ଜଣଙ୍କ କହିଛନ୍ତି ଯେ ଚଳିତ ମାସ ଆରମ୍ଭରେ ନ୍ୟୁ ଷ୍ଟାର୍ଟ ଚୁକ୍ତିନାମାର ମିଆଦ ଶେଷ ହୋଇଛି। ଏହାପରେ ୱାଶିଂଟନରେ ରୁଷ ଓ ଚୀନ୍ ସହ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ଜେନେଭା ବୈଠକ ଅଧିକ ଗୁରୁତ୍ୱପୂର୍ଣ୍ଣ। ଆମେରିକା ମଧ୍ୟ ସମ୍ପ୍ରତି ଯୁକ୍ତରାଜ୍ୟ ଓ ଫ୍ରାନ୍ସ ସହ ଅନେକ ପର୍ଯ୍ୟାୟ ଆଲୋଚନା କରିଛି। ବର୍ତ୍ତମାନ ଚୀନ୍ ପାଖରେ ଆମେରିକା ଓ ରୁଷ ତୁଳନାରେ କମ୍ ପରମାଣୁ ଅସ୍ତ୍ର ଅଛି। କିନ୍ତୁ ସେସବୁର ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି କରୁଛି। ଚୀନ୍ ନୂତନ ତିନି-ରାଷ୍ଟ୍ରୀୟ ଚୁକ୍ତିନାମାରେ ଯୋଗଦେବାକୁ ସାର୍ବଜନୀନ ଭାବେ ମନା କରିଦେଇଛି। ରୁଷ, ଆମେରିକା, ଚୀନ୍, ଫ୍ରାନ୍ସ, ଯୁକ୍ତରାଜ୍ୟ, ଭାରତ, ପାକିସ୍ତାନ, ଇସ୍ରାଏଲ ଓ ଉତ୍ତର କୋରିଆ ପାଖରେ ପରମାଣୁ ଅସ୍ତ୍ର ରହିଛି। ତେବେ ଇସ୍ରାଏଲ ନିଜ ପାଖରେ ପରମାଣୁ ଅସ୍ତ୍ର ଥିବା ସ୍ୱୀକାର କରୁନାହିଁ।

## ବାପାକୁ ମାରି ଖଣ୍ଡଖଣ୍ଡ କରି କାଟିଦେଲା ପୁଅ

ନୂଆଦିଲ୍ଲୀ, ୨୪।୨ଃ ପାଠପଢ଼ାକୁ ନେଇ ବାପା ପୁଅ ମଧ୍ୟରେ ବଚସାରୁ ତୁମୁଳକାଣ୍ଡ। ବାପାକୁ ଗୁଳିକରି ମାରିବା ପରେ ଖଣ୍ଡଖଣ୍ଡ କରି କାଟି ଡ୍ରମରେ ପରେଇ ରଖିଦେଲା ପୁଅ। ଏପରି ଏକ ଛାତିଥରା ଘଟଣା ସାମ୍ନାକୁ ଆସିଛି ଉତ୍ତର ପ୍ରଦେଶର ଲକ୍ଷ୍ନୌରୁ। ଯାହା ସମସ୍ତଙ୍କୁ ଚକିତ କରିଦେଇଛି। ଲକ୍ଷ୍ନୌରେ ଜଣେ ପାଥୋଲୋଜି ଲ୍ୟାବ୍ ମାଲିକଙ୍କ କୌଣସି ପତ୍ତା ମିଳୁନଥିଲା। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୋଲିସ ତନାଘନା ଆରମ୍ଭ କରିଥିଲା। ଶେଷରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତଦେହକୁ ଘର ଭିତରେ ଥିବା ଏକ ନୀଳ ରଙ୍ଗର ଟାଙ୍କି ମଧ୍ୟରୁ ଉଦ୍ଧାର କରାଯାଇଛି। ପ୍ରାରମ୍ଭିକ ତଦନ୍ତରୁ ବାପା-ପୁଅଙ୍କ ମଧ୍ୟରେ କ୍ୟାରିଅର ଏବଂ ପାଠପଢ଼ାକୁ ନେଇ ଲାଗିଥିବା କଳହର ଏହା ପରିଣାମ ବୋଲି କୁହାଯାଉଛି।



ମୃତବ୍ୟକ୍ତି ହେଲେ ବର୍ଦ୍ଧମାନ ପାଥୋଲୋଜିର ମାଲିକ ମାନବେନ୍ଦ୍ର ସିଂ। ସେ ଗତ ୨୦ ତାରିଖରୁ ନିଖୋଜ ଥିଲେ। ସୋମବାର ସେକ୍ଟର ଏଲ୍ ସ୍ଥିତ ବାସଭବନରୁ ତାଙ୍କ ଗଳିତ ମୃତଦେହକୁ ଉଦ୍ଧାର କରାଯାଇଛି। ଯାହାପରେ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ଜାଣିବାକୁ ପାଇଛି। ପୋଲିସର କହିବାନୁସାରେ, ଫେବୃଆରୀ ୨୦ ତାରିଖ ସକାଳେ ମାନବେନ୍ଦ୍ର ଏବଂ ପୁଅଙ୍କ ମଧ୍ୟରେ ପାଠପଢ଼ାକୁ ନେଇ ବଚସା ହୋଇଥିଲା। ପୁଅ ନିଟ୍ ପରୀକ୍ଷା ପାଇଁ ପଢ଼ାପଢ଼ି କରୁଥିଲେ। କିନ୍ତୁ ଠିକ୍ ଭାବେ ନପଢୁଥିବାରୁ ମାନବେନ୍ଦ୍ର ରାଗିଥିଲେ। ଏହାସହ ନିଜର ଲାଇସେନ୍ସପ୍ରାପ୍ତ ରାଇଫଲ ବାହାର କରି ପୁଅକୁ ଡରାଇବାକୁ ଚେଷ୍ଟା କରିଥିଲେ। ତେବେ ପୁଅ ଶାନ୍ତ ହୋଇଯିବାରୁ ସେ ରାଇଫଲକୁ ରଖିଦେଇଥିଲେ। ଏହାର ଫାଇଦା ଉଠାଇ ପୁଅ ରାଇଫଲ ଆଣି ମାନବେନ୍ଦ୍ରଙ୍କୁ ଗୁଳି କରିଦେଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଗୁଳି ମାରିବା ପରେ ୧୬ ବର୍ଷୀୟ ପୁଅ ଘରର ଉପର ମହଲାରୁ ତଳକୁ ଆସିଥିଲା। ଏହାସହ ନିଜ ଭଉଣୀକୁ ଧମକାଇଥିଲା। ସେ ପ୍ରତିଦିନ ଚାପ ଏବଂ କଳହରେ ଅଣନିଶ୍ୱାସୀ ହୋଇପଡିଥିଲେ। ତେଣୁ ସେ ବାପାକୁ ରାସ୍ତାରୁ ହଟାଇବାକୁ ବାଧ୍ୟ ହୋଇଥିଲେ। ଯଦି ଭଉଣୀ ଏକଥା ବାହାରେ କହେ ତେବେ ସେ ତାକୁ ମଧ୍ୟ ମାରିଦେବ ବୋଲି କହିଥିଲେ। ଭୟରେ ଭଉଣୀ କାହା ଆଗରେ ଏକଥା ମୁହଁ ଖୋଲିନଥିଲେ। ହତ୍ୟା ପରେ ପୁଅ ବାପାର ମୃତଦେହକୁ ଟିକଟିକ୍ କରି କାଟିଥିଲେ। କିଛି ଅଙ୍ଗକୁ ବାହାରେ ଫିଙ୍ଗିଥିଲେ ପୁଅ। ଶରୀରର ଅନ୍ୟ ଅଂଶକୁ ଘର ଭିତରେ ଲୁଚାଇ ପୁଅ ରଖିଥିଲେ। ପୋଲିସ ମୃତଦେହର ଅନେକ ଅଙ୍ଗକୁ ଉଦ୍ଧାର କରିଛି। ଆଉ କିଛି ଅଂଶ ଏବେବି ମିଳିନାହିଁ।

## ପର୍ବପର୍ବାଣୀରେ ଯାତ୍ରୀଙ୍କୁ ଲୁଟୁଛନ୍ତି ବିମାନ କମ୍ପାନୀ

ନୂଆଦିଲ୍ଲୀ, ୨୪।୨ଃ ହୋଲି ଏବଂ ଦୀପାବଳି ଭଳି ପର୍ବପର୍ବାଣୀ ସମୟରେ ବିମାନ ଭଡ଼ାରେ ଅହେତୁକ ବୃଦ୍ଧି ହେବା ଏଇ କିଛି ବର୍ଷ ଏକ ନିୟମିତ ବ୍ୟାପାର ହୋଇଗଲାଣି। ଏଥିରେ ସରକାର ନିରବ ଦ୍ରଷ୍ଟା ସାଜୁଥିବା ବେଳେ ସୁପ୍ରିମକୋର୍ଟ ଚିନ୍ତା ବ୍ୟକ୍ତ କରିଛନ୍ତି। ବିମାନ ଟିକେଟର ମୂଲ୍ୟରେ ତୀବ୍ର ବୃଦ୍ଧି ଉପରେ ଚିନ୍ତା ବ୍ୟକ୍ତି କରି ଏହି ପ୍ରସଙ୍ଗକୁ ଗମ୍ଭୀର ବୋଲି କହିଛନ୍ତି ସର୍ବୋଚ୍ଚ ଅଦାଲତ। ଏନେଇ ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ସରକାରଙ୍କୁ ଚାରି ସପ୍ତାହ ମଧ୍ୟରେ ଏକ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



୪ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ହେଲେ ଦୁର୍ଭାଗ୍ୟର କଥା, ସୁପ୍ରିମକୋର୍ଟ ମାର୍ଚ୍ଚ ୨୩ରେ ଅର୍ଥାତ ପାଖାପାଖି ମାସେ ପରେ ମାମଲାର ଶୁଣାଣି କରିବେ। ସେତେବେଳକୁ ହୋଲି ଯାଇ ସାରିଥିବ। ଫେବୃଆରୀ ୨୮ ପାଇଁ ବେଙ୍ଗାଲୁରୁ ଗୋରଖପୁର ରୁଟରେ ବିମାନ ଭଡ଼ା ଏବେ ୧୯,୫୮୯ ଟଙ୍କା (ଟ୍ୟାକ୍ସ ସହିତ) ତାଲିକାଭୁକ୍ତ ହୋଇଛି, ଯାହା ମାସକ ପରେ କମି ମାତ୍ର ୭,୦୦୦ ଟଙ୍କା ହୋଇଯିବ। ତେଣୁ ହୋଲି ବିମାନ ଭଡ଼ା ସାଧାରଣ ଟିକେଟ୍ ମୂଲ୍ୟ ତୁଳନାରେ ପ୍ରାୟ ୧୫୮ ପ୍ରତିଶତ ଅଧିକ ହୋଇଯାଇଛି। ନୂଆଦିଲ୍ଲୀ, ବେଙ୍ଗାଲୁରୁ ଏବଂ ମୁମ୍ବାଇ ଭଳି ମେଟ୍ରୋଗୁଡ଼ିକୁ ପୂର୍ବ ଉତ୍ତର ପ୍ରଦେଶ ଏବଂ ବିହାରର ସହରଗୁଡ଼ିକ ସହିତ ସଂଯୋଗ କରୁଥିବା ରୁଟରେ ଭଡ଼ା ବୃଦ୍ଧି ଅଧିକ ହୋଇଛି। ହୋଲିର ମାସକ ପରେ, ମାର୍ଚ୍ଚ ୨୮ ସୁଦ୍ଧା, ଏହି ରୁଟଗୁଡ଼ିକର ଭଡ଼ା କମି ଆସିବ।

ବିମାନ ଭଡ଼ାରେ ବୃଦ୍ଧି ଋତୁକାଳୀନ ଚାହିଦା ସହିତ ଜଡିତ। ହୋଲି ଭଳି ପର୍ବରେ ଦିଲ୍ଲୀ, ମୁମ୍ବାଇ ଏବଂ ବେଙ୍ଗାଲୁରୁ ଭଳି ମହାନଗରଗୁଡ଼ିକରୁ ଉତ୍ତର ପ୍ରଦେଶ, ବିହାର ଏବଂ ପଶ୍ଚିମବଙ୍ଗର ଆଞ୍ଚଳିକ ସହରଗୁଡ଼ିକୁ ବଡ଼ ଧରଣର ଯାତ୍ରା ଆରମ୍ଭ ହୁଏ। ଏହି ମହାନଗରଗୁଡ଼ିକରେ ସର୍ବାଧିକ ଲୋକ କାମ କରୁଥିବାରୁ ସେମାନେ ହୋଲି ପାଳନ ପାଇଁ ଛୋଟ ସହରକୁ ଆସନ୍ତି। ତେଣୁ ଚାହିଦା ଅନୁସାରେ ଭଡ଼ା ବୃଦ୍ଧି ବ୍ୟବସ୍ଥା ଯୋଗୁ ସିଟ୍ ପୂରଣ ହେବା ପରେ ଲୋକଙ୍କ ଯାତାୟାତର ଡିମାଣ୍ଡକୁ ଦେଖି ବିମାନ କମ୍ପାନୀଗୁଡ଼ିକ ଭଡ଼ା ବଢ଼ାଇ ଦିଅନ୍ତି। ଯାତ୍ରା ତାରିଖ ଯେତେ ନିକଟତର ହୁଏ, ଏବଂ ସିଟଗୁଡ଼ିକ ସେତେ ଶୀଘ୍ର ପୂରଣ ହୁଏ, ଆଉ ଭଡ଼ା ସେତେ ବଢ଼େ।

ରିପୋର୍ଟ ଅନୁସାରେ, ଆଗକୁ ହୋଲି ଥିବାରୁ ଫେବୃଆରୀ ୨୮ ତାରିଖରେ ଦିଲ୍ଲୀରୁ ପାଟନା ରୁଟରେ ବିମାନ ବଢ଼ା ୧୧,୦୫୬କୁ ବୃଦ୍ଧି ପାଇଛି। ହେଲେ ମାର୍ଚ୍ଚ ୨୮ ତାରିଖରେ ଏହାର ବଢ଼ା ମାତ୍ର ୪,୫୦୨ ଟଙ୍କା ଦେଖାଉଛି। ଏଥିରେ ପାଖାପାଖି ୧୪୫ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି। ସେହିପରି ନୂଆଦିଲ୍ଲୀ ଗୟା ସେକ୍ଟରରେ ଇଣ୍ଡିଗୋ ଫ୍ଲାଇଟ୍ ଭଡ଼ା ଫେବ୍ରୁଆରୀ ୨୮ ପାଇଁ ୧୧,୭୨୦ ଟଙ୍କା ଓ ହେଲେ ମାର୍ଚ୍ଚ ୨୮ରେ ଏହା ୪,୪୯୯ ଟଙ୍କା ହୋଇଛି। ସେପରି ବେଙ୍ଗାଲୁରୁ- ପାଟନ ରାଟୁ ଟିକେଟ ଫେବ୍ରୁଆରୀରେ ୧୫,୫୮୫ ରହିଥିବା ବେଳେ ମାର୍ଚ୍ଚରେ ଏହା ୭୫୦୦ ରହିଛି। ହୋଲି ଥିବାରୁ ଏହି ରୁଟ୍ରେ ଭଡ଼ା ୧୦୦ ପ୍ରତିଶତରୁ ଅଧିକ ବୃଦ୍ଧି ହୋଇଛି। ସେହିପରି କୋଲକାତା ରୁଟଗୁଡ଼ିକରେ ବିମାନ ଭଡା ୧୦୦ ପ୍ରତିଶତ ବଢ଼ିଛି। ବେଙ୍ଗାଲୁରୁ-ଗୋରଖପୁରଟ ରୁଟରେ ଭଡା ୨୦ ହଜାର ଅତିକ୍ରମ କରିଛି।

## କ୍ଷମତାଲୋଭୀଙ୍କୁ ଆଇନା ଦେଖାଇବା ଅପରାଧ ନୁହେଁ

ନୂଆଦିଲ୍ଲୀ, ୨୪।୨ଃ ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ କରିବା ସବୁ ଭାରତୀୟଙ୍କ ଲୋକତାନ୍ତ୍ରିକ ଅଧିକାର, ଏହା ଆମ ରକ୍ତରେ ଅଛି। କ୍ଷମାତା ଲୋଭିଙ୍କୁ ଆଇନା ଦେଖାଇବା ଅପରାଧ ନୁହେଁ, ଏହା ହେଉଛି ଦେଶଭକ୍ତି। ତେଣୁ ମତେ ସେହି ଯୁବ କଂଗ୍ରେସ ଭାଇମାନଙ୍କୁ ନେଇ ଗର୍ବ ଅନୁଭବ ହେଉଛି, ଯେଉଁମାନେ ନିଜର ହକ୍ ପାଇଁ ପ୍ରତିବାଦର ସ୍ୱର ଉଠାଇଛନ୍ତି। ନୂଆଦିଲ୍ଲୀ ଭାରତ ମଣ୍ଡପମରେ ଅନୁଷ୍ଠିତ ଏଆଇ ଇମ୍ପାକ୍ଟ ସମ୍ମିଳନୀରେ ଯୁବ କଂଗ୍ରେସର ‘ଅର୍ଦ୍ଧନଗ୍ନ ବିରୋଧ ପ୍ରଦର୍ଶନକୁ ଭିତ୍ତି କରି ଜାତୀୟ ଯୁବ କଂଗ୍ରେସ(ଆଇୱାଇସି)ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଉଦୟ ଭାନୁ ଚିବଙ୍କୁ ଦିଲ୍ଲୀ ପୁଲିସ ଆଜି ଗିରଫ କରିବା ପରେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଏପରି ବୟାନ ଦେଇଛନ୍ତି। ରାହୁଲ ଗାନ୍ଧୀ ତାଙ୍କ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, ମତେ ଯୁବ କଂଗ୍ରେସ ଓ ସେହି ‘ବବର ସେର୍’ ସାଥୀଙ୍କ ଉପରେ ଗର୍ବ ଅନୁଭବ ହେଉଛି ଯେଉଁମାନେ ଭୟଭୀତ ନହୋଇ ‘ସମର୍ପିତ ପ୍ରଧାନମନ୍ତ୍ରୀ’ଙ୍କ ବିରୋଧରେ ସ୍ୱର ଉଠାଇଛନ୍ତି। ଆଉ ଏହି ପ୍ରସଙ୍ଗରେ କଂଗ୍ରେସର ଯୁବନେତା ଓ ଆଇୱାଇସିର ରାଷ୍ଟ୍ରିୟ ଅଧ୍ୟକ୍ଷ ଉଦୟ ଭାନୁ ଚିବଙ୍କୁ ଗିରଫ କରିବା ସରକାରଙ୍କ ଏକଛତ୍ରବାଦକୁ ପରିପ୍ରକାଶ କରୁଛି। କଂଗ୍ରେସ ଦଳ ତା ସାହସୀ ସାଥୀଙ୍କ ସହ ସବୁବେଳେ ଛିଡ଼ାହୋଇଛି। ଯମା ବି ଡର ନାହିଁ ସତ୍ୟ ଓ ସମ୍ବିଧାନ ଆମ ସହିତ ଅଛି ବୋଲି ରାହୁଲ କହିଛନ୍ତି।




### ୩୫,୦୦୦ ଟଙ୍କା ଋଣ ନେଇଥିଲେ ଇଂରେଜ୍

# ୧୦୯ ବର୍ଷ ପରେ ବି ସୁଝିନାହାନ୍ତି

ନୂଆଦିଲ୍ଲୀ, ୨୪।୨ଃ ପ୍ରାୟ ୨୦୦ ବର୍ଷ ଧରି ଭାରତକୁ ଶାସନ କରିଥିଲେ ଇଂରେଜ୍। ଅମାପ ଧନ ସଂପତ୍ତି ଲୁଟି ନେଇଥିଲେ। କିନ୍ତୁ ଏବେ ସମୟ ବଦଳିଛି, ଲୁଟେରା ବ୍ରିଟେନ୍ ପଛରେ ପଡ଼ିଛି। ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ନିଜର ସ୍ଥିତି ମଜଭୁତ କରିସାରିଛି। ବିଶ୍ୱର ଚତୁର୍ଥ ଅର୍ଥନୀତି ଭାରତ, ବ୍ରିଟେନ୍ ଏବଂ ଜାପାନ ଭଳି ଦେଶକୁ ପଛରେ ଛାଡ଼ି ଦେଇଛି। ଖୁବଶୀଘ୍ର ଭାରତ ଆମେରିକା ଏବଂ ଚୀନ୍ ପରେ ତୃତୀୟ ଇକୋନୋମି ହେବାକୁ ଯାଉଛି। ଏସବୁ ଭିତରେ, ୧୦୯ ବର୍ଷ ତଳର ଏକ ଘଟଣା ସାମ୍ନାକୁ ଆସିଛି। ଏହା ଯେତିକି ଆଶ୍ଚର୍ଯ୍ୟ କରିଛି, ସେତିକି କୌତୁହଳ ମଧ୍ୟ ସୃଷ୍ଟି କରିଛି। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜଣେ ଭାରତୀୟଙ୍କ ପାଖରୁ ଋଣ ନେଇଥିଲେ ଇଂରେଜ୍। କିନ୍ତୁ ଆଜି ଯାଏଁ ଋଣ ପରିଶୋଧ କରିନାହାନ୍ତି। ଏହାର ପ୍ରମାଣ ମଧ୍ୟ ମିଳିଛି। ୧୯୧୭ରେ ଘଟିଥିବା ଏ ଘଟଣାକୁ ନେଇ ଏବେ ଖୁବ୍ ଚର୍ଚ୍ଚା।

ଭୋପାଳର ନବାବ ସୁଲତାନ ଜାହାନ ବେଗମଙ୍କ ପରେ ଧନୀ ତାଲିକାରେ ଦ୍ୱିତୀୟ ସ୍ଥାନରେ ଥିଲେ ସେହୋରର ସେଠ୍ ଜୁମ୍ମାଲାଲ ରୁଥିଆ। ୧୦୯ ବର୍ଷ ପୂର୍ବରୁ ୧୯୧୭ ମସିହାରେ ସେ ବ୍ରିଟିଶ ସରକାରଙ୍କୁ ୩୫,୦୦୦ ଟଙ୍କା ଋଣ ଦେଇଥିଲେ। ବ୍ରିଟିଶମାନେ ଦେଶ ଛାଡ଼ି ଚାଲିଯାଇଥିଲେ, କିନ୍ତୁ ରୁଥିଆ ପରିବାରକୁ ଋଣ ଟଙ୍କା ପରିଶୋଧ କରିନଥିଲେ। ଏବେ ଜୁମ୍ମାଲାଙ୍କ ନାତି ବିବେକ ରୁଥିଆ ବ୍ରିଟିଶ ସରକାରଙ୍କୁ କାଠଗଡ଼ାକୁ ଟାଣିବାକୁ ପ୍ରସ୍ତୁତ ହେଉଛନ୍ତି। ଋଣ କାରବାର ସମ୍ବନ୍ଧୀୟ ଦସ୍ତାବିଜ ଆଧାରରେ ବ୍ରିଟିଶ କ୍ରାଉନକୁ ଏକ ଆଇନଗତ




### ନୋଟିସ ପଠାଇବାକୁ ପ୍ରସ୍ତୁତ ହେଉଛନ୍ତି ନାତୀ

ନୋଟିସ ପଠାଉଥିବା ଜଣାପଡ଼ିଛି। ରୁଥିଆ କହିଛନ୍ତି, ସେହି ସମୟରେ ୩୫୦୦୦ ଟଙ୍କାର ମୂଲ୍ୟ ଏବେ ୧ କୋଟି ଟଙ୍କାରୁ ଅଧିକ। ସେଠ୍ ବିବେକ ରୁଥିଆ କହିଛନ୍ତି, ଜେଜେବାପା ସେଠ ଜୁମ୍ମାଲାଲ, ବ୍ରିଟିଶ ସରକାରଙ୍କୁ ଋଣ ଦେବାର ୨୦ ବର୍ଷ ପରେ, ଅର୍ଥାତ ୧୯୩୭ ମସିହାରେ ମୃତ୍ୟୁବରଣ କରିଥିଲେ। ତାଙ୍କ ପିତା ସେଠ୍ ମାନକଚନ୍ଦ୍ର ରୁଥିଆ, ବ୍ରିଟିଶ ସରକାରଙ୍କ ସହିତ ଋଣ କାରବାର ସମ୍ବନ୍ଧୀୟ ଦସ୍ତାବିଜ ପାଇଥିଲେ।

ଭୋପାଳ ରାଜ୍ୟର ପରିଚାଳନାକୁ ସୁଗମ କରିବା ପାଇଁ ବ୍ରିଟିଶ ସରକାର ଏହି ଋଣ ନେଇଥିଲେ। ବିବେକ ରୁଥିଆ ଦାବି କରଛନ୍ତନ୍ତି ଯେ, ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଏକ ଦେଶ ନୀତିଗତ ଭାବରେ ନିଜର ପୁରୁଣା ଋଣ ପରିଶୋଧ କରିବାକୁ ବାଧ୍ୟ। ବିବେକଙ୍କ ପିତା ସେଠ୍ ମାନକଚନ୍ଦ୍ର ରୁଥିଆଙ୍କ ବିଷୟରେ କୁହାଯାଏ ଯେ, ସହରର ୪୦ ରୁ ୪୫ ପ୍ରତିଶତ ବସତି ତାଙ୍କ ଜମିରେ ନିର୍ମିତ। ଇନ୍ଦୋର, ସେହୋର ଏବଂ ଭୋପାଳରେ ଅନେକ ସମ୍ପତ୍ତି ରୁଥିଆ ପରିବାରଙ୍କ ନାମରେ ପଞ୍ଜିକୃତ। କିନ୍ତୁ ସେମାନେ ସେଗୁଡ଼ିକ ବିଷୟରେ ଅଜ୍ଞ। ସେମାନଙ୍କ ସଂପତ୍ତି ଅନ୍ୟମାନଙ୍କ ଦ୍ୱାରା ଦଖଲ କରାଯାଇଛି। ରୁଥିଆ ପରିବାର ଏବେ ବି ଜବରଦଖଲକାରୀଙ୍କ ସହ ମାମଲା ଲଢୁଛନ୍ତି। ତାଙ୍କ ଅନେକ କୋଠାରେ ଏବେ ବି ଲୋକ ରହୁଛନ୍ତି। କିନ୍ତୁ ମାସିକ ଦେଉଛନ୍ତି ୧୦୦ରୁ ୫୦୦ ଟଙ୍କା ଭଡ଼ା।

ବିବେକ ରୁଥିଆ କହିଛନ୍ତି, ଋଣ ପରିଶୋଧ ପାଇଁ ସରକାର ଏକ ସମୟସୀମା ସ୍ଥିର କରିବେ। ଯଦି ସେହି ସମୟ ସୀମା ପରେ ଋଣ ପରିଶୋଧ କରାଯାଏ ନାହିଁ, ତେବେ ଆହୁରି ସର୍ତ୍ତାବଳୀ ଯୋଡ଼ାଯିବ। ଅନ୍ୟପଟେ ଆଇନ ବିଶେଷଜ୍ଞଙ୍କ ମତରେ, ଡକ୍ୟୁମେଣ୍ଟ ଆଧାରରେ ବ୍ରିଟେନ ସରକାରଙ୍କୁ ନୋଟିସ୍ ପଠାଯାଇପାରିବ। ଯେକୌଣସି ଋଣ କାରବାରରେ ଚୁକ୍ତିନାମାର ସର୍ତ୍ତାବଳୀ ଗୁରୁତ୍ୱପୂର୍ଣ୍ଣ। ପରିଶୋଧର ସମୟସୀମା ସ୍ଥିର କରାଯାଇଥାଏ। ଋଣ ଖିଲାପ କଲେ ପରିଣାମ କ’ଣ ହେବ, ତାହା ମଧ୍ୟ ଚୁକ୍ତିନାମାରେ ଉଲ୍ଲେଖ ଥାଏ। ତେଣୁ ସମ୍ପୂର୍ଣ୍ଣ ବିଷୟ ଚୁକ୍ତିନାମାର ସର୍ତ୍ତାବଳୀ ଉପରେ ନିର୍ଭର କରିବ। ସେ ଯାହା ହେଉ, ୧୦୯ ବର୍ଷ ପୁରୁଣା ଋଣ ମାମଲା ପୁଣି ଥରେ ବିତର୍କ ସୃଷ୍ଟି କରିଛି। ରୁଥିଆ ପରିବାର ପକ୍ଷରୁ ଦିଆଯିବାକୁ ଥିବା ନୋଟିସର୍ ବ୍ରିଟେନ୍ କଣ ପ୍ରତିକ୍ରିୟା ଦେବ ତାଉପରେ ସମସ୍ତଙ୍କ ନଜର ରହିବ।

# ରୋଗୀ ନେଇ ଯାଉଥିଲେ ମଝି ଆକାଶରୁ ଖସିପଡ଼ିଲେ

ରାଞ୍ଚି, ୨୪।୨ଃ ପୁଣି ଏକ ଭୟଙ୍କର ବିମାନ ଦୁର୍ଘଟଣାରେ ୭ଜଣଙ୍କ ମୃତ୍ୟୁ ହୋଇଛି। ୮ ଲକ୍ଷର ଲୋନ୍, ଭଡାରେ ଏୟାର ଆମ୍ବୁଲାନ୍ସ, ହେଲେ କେଇ ସେକେଣ୍ଡରେ ସବୁକିଛି ଛାରଖାର୍। କିଏ ବାପାକୁ ହରାଇଲା ତ କାହା ମୁଣ୍ଡରୁ ଲିଭିଛି ସିନ୍ଦୂର। ନିମିଷକରେ ଉଜୁଡିଗଲା ଅନେକ ପରିବାର। ରୋଗୀ ନେଇ ଯାଉ ଯାଉ ମଝି ଆକାଶରେ ଶବ ପାଲଟିଗଲେ ସମସ୍ତେ। ଅଜିତ୍ ପାୱାରଙ୍କ ବିମାନ କ୍ରାସ ଘଟଣା ମନରୁ ନ



ଲିଭୁଣୁ ଝାଡଖଣ୍ଡରେ ପୁଣି ଗୋଟିଏ ବଡ଼ ଧରଣର ବିମାନ ଦୁର୍ଘଟଣା ଘଟିଛି। ଜଣେ ରୋଗୀଙ୍କୁ ନେଇ ରାଞ୍ଚିରୁ ଦିଲ୍ଲୀ ଯାଉଥିବାବେଳେ ଗୋଟିଏ ଏୟାର ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇ ଚତ୍ରା ଜିଲ୍ଲାରେ ଘଞ୍ଚ ଜଙ୍ଗଲ ଭିତରେ ଖସିପଡିଛି। ଦୁର୍ଘଟଣା ଏତେ ଭୟାନକ ଥିଲା ଯେ ବିମାନ ଭିତରେ ଥିବା ସମସ୍ତ ୭ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣାସ୍ଥଳରୁ ଆସିଛି ହୃଦୟ ବିଦାରକ ଚିତ୍ର, ଯେଉଥିରେ ବିମାନଟି ଚୁରମାର୍ ହୋଇପଡିଥିବା ଦେଖାଯାଇଛି। ମୃତକଙ୍କ ମଧ୍ୟରେ ରହିଛନ୍ତି ସଞ୍ଜୟ କୁମାର ନାମକ ଜଣେ ରୋଗୀ, ତାଙ୍କର ସଂପର୍କୀୟ, ଜଣେ ଡାକ୍ତର ଓ ବିମାନ କର୍ମଚାରୀ।

ସଞ୍ଜୟ ଝାଡଖଣ୍ଡ ଚାନ୍ଦୱା ସହରରେ ଏକ ଛୋଟିଆ ହୋଟେଲ କରି ଚଳୁଥିଲେ। ସର୍ଟ ସର୍କିଟରୁ ତାଙ୍କ ହୋଟେଲରେ ନିଆଁ ଲାଗିଯାଇଥିଲା। ନିଆଁରେ ପୋଡି ହୋଇ ସେ ଗୁରୁତର ଥିଲେ। ରାଞ୍ଚିରେ ଟ୍ରିଟମେଣ୍ଟ ପରେ ତାଙ୍କୁ ଦିଲ୍ଲୀ ରେଫର୍ କରିଥିଲେ ଡାକ୍ତର। ହେଲେ ଟଙ୍କାର ଅଭାବ ଯୋଗୁଁ ପରିବାର ଲୋକେ ୮ ଲକ୍ଷ ଟଙ୍କା ଲୋନ୍ କରି ତାଙ୍କୁ ଏୟାରଆମ୍ବୁଲାନ୍ସରେ ଦିଲ୍ଲୀ ନେଉଥିଲେ। ବିମାନରେ ସଞ୍ଜୟଙ୍କ ସହ ଥିଲେ ତାଙ୍କ ପତ୍ନୀ ଅର୍ଚ୍ଚନା, ଜଣେ ସଂପର୍କୀୟ ଧ୍ରୁବ, ଡାକ୍ତର ବିକାଶ କୁମାର ଗୁପ୍ତା, ଜଣେ ଆଟେଣ୍ଡାଣ୍ଟଙ୍କ ସହ ଦୁଇ ବିମାନ କର୍ମଚାରୀ।

ସୋମବାର ସନ୍ଧ୍ୟା ୭ଟା ୧୧ରେ ରାଞ୍ଚିରୁ ଉଡାଣ ଭରିଥିଲା ବିମାନ। ୭ଟା ୩୪ ମିନିଟରେ ବିମାନଟି କୋଲକାତା ଏଟିସି ସହ ସମ୍ପର୍କ କରିଥିଲା। ପରେ ରାଡାର୍ ସହ ଏହାର ସମ୍ପର୍କ କଟି ଯାଇଥିଲା। କେଇ ସେକେଣ୍ଡରେ ରାଞ୍ଚିଠାରୁ ୧୩୦ କିଲୋମିଟର ଦୂର ଚତ୍ରା ଜିଲ୍ଲାର କରମାଟାଣ୍ଡ ଗାଁ ନିକଟ ଜଙ୍ଗଲରେ ଦୁର୍ଘଟଣାଗ୍ରସ୍ତ ହୋଇ ଖସି ପଡ଼ିଥିଲା ବିମାନ। ଖରାପ ପାଗ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ବିମାନ କ୍ରାସ ସମୟରେ ପ୍ରବଳ ବର୍ଷା ପବନ ହେଉଥିଲା।

ମୃତକଙ୍କ ଭିତରେ ଥିବା ଡାକ୍ତର ବିକାଶ ଗୁପ୍ତା ରୋଗୀକୁ ବଞ୍ଚାଇବାକୁ ଯାଇ ନିଜେ ଆଖି ବୁଜିଛନ୍ତି। ସେ କଟକରୁ ଏମବିବିଏସ କରିବା ପରେ ରାଞ୍ଚି ସଦର ହସ୍ପିଟାଲରେ କାର୍ଯ୍ୟରତ ଥିଲେ। ତାଙ୍କର ଗୋଟିଏ ୭ ବର୍ଷର ପୁଅ ଥିବାବେଳେ ପୂରା ପରିବାର ଦୁଃଖରେ ଭାଙ୍ଗିପଡିଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ରାଜ୍ୟ ଅତିଥି ଭବନଠାରେ ଗୋଆର ଜନଜାତି କଲ୍ୟାଣ ମନ୍ତ୍ରୀ ରମେଶ ତାୱଡକରଙ୍କୁ ଭେଟିଛନ୍ତି।

# ପ୍ରଣବଙ୍କ ଫାର୍ମ ହାଉସରେ ବୁଲିଲା ବୁଲଡୋଜର

ଯାଜପୁର,୨୪।୨ (ସଂଚାର ବ୍ୟୁରୋ): ପୂର୍ବତନ ବିଜେଡି ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଫାର୍ମହାଉସକୁ ମଙ୍ଗଳବାର ଦିନ ଉଚ୍ଛେଦ କରାଯାଇଛି। ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ପାନ୍ତୁରୀ ଗ୍ରାମରେ ଏହି ଉଚ୍ଛେଦ ଆରମ୍ଭ ହୋଇଥିଲା। ଏହି ଫାର୍ମହାଉସ ପାଇଁ କିଛି ସରକାରୀ ଜମି ଜବରଦଖଲ ହୋଇଥିବା ଅଭିଯୋଗ ହୋଇଥିଲା। ଧର୍ମଶାଳା ଏବଂ ବଡ଼ଚଣା ତହସିଲର ଅଧିକାରୀ ଏବଂ ଜେନାପୁର ଥାନାର ପୋଲିସ ଅଧିକାରୀଙ୍କ ସହ ମିଶି ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ସେଠାରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ୧୨ ଏକର ଏବଂ ୮୮ ଡେସିମିଲ ଜମି ଉପରେ ପାଚେରୀ ଉଠିଥିଲେ ମଧ୍ୟ ଏହା ପ୍ରାୟ ୧ ଏକର ସରକାରୀ ଜମି ଜବରଦଖଲ କରିଥିବା ନେଇ ସୂତ୍ରରୁ ଜଣାପଡ଼ିଛି। ଗତ ଡିସେମ୍ବର ୧୪ ତାରିଖରେ ଏକ ହିଂସାତ୍ମକ ରାଜନୈତିକ ସଂଘର୍ଷ ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଆକ୍ରମଣରେ ବଳବନ୍ତରାୟଙ୍କ ସମର୍ଥକମାନଙ୍କୁ ଆକ୍ରମଣ କରାଯାଇଥିଲା ଓ ସେଥିରେ ଅନେକ ଆହତ ମଧ୍ୟ ହୋଇଥିଲେ। ଯାହାଫଳରେ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ହୋଇଥିଲା। ଧର୍ମଶାଳା ତହସିଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବେଆଇନ ଜବରଦଖଲକୁ ନେଇ ବଳବନ୍ତରାୟଙ୍କୁ ୩୦ ଦିନିଆ ନୋଟିସ୍ ଜାରି କରିଥିଲେ ଏବଂ ଏଥିସହିତ ଜଡିତ ଆଇନଗତ ମାଲିକାନା ଏବଂ କାଗଜପତ୍ରର ପ୍ରମାଣ ମାଗିଥିଲେ।

ବଳବନ୍ତରାୟ ଏନେଇ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ଓ ଏହି ଜମି ଚିହ୍ନଟ ଏବଂ ସୀମା ନିର୍ଦ୍ଧାରଣ ପାଇଁ ଆବେଦନ କରିଥିଲେ। ଏଥିସହିତ ପ୍ରକ୍ରିୟା ସମାପ୍ତ ନହେବା ପର୍ଯ୍ୟନ୍ତ ଉଚ୍ଛେଦ ସ୍ଥଗିତ ରଖିବାକୁ ଆବେଦନ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ତହସିଲ କର୍ତ୍ତୃପକ୍ଷ ଫେବୃଆରୀ ୧୭ ତାରିଖରେ ସେହି ସ୍ଥାନରେ ଜମି ମାପ ଏବଂ ସର୍ଭେ ଆରମ୍ଭ କରିଥିଲେ। ତେବେ ସରକାରୀ ରେକର୍ଡ ଅନୁଯାୟୀ ପ୍ରାୟ ୧ ଏକର ୧୦ ଡେସିମିଲ ଜମି ପୁନରୁଦ୍ଧାର କରାଯିବ ବୋଲି ଧର୍ମଶାଳା ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସ ସୂଚନା ଦେଇଛନ୍ତି।



## ଆଇଆରଏସ ଅଫିସରଙ୍କ ଭଉଣୀ ଆଣିଲେ ନୂଆ ଅଭିଯୋଗ

ଭୁବନେଶ୍ୱର,୨୪।୨ (ସଂଚାର ବ୍ୟୁରୋ): ଆଇଆରଏସ୍ ଅଫିସର ଦୁଷ୍କର୍ମ ମାମଲାରେ ନୂଆ ମୋଡ଼। ସହିଦନଗର ଥାନାରେ ପହଁଚିଲେ ଆଇଆରଏସ୍ ଅଫିସରଙ୍କ ଭଉଣୀ। ପୀଡିତା ଜଣଙ୍କ ମିଥ୍ୟା ଅଭିଯୋଗ ଆଣିଥିବା ସେ ଅଭିଯୋଗ କରିଛନ୍ତି। ପୀଡିତା ଦୁଷ୍କର୍ମ ଅଭିଯୋଗ ଆଣିବା ପୂର୍ବରୁ ସେ ତାଙ୍କ ନାଁରେ ମହିଳା ଥାନାରେ ଏତଲା ଦେଇଥିଲେ ବୋଲି ଆଇଆରଏସ୍ ଅଫିସରଙ୍କ ଭଉଣୀ କହିଛନ୍ତି। ଏପରିକି ତାଙ୍କ ପରିବାରକୁ ବଦନାମ କରିବା ପାଇଁ ପୀଡିତା ଜଣଙ୍କ ପ୍ଲାନ କରିଥିବା ଭଳି ସେ ସଙ୍ଗିନ ଓ ସାଙ୍ଘାତିକ ଅଭିଯୋଗ କରିଛନ୍ତି। ପୋଲିସ ମଧ୍ୟ ତାଙ୍କ କେସ୍ ସମ୍ପର୍କରେ ପଚରାଉଚରା କରିଛି। ଅତିରିକ୍ତ ଡିସିପି ପାହ୍ୟାର ଅଫିସର ସମ୍ପୂର୍ଣ୍ଣ ଘଟଣାକୁ ନେଇ ତଦନ୍ତ କରୁଛନ୍ତି। ସେପଟେ ଏହି ଘଟଣାରେ ଉଭୟ ପକ୍ଷରୁ ୪ଟି ମାମଲା ହୋଇଥିବା ଜଣାପଡ଼ିଛି।

## କୋଲକାତାରେ ଓଲଟିଲା ସେନା ଗାଡ଼ି

କୋଲକାତା,୨୪।୨(ସଂଚାର ବ୍ୟୁରୋ): ମଙ୍ଗଳବାର ସକାଳେ ବର୍ଷା ଯୋଗୁଁ ମହାନଗରର ମା' ଫ୍ଲାଏ ଓଭରରେ ଏକ ସେନା ଗାଡ଼ି ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିଲା, ଯେଉଁଥିରେ ଦୁଇଜଣ ସୈନିକ ଆହତ ହୋଇଥିଲେ। ଗାଡ଼ିଟି ବିପରୀତ ଲେନ୍‌କୁ ପାର ହୋଇ ରେଲିଂରେ ଧକ୍କା ଦେଇଥିଲା ଏବଂ ଓଲଟି ପଡ଼ିଥିଲା। ଘଟଣା ସମୟରେ ଗାଡ଼ିରେ ତିନି ଜଣ ସୈନିକ ଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣ ଆହତ ହୋଇଛନ୍ତି। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଓଲଟି ପଡ଼ିଥିବା ଗାଡ଼ିରୁ ସୈନିକମାନଙ୍କୁ ବାହାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଥିଲା।

## ଏକାଧିକ କୋର୍ଟରେ ବୋମା ଆତଙ୍କ

କୋଲକାତା, ୨୪।୨(ସଂଚାର ବ୍ୟୁରୋ): 'ଆରଡିଏକ୍ସ ବିସ୍ଫୋରଣ ଘଟଣା ହେବ, ବିଚାରପତି ଏବଂ ଜନସାଧାରଣଙ୍କୁ ହଟାଅ। ମଙ୍ଗଳବାର କୋଲକାତା ସମେତ ରାଜ୍ୟର ଏକାଧିକ କୋର୍ଟକୁ ଏଭଳି ଧମକପୂର୍ଣ୍ଣ ମେଲ ଆସିଛି। ଏନେଇ ଆତଙ୍କ ସୃଷ୍ଟି ହୋଇଥିଲା। ଏହାଦ୍ୱାରା କିଛି ସମୟ ପାଇଁ ବିଭିନ୍ନ କୋର୍ଟରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏନେଇ ରାଜ୍ୟର ମୁଖ୍ୟ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ପ୍ରତ୍ୟେକ ଇମେଲ୍‌ର ଲେଖା ସମାନ। ପୋଲିସ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଆରମ୍ଭ କରିଛି।

# ତୋଷାଳୀ ମେଳାର ୧୧ତମ ସନ୍ଧ୍ୟା




ଭୁବନେଶ୍ୱର,୨୪।୨ (ସଂଚାର ବ୍ୟୁରୋ): ସ୍ଥାନୀୟ ଜନତା ମୈଦାନ ଠାରେ ୨୦ତମ ତୋଷାଳୀ ମେଳାର ୧୧ତମ ସନ୍ଧ୍ୟାରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଉପସ୍ଥିତ ରହି କାରିଗର ଓ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ମନ୍ତ୍ରୀ ନିଜ ବକ୍ତବ୍ୟରେ କହିଥିଲେ ଯେ କାରିଗର ଓ ଶିଳ୍ପୀମାନେ ଆମ ଐତିହ୍ୟର ବାର୍ତ୍ତାବାହ। ତେଣୁ ସେ ହସ୍ତତନ୍ତ ଓ ହସ୍ତଶିଳ୍ପକୁ ବଞ୍ଚେଇ ରଖିବାକୁ ଅନୁରୋଧ କରିଥିଲେ। ବିଭାଗୀୟ ଶାସନ ସଚିବ ଗୁହା ପୁନମ ତାପସ କୁମାର କଳାଭୂମି ଠାରେ ଆୟୋଜିତ ଟେରାକୋଟା କୃତି ପ୍ରତିଯୋଗିତାରେ ରେକର୍ଡ ଭାଙ୍ଗିଥିବା କୃତି ପ୍ରତିଯୋଗୀଙ୍କୁ ଧନ୍ୟବାଦ ଦେବା ସହ ସମସ୍ତ କାରିଗରଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ହସ୍ତତନ୍ତ ହସ୍ତଶିଳ୍ପର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅମୀୟ ଧଳ, ମନ୍ମଥ କୁମାର ପଣ୍ଡା କୌଶଳ, ପ୍ରଦୀପ ନାୟକ, ଉଦୟ ମହାନ୍ତି, ଶରତ ପଧାନ କେଶବ ମେହେର ଓ ଅନ୍ୟ ଶିଳ୍ପୀମାନେ ପୁରସ୍କୃତ ହୋଇଥିଲେ। ମଞ୍ଚରେ ଉପସ୍ଥିତ ରହି ପଦ୍ମ ପୁରସ୍କାର ବିଜେତା ଶରତ କୁମାର ପାତ୍ର, ପଦ୍ମଶ୍ରୀ ବିନୋଦ ମହାରଣା ଓ ଗୁଲାଚି ହ୍ୟାଣ୍ଡଲୁମର ପ୍ରତିଷ୍ଠାତା ପିଙ୍କି ମାଝୀ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ।

# ପ୍ରଦୂଷଣ ନିୟମ ଉଲ୍ଲଂଘନ, ତାଲିକାରେ ୮୩ ଶିଳ୍ପ

ଭୁବନେଶ୍ୱର,୨୪।୨ ବିଗତ ଦେଢ ବର୍ଷ ମଧ୍ୟରେ ରାଜ୍ୟରେ ମାଳ ମାଳ କାରଖାନା ପ୍ରଦୂଷଣ ନିୟନ୍ତ୍ରଣ ନିୟମ ଉଲ୍ଲଙ୍ଘନ କରିଥିବା ନଜରକୁ ଆସିଛି। ତେବେ ରାଜ୍ୟ ପ୍ରଦୂଷଣ ବୋର୍ଡ ଏମାନଙ୍କ ମଧ୍ୟରୁ କାହାରି ଉପରେ ଜୋରିମାନା ଲାଗୁ କରାଯାଇ ନାହିଁ।

ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ। ମନ୍ତ୍ରୀ ଦେଇଥିବା ସୂଚନା ଅନୁଯାୟୀ ଏହି ସମୟ ମଧ୍ୟରେ ମୋଟ୍ ୮୩ଟି ଶିଳ୍ପସଂସ୍ଥା ପ୍ରଦୂଷଣ ନିୟମ ଉଲ୍ଲଙ୍ଘନ କରିଛନ୍ତି। ଏମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୨୩ଟି ଶିଳ୍ପସଂସ୍ଥା ଥିବାବେଳେ ଝାରସୁଗୁଡାର ୧୦ଟି, ଯାଜପୁରର୧୦ଟି, ସମ୍ବଲପୁରର ୧୬ଟି, ଢେଙ୍କାନାଳର ୫ଟି, ଅନୁଗୁଳର ୭ଟି ଓ କଟକର ଦୁଇଟି ସଂସ୍ଥା ରହିଛନ୍ତି।

ପ୍ରଦୂଷଣ ନିୟମ ଉଲ୍ଲଙ୍ଘନ କରିଥିବା ସଂସ୍ଥା ମଧ୍ୟରୁ ଅଧିକାଂଶ ହେଉଛନ୍ତି ଛୋଟ ବଡ ଇସ୍ପାତ କାରଖାନା ଓ ତାପଜ ବିଦ୍ୟୁତ୍ କେନ୍ଦ୍ର। ଝାରସୁଗୁଡାରେ ପ୍ରଦୂଷଣ ନିୟନ୍ତ୍ରଣ ଉଲ୍ଲଙ୍ଘନ କରିଥିବା ସଂସ୍ଥା ମଧ୍ୟରେ ସରକାରଙ୍କ ଓପିଜିସିର ଇବ୍ ତାପଜ କେନ୍ଦ୍ର ରହିଥିବାବେଳେ ସୁନ୍ଦରଗଡ଼ରେ ରାଷ୍ଟ୍ରାୟତ ସଂସ୍ଥା ଏନ୍‌ଟିପିସି-ସେଲ ତାପଜ କେନ୍ଦ୍ର ରହିଛନ୍ତି। ଏଥି ସହିତ ସୁନ୍ଦରଗଡ଼ ଜିଲ୍ଲାରେ ଏନ୍‌ଟିପିସିର ଦର୍ଲିପାଲି ତାପଜ କେନ୍ଦ୍ର ରହିଛି।

ଯାଜପୁର ଜିଲ୍ଲାରେ ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲ, ନୀଳାଚଳ ଇସ୍ପାତ, ଟାଟା ଷ୍ଟିଲ୍, ମୈଥାନ ଇସ୍ପାତ ଭଳି ସଂସ୍ଥା ରହିଥିବାବେଳେ ସମ୍ବଲପୁର ଜିଲ୍ଲାରେ ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍, ଆଦିତ୍ୟ ଆଲୁମିନିୟମ, ହିଣ୍ଡାଲକୋ ଭଳି ବୃହତ୍ ସଂସ୍ଥା ରହିଛନ୍ତି। ସେହିଭଳି ଢେଙ୍କାନାଳ ଜିଲ୍ଲାରେ ଭୂଷଣକୁ ଅଧିଗ୍ରହଣ କରିଥିବା ଟାଟା ଓ ରିମ୍‌ଝିମ୍ ଇସ୍ପାତ ରହିଛି। ଅନୁଗୁଳ ଜିଲ୍ଲାରେ ଏନ୍‌ଟିପିସିର ତାଳଚେର ସୁପର ଥର୍ମାଲ ପାୱାର, ଜିନ୍ଦଲ ଇଣ୍ଡିଆ ଥର୍ମାଲ ପାୱାର ଆଦି ରହିଛନ୍ତି। କଟକ ଜିଲ୍ଲାରେ ନିୟମ ଉଲ୍ଲଙ୍ଘନ କରିଥିବା ଦୁଇଟି ସଂସ୍ଥା ମଧ୍ୟରେ ଗୋଟିଏ ଇସ୍ପାତ ଓ ଅନ୍ୟଟି ତାପଜ ବିଦ୍ୟୁତ କେନ୍ଦ୍ର ରହିଥିବା ଜଣାଯାଇଛି। ଏହି ସମସ୍ତ କାରଖାନାକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

ମନ୍ତ୍ରୀଙ୍କ ଉତ୍ତରରୁ ଜଣାଯାଇଛି ଯେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଜ୍ୟର ଶିଳ୍ପସଂସ୍ଥାଗୁଡିକରେ ୧୩ ହଜାରରୁ ଅଧିକ ଯାଞ୍ଚ କରାଯାଇଛି। ଏଥି ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୧୬୭୨ଟି ଯାଞ୍ଚ ହୋଇଥିବାବେଳେ କଟକ ଜିଲ୍ଲାରେ ୧୧୦୬ ଟି ଯାଞ୍ଚ, ଗଞ୍ଜାମ ଜିଲ୍ଲାରେ ୧୦୯୦ଟି ଯାଞ୍ଚ କରାଯାଇଛି। ସବୁଠାରୁ କମ୍ ମାତ୍ର ୨୭ଟି ଯାଞ୍ଚ କନ୍ଧମାଳ ଜିଲ୍ଲାରେ ହୋଇଛି। (ତଥ୍ୟ)

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ କାନ୍ତକବିଙ୍କ ଶ୍ରାଦ୍ଧୋତ୍ସବ




ଭୁବନେଶ୍ୱର,୨୪।୨ (ସଂଚାର ବ୍ୟୁରୋ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାନ୍ତକବିଙ୍କ ସାରସ୍ୱତ ଅବଦାନ ସମ୍ପର୍କରେ ସ୍ମୃତିସ୍ମରଣ କରିବା ସହ ତାଙ୍କ ରଚନା କିପରି ଓଡ଼ିଶାରେ ଜାତୀୟତାବୋଧକୁ ଜାଗ୍ରତ କରିଥିଲା ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ କାନ୍ତକବିଙ୍କ ପୌତ୍ର ତଥା ବରିଷ୍ଠ ସ୍ତମ୍ଭକାର ଶ୍ରୀଯୁକ୍ତ ଗୁରୁକଲ୍ୟାଣ ମହାପାତ୍ର ଯୋଗଦେଇ କାନ୍ତକବି କିପରି ଦୁଃଖ, କ୍ଳେଶ, ଦୈନ୍ୟ ଭିତରେ ବି ଓଡ଼ିଶାର ପାଠକମାନଙ୍କ ମୁଖରେ ହସ ଫୁଟାଇଥିଲେ, ତାଙ୍କ ସାହିତ୍ୟ କିପରି ଏ ଜାତି ପ୍ରତି ତାର ଦୟାବଦ୍ଧତା ପ୍ରତିପାଦନ କରିଛି ସେ ସମ୍ପର୍କରେ ମତ ରଖିଥିଲେ। ଶ୍ରୀଯୁକ୍ତ ମହାପାତ୍ର ତାଙ୍କ ବକ୍ତବ୍ୟରେ କାନ୍ତକବିଙ୍କ ଜୀବନର ଅନେକ ଅନାଲୋଚିତ ଦିଗକୁ ଅବତାରଣ କରିଥିଲେ। ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଧରଣୀଧର ରଣା କାନ୍ତକବିଙ୍କ କାଳଜୟୀ କୃତିର ପ୍ରଭାବ ସମ୍ପର୍କରେ ଅବତାରଣା କରିଥିବାବେଳେ ସଭାପତିତ୍ୱ ଅଭିଭାଷଣରେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର କାନ୍ତକବିଙ୍କ ସାହିତ୍ୟରେ ହାସ୍ୟରସ କିପରି ଯୁଗୋପଯୋଗୀ ଥିଲା ତାହାର ବର୍ଣ୍ଣନା କରିଥିଲେ। ପ୍ରଫେସର ମହାପାତ୍ର କାନ୍ତକବିଙ୍କ ସମଗ୍ର ସାହିତ୍ୟ କୃତିର ଅବତାରଣା କରିବା ପ୍ରସଙ୍ଗରେ ସମକାଳୀନ ସାହିତ୍ୟରେ କାନ୍ତକବିଙ୍କ ସାହିତ୍ୟ କୃତିର ସ୍ୱାତନ୍ତ୍ର୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ କାନ୍ତକବିଙ୍କ ସାହିତ୍ୟର ସାର୍ବଜନୀନ ଲୋକାଦୃତି ସମ୍ପର୍କରେ ଉଲ୍ଲେଖ କରିଥିଲେ। ଓଡ଼ିଶୀ କଣ୍ଠସଂଗୀତ ବିଭାଗର ଛାତ୍ରୀମାନେ ଗୁରୁ ଡ. ନୀଳାଦ୍ରି କଲ୍ୟାଣ ଦାସଙ୍କ ସଂଯୋଜନାରେ ପାରମ୍ପରିକ ସଂଗୀତ ଭାବେ କାନ୍ତକବିଙ୍କ ବହୁ ଚର୍ଚ୍ଚିତ ତଥା ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରିଥିଲେ। ଅଧ୍ୟାପିକା ସନ୍ଧ୍ୟାରାଣୀ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିବାବେଳେ ୨ୟ ବର୍ଷର ଛାତ୍ର ପ୍ରଣବ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଚାଷୀଙ୍କ...

ଏଆଇ ଇମ୍ପାକ୍ଟ ସମ୍ମିଟ୍‌ରେ ସେମାନେ ଯେଉଁ ନଗ୍ନ ପ୍ରଦର୍ଶନ କଲେ, ତା' ମଧ୍ୟ ଗଣତନ୍ତ୍ରରେ ଶୋଭନୀୟ ନୁହେଁ। ତାହା ଦେଖି ତାଙ୍କର ଆଚାର ବିଚାର ସମ୍ପୂର୍ଣ୍ଣ ରୂପେ ଆକାଂକ୍ଷିତ ବୋଲି ଶ୍ରୀ ମାଝୀ କହିଛନ୍ତି।

ଗତ ୧୭ ତାରିଖରୁ ଚାଷ ଓ ଚାଷୀଙ୍କ ନାଁରେ ବିଧାନସଭା ଭିତରେ ଓ ବାହାରେ ନିଚ୍ଛକ ରାଜନୀତି ଚାଲିଛି। କୃଷକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୨୦୨୬-୨୭ ବଜେଟରେ ୪୨ ହଜାର ୪୯୩ କୋଟି ଟଙ୍କାର ବ୍ୟୟବରାଦ ହୋଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୨.୩ ପ୍ରତିଶତ ଅଧିକ। ଧାନ ସଂଗ୍ରହ ପ୍ରକ୍ରିୟା ସହ ଚାଷୀମାନଙ୍କୁ ତାଙ୍କ ପାଉଣା ଠିକଣା ସମୟରେ ଦେବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ଆବର୍ତ୍ତନ ପାଣ୍ଠିକୁ ୫ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଆବର୍ତ୍ତନ ପାଣ୍ଠିର ଆକାର ଥିଲା ୨ ହଜାର କୋଟି। ଏଥିସହ ଆସନ୍ତା ୩ ବର୍ଷରେ ପ୍ରାୟ ୧୧ ଲକ୍ଷ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ ପାଇଁ ମଧ୍ୟ ପ୍ରସ୍ତାବ ରହିଛି। ବିରୋଧୀ ଦଳର ବିଧାୟକମାନେ ଚାଷୀମାନଙ୍କ ପାଇଁ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି।

ବିଜେଡି ରାଜ୍ୟରେ ଶାସନରେ ଥିବା ବେଳେ ସଂସଦରେ ତାଙ୍କ ସାଂସଦମାନେ କେବେ ବି ଗୃହର ମଧ୍ୟଭାଗକୁ ଯାଇ ହଟ୍ଟଗୋଳ କରିନଥିଲେ। ଏଥିପାଇଁ ତାଙ୍କୁ ପ୍ରଧାନମନ୍ତ୍ରୀ ଏକଦା ପ୍ରଶଂସା କରିଥିଲେ। କିନ୍ତୁ ଏବେ ରାଜ୍ୟବାସୀ ତାଙ୍କୁ ଶାସନ ଭାରରୁ ହଟାଇ ଦେବାରୁ ସେମାନଙ୍କ ନୀତି ବଦଳିଯାଇଛି। ସାରା କୃଷକ ସମାଜ ସେମାନଙ୍କୁ ଆଲୋଚନା ପାଇଁ ଅପେକ୍ଷା କରିଥିଲା। ବିଭିନ୍ନ ପ୍ରଶ୍ନର ଉତ୍ତର ପାଇଁ ସେମାନେ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନାର ନିର୍ଯ୍ୟାସ ପାଇଁ ଅପେକ୍ଷା କରିଥିଲେ। କିନ୍ତୁ ମୁଖ୍ୟ ବିରୋଧୀ ଦଳ ଚାଷୀଙ୍କ ନାଁରେ ନିଚ୍ଛକ ରାଜନୀତି କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଆକ୍ଷେପ କରିଛନ୍ତି।

ମୁଖ୍ୟ ବିରୋଧୀ ଦଳ ବାରମ୍ବାର ଚାଷ ଓ ଚାଷୀଙ୍କୁ ନେଇ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଯଦି ବିଜେଡି ସରକାର କୃଷି ପାଇଁ ଏତେ ଭଲ କାମ କରିଥିଲେ, ତା'ହେଲେ ସେମାନଙ୍କ ଶାସନରେ ଚାଷୀଙ୍କ ଆୟ ସାରା ଦେଶରେ ଶେଷ ଆଡୁ ଦ୍ୱିତୀୟ କାହିଁକି ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ୨୪ ବର୍ଷ ଶାସନ କରି ସେମାନେ କୃଷକ ପରିବାରର ଆୟରେ ବୃଦ୍ଧି କରିପାରିଲେ ନାହିଁ। ଆମ ସରକାର ୨୪ ମାସରୁ ବି କମ ସମୟ ଭିତରେ ପ୍ରତି ପରିବାରର ଆୟ ଅତି କମରେ ବାର୍ଷିକ ୩୩ ହଜାର ଟଙ୍କାରୁ ଅଧିକ କରିବାରେ ସମର୍ଥ ହୋଇଛି। ଚାଷୀଙ୍କୁ ୧୦୦ ଟଙ୍କା ବୋନସ କାହିଁକି ଦେଲେନାହିଁ ବୋଲି ପ୍ରଶ୍ନ କଲେ ବିଜେଡି ନେତାମାନେ କେନ୍ଦ୍ର ଆଡ଼କୁ ଦୋଷ ଠେଲିଦେଉଛନ୍ତି। ଯଦି ଏହା ସତ, ତା'ହେଲେ ଛତିଶଗଡର କଂଗ୍ରେସ ସରକାର କିପରି ଭାବେ ବର୍ଦ୍ଧିତ ଇନପୁଟ ସବସିଡି ଦେଉଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ୨୪ ବର୍ଷର ସରକାରଙ୍କର ଚାଷୀଙ୍କ ପ୍ରତି କୌଣସି ଦରଦ ନ ଥିଲା, କେବଳ ମିଛରେ ଲୁହ ଗଡ଼ାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସମାଲୋଚନା କରିଛନ୍ତି।

ବଜେଟ ଉପରେ ଆଲୋକପାତ କରିବାକୁ ଯାଇ ସେ କହିଛନ୍ତି ଏହା କେବଳ ଆୟବ୍ୟୟର ହିସାବ ନୁହେଁ, ଏହା ରାଜ୍ୟବାସୀଙ୍କ ଆଶା ଓ ଆକାଂକ୍ଷାର ପ୍ରତିଫଳନ। ଲୋକଙ୍କୁ ନ୍ୟାୟ ଓ ବିକାଶର ସମସ୍ତ କ୍ଷେତ୍ରକୁ ଦୃଷ୍ଟିରେ ରଖି ଏହି ବଜେଟ ପ୍ରସ୍ତୁତ ହୋଇଛି। କେନ୍ଦ୍ର ବଜେଟରେ ମଧ୍ୟ ଓଡ଼ିଶାକୁ ଗୁରୁତ୍ୱ ଦିଆଯାଇଛି। ୫୦ ବର୍ଷ ଧରି ପଶ୍ଚିମ ଓଡିଶାବାସୀଙ୍କ ସ୍ୱପ୍ନ ଥିଲା ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ। ବୋଧହୁଏ ଏ ବର୍ଷ ଶେଷ ସୁଦ୍ଧା କିମ୍ବା ଆଗାମୀ ବର୍ଷ ପ୍ରାରମ୍ଭରେ ଏହା ପୂର୍ଣ୍ଣକ୍ଷମ ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏଥିସହ ଚଳିତ ବଜେଟରେ ତାଳଚେର, ଅନୁଗୁଳ, ପାରାଦୀପ ଓ ଧାମରା ମଧ୍ୟରେ ଆଭ୍ୟନ୍ତରୀଣ ଜଳ ପରିବହନକୁ ବୃଦ୍ଧି କରି ବନ୍ଦରଭିତ୍ତିକ ବିକାଶକୁ ତ୍ୱରାନ୍ୱିତ କରାଯିବ। ରାଜ୍ୟ ପାଇଁ ୧୫ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟ ଅଟକଳ ସହ ପ୍ରାୟ ୪ ଶହ କିମି ନୂତନ ସଡ଼କ ଓ ଜାତୀୟ ରାଜପଥର ଉନ୍ନତି ପାଇଁ ଅନୁମୋଦନ ପ୍ରଦାନ କରିଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସେହିଭଳି ସହରର ରୂପାନ୍ତରଣ କ୍ଷେତ୍ରରେ ବର୍ତ୍ତମାନ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପ୍ରବେଶ କରୁଛି। ନଗର ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ ନାମରେ ଏକ ନୂଆ ଯୋଜନା ଆରମ୍ଭ କରାଯାଉଛି। ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଡାଲଖାଇ ନାମକ ଏକ ନୂତନ ପ୍ରୟାସର ପ୍ରସ୍ତାବ ରହିଛି। 'ରାଜ୍ୟ ଏଆଇ ମିଶନ' ଜରିଆରେ ଏଆଇକୁ ଶାସନ ଓ ସେବା ବିତରଣରେ ଏକୀକରଣ କରିବା ଦିଗରେ ବିଭାଗଗୁଡ଼ିକୁ ସାହାଯ୍ୟ କରିବ। ଏହା ଶାସନ ବ୍ୟବସ୍ଥାର ଦକ୍ଷତା, ସଠିକତା ଓ ସମ୍ବେଦନଶୀଳତା ବୃଦ୍ଧି ପାଇଁ ଜରୁରୀ। ରାଜ୍ୟ ସରକାରଙ୍କ ସମୟୋଚିତ ପଦକ୍ଷେପ ଫଳରେ ଓଡ଼ିଶା ଆଗାମୀ ଦିନରେ 'ସେମିକଣ୍ଡକ୍ଟର କ୍ୟାପିଟାଲ' ହେବାକୁ ଯାଉଛି ବୋଲି ସେ କହିଛନ୍ତି। କେବଳ ସେମିକଣ୍ଡକ୍ଟର ନୁହେଁ, ବର୍ତ୍ତମାନ ଓଡିଶାରେ ଏକପ୍ରକାର ଶିଳ୍ପ ବିପ୍ଳବ ଚାଲିଛି। ବିଜେପି ସରକାର କ୍ଷମତାକୁ ଆସିବା ପରେ ଓଡ଼ିଶାକୁ 'ଫାର୍ମା କ୍ୟାପିଟାଲ' କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶା ସ୍ଥାନକୁ ଆହୁରି ଦୃଢ କରିବା ସକାଶେ ବଜେଟରେ ୧ ହଜାର ୨୩ କୋଟିର ବ୍ୟବସ୍ଥା କରାଯାଇଛି। ସରକାର ରାଜ୍ୟର ସବୁ ଗାଁକୁ ବିଜୁଳି, ସଡ଼କ ଓ ପାନୀୟ ଜଳ ଯୋଗାଣ ପାଇଁ 'ମିଶନ ପାୱାର'ର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ଏକ ନିଶ୍ଚିତ ସମୟ ସୁଦ୍ଧା ସମସ୍ତ ଗ୍ରାମକୁ ଏହିସବୁ ମୌଳିକ ସୁବିଧା ଯୋଗାଇ ଦିଆଯିବ।

## ପ୍ରେମ...

ନେଇ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାବା ପରେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଥିଲା। ଆଜି କୋଟପାଡ଼ ଥାନା ଅନ୍ତର୍ଗତ ଅଣ୍ଡିରା ମୁଣ୍ଡା କେନାଲରେ ଏକ ବସ୍ତାରେ ଶବ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ପୁଲିସ ଅଗ୍ନିଶମ ବିଭାଗ ଓ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ବସ୍ତା ଭିତରୁ ପୁଅ ଏହେମର ଗଳିତ ଶବ ଉଦ୍ଧାର କରିଥିଲେ। ପୁଅର ଗଳା କାଟି ହାତ ଗୋଡ଼ ବାନ୍ଧି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ପାରିପାର୍ଶ୍ୱିକ ପରିସ୍ଥିତିରୁ ଅନୁମାନ କରାଯାଉଛି। ମା'ଙ୍କ ମୃତଦେହ ଅଦ୍ୟାବଧି ମିଳିପାରିନଥିବା ବେଳେ ପୁଲିସ୍ ଉକ୍ତ ନାବାଳିକାଙ୍କୁ ପଚରାଉଚରା କରୁଛି। ସାଇଣ୍ଟିଫିକ ଟିମ ଅନୁଷ୍କାଙ୍କ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସମ୍ପର୍କୀୟଙ୍କ କହିବାନୁଯାୟୀ, ନାବାଳିକା ଜଣଙ୍କ ଘର ପାଖରେ ଥିବା ଏକ ପୁଅକୁ ପ୍ରେମ କରୁଥିଲା। ତେବେ ମା' ଅନୁଷ୍କା ଏହି ପ୍ରେମ ସମ୍ପର୍କକୁ ବିରୋଧ କରୁଥିଲେ। ଏଥିରେ ଉତ୍ୟକ୍ତ ହୋଇ ନାବାଳିକା ଜଣଙ୍କ ସେମାନଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇଦେବା ସକାଶେ ଏଭଳି ଏକ ନାରକୀୟ କାଣ୍ଡ ଘଟାଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୁଲିସ ଉକ୍ତ ନାବାଳିକାଙ୍କ ପ୍ରେମିକକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଖୁବ୍‌ଶୀଘ୍ର ମା'ଙ୍କ ମୃତଦେହବ ଉଦ୍ଧାର ହେବ ଓ କାହାଣୀ ଉପରୁ ପରଦା ହଟିବ ବୋଲି ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା କହିଛନ୍ତି।

## ବିଜେଡିକୁ...

ଗାଳିଦେଲେ। ବିଜେଡି ସଦସ୍ୟମାନେ ଯେତେ ପାଟିତୁଣ୍ଡ କଲେ ବି କଂଗ୍ରେସ ସେଥିକୁ ନଜର ଦେଲା ନାହିଁ। ଏହାପରେ କଂଗ୍ରେସ ଦେଇଥିବା ମୁଲତବୀ ନୋଟିସ ବି ଆଲୋଚନା ପରିସରକୁ ଆସିଲା। ଚାଷୀ ପ୍ରସଙ୍ଗରେ ବିଜେଡିର ହାତ ଛାଡ଼ି କଂଗ୍ରେସ ମୁଲତବୀ ଆଲୋଚନା କଲା। ସରକାରଙ୍କୁ ଗୃହ ଭିତରେ ଗାଳି ଦେଇ ରେକର୍ଡ କରାଇଲା। ବିଭାଗୀୟ ମନ୍ତ୍ରୀ ଭାଷଣ ଦେଲା ବେଳକୁ କକ୍ଷତ୍ୟାଗ କଲା। ମୁଲତବୀ ଆଲୋଚନାକୁ ଭଣ୍ଡୁର ପାଇଁ ବିଜେଡି ସଦସ୍ୟମାନେ ଉଦ୍ୟମ କରି କକ୍ଷତ୍ୟାଗ କଲେ। କଂଗ୍ରେସ ବାର୍ତ୍ତା ଦେଲା ଯେ ସେମାନେ ଚାଷୀଙ୍କ ପ୍ରସଙ୍ଗ ଆଲୋଚନା ସପକ୍ଷରେ ରହିଛନ୍ତି ଓ ଗୃହରେ ଆଲୋଚନା ବି କଲେ। ଚାଷୀଙ୍କ ପ୍ରସଙ୍ଗ ବି ଉଠାଇଲେ। କଂଗ୍ରେସର ଏଭଳି ରାଜନୀତି କେବଳ ବିଜେଡିକୁ ଅଡୁଆରେ ପକାଇନାହିଁ, ବରଂ ଚାଷୀ ପ୍ରସଙ୍ଗରେ ସବୁ ଶ୍ରେୟ ନେବା ପାଇଁ ଦଳ ଯେଉଁ ରଣନୀତି କରିଥିଲା, ତା'କୁ ଏକପ୍ରକାର ଭଣ୍ଡୁର କରିଦେଇଛି।

## ଜଳିଗଲା...

ହରକତ ହେବାକୁ ପଡ଼ିଥିଲା। ଶେଷରେ ସେମାନେ କାଛ ଭାଙ୍ଗି ଭିତରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ପରେ ଫୋମ୍ ସାହାଯ୍ୟରେ ସେମାନେ ନିଆଁ ଲିଭାଯାଉଛି ବୋଲି ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଥିଲେ। ତେବେ ଦୀର୍ଘ ୨୦ ଘଣ୍ଟା ଧରି ନିଆଁ ଜାରି ରହିବା ଫଳରେ ଏହାର ପ୍ରକୋପରେ କୋଠାର କାନ୍ଥ ମଧ୍ୟ ଫାଟିବା ଆରମ୍ଭ କରିଥିଲା। ତେଣୁ ସ୍ଥାନୀୟ ଲୋକେ କୋଠା ଭୁଶୁଡ଼ିପଡ଼ିବା ନେଇ ଆଶଙ୍କା କରିଥିଲେ। ତେବେ ସୌଭାଗ୍ୟବଶତଃ ସେପରି କିଛି ଘଟିନଥିଲା ଓ ବ୍ୟାପକ କସରତ ପରେ ଶେଷରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ତେବେ ଅଗ୍ନିକାଣ୍ଡର ଠୋସ୍ କାରଣ ନେଇ କିଛି ଜଣାପଡ଼ିନଥିଲେ ହେଁ ସୁପରମାର୍କେଟର ମାଲିକ ସୁବାଷ ଚନ୍ଦ୍ର ଜଗତି କହିଛନ୍ତି।

## ଫେଲ ମାରିଲା...

ଫାୟାର ଫାଇଟର ରୋବର୍ଟ ଦୁଇ ଘଣ୍ଟାରେ ନିୟନ୍ତ୍ରଣ କରିପାରିବ ବୋଲି ଦାବି କରି ନିଜକୁ ଗେମ ଚେଞ୍ଜର ବୋଲି କୁହାଯାଇଥିଲା। କିନ୍ତୁ ସୁପର ମାର୍କେଟ ଅଗ୍ନିକାଣ୍ଡ ସମୟରେ ଏହି ରୋବର୍ଟର ପ୍ରକୃତ ଦକ୍ଷତା ଧରାପଡ଼ିଥିଲା। ରୋବର୍ଟକୁ ନେଇ ଯାହାର ପ୍ରଚାର କରାଯାଇଥିଲା, ତାହା ମିଛ ପ୍ରମାଣିତ ହୋଇଛି। ୨୦ ଘଣ୍ଟା ଧରି ଜାରି ରହିଥିବା ନିଆଁରେ ଉପର ମହଲାରେ ଥିବା ଦହନଶୀଳ ସାମଗ୍ରୀରେ ନିଆଁ ଲାଗି ପ୍ରବଳ ଉତ୍ତାପ ସୃଷ୍ଟି ହୋଇଥିଲା। ଆଉ ସେ ଭିତରକୁ ପଶି ପାରିନଥିଲା ଏହି ବହୁପ୍ରଚାରିତ ରୋବର୍ଟ। କେବଳ ସେତିକି ନୁହେଁ, ଏବେ ବିଶେଷଜ୍ଞମାନେ କହିଛନ୍ତି ଯେ ନିମ୍ନମାନର ଚୀନ୍ ମାଲକୁ ୭/୮ ଗୁଣା ଅଧିକ ଦର ଦେଇ କିଣାଯାଇଛି। ବିଜେଡି ସରକାର ଅମଳରେ ଅଗ୍ନିଶମ ବିଭାଗରେ ଏହି ରୋବର୍ଟ କିଣାରେ ବଡ ଧରଣର ହେରଫେର ହୋଇଥିବା ଅଭିଯୋଗ ହେଉଛି।

## ବର୍ଷା ପବନରେ...

ଏସ୍‌ସିବିକୁ ସ୍ଥାନାନ୍ତର କରାଯିବ ବୋଲି ଡାକ୍ତର କହିଛନ୍ତି। ଶ୍ରମିକମାନେ କାମ କରୁଥିବା ସମୟରେ ଆବଶ୍ୟକ ସୁରକ୍ଷା ଉପକରଣ ବ୍ୟବହାର କରୁନଥିବା ଅନୁମାନ କରାଯାଉଛି। ଏହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ୍ କରାଯିବାକୁ ଦାବି ହେଉଛି। ଅନ୍ୟପକ୍ଷରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସେହିପରି ଆଇଗିଣିଆ ଅଞ୍ଚଳରେ ଡୁଡୁଡୁମା ଅଞ୍ଚଳର ସୁରେନ୍ଦ୍ର ନାମକ ଜନୈକ ଯୁବକଙ୍କ ମୃତ୍ୟୁ ଘଟିଛି। କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସହ ପବନ ହୋଇଥିଲା। ଏହି ସମୟରେ ସୁରେନ୍ଦ୍ରଙ୍କ ଉପରେ ଖସି ପଡ଼ିଥିଲା ହୋର୍ଡିଂ। ତାଙ୍କୁ ତୁରନ୍ତ ଭୁବନେଶ୍ୱର ଏମ୍ସକୁ ଚିକିତ୍ସା ପାଇଁ ନିଆଯାଉଥିଲେ ହେଁ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଡିଡିଏମଙ୍କ...

ଅଭିଯୋଗ ଅନୁଯାୟୀ, ବୌଦ୍ଧ ବାଲିଘାଟ ପାଇଁ ଲିଜ୍ ନବୀକରଣ ହୋଇନାହିଁ, ଯେଉଁଥିପାଇଁ ମାଫିଆମାନେ ଦିନରାତି ଟ୍ରକ୍‌ରେ ବେଆଇନ ଉତ୍ତୋଳନ କରି କୋଟି କୋଟି ଟଙ୍କାର ଚୋରାଚାଲାଣ କରୁଛନ୍ତି। ଫଳରେ ରାଜ୍ୟ ସରକାର ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହାରାଉଥିବା ସହ ପ୍ରଶାସନର ଛବି ମଧ୍ୟ ଖରାପ ହେଉଛି।

ସବୁଠାରୁ ଉଦ୍‌ବେଗର କଥା ହେଉଛି, ମାଫିଆଙ୍କୁ ରୋକିବା ବଦଳରେ ଡିଡିଏମ ଚୋରା ଚାଲାଣ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ମାଫିଆଙ୍କୁ ନୀରବ ସମର୍ଥନ ଦେଉଛନ୍ତି। ଯାଜପୁରରେ ଏବେସବୁ ବାଲିଘାଟରେ ଚାଲିଛି ବେଆଇନ ବାଲି ଉତ୍ତୋଳନ। ଏହା ଅପରେସନ 'ବାଲୁ ବଜ୍ର'ର ବିଶ୍ୱସନୀୟତା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲାରେ ଚାଲିଥିବା ଏଭଳି ବେଆଇନ କାରବାର ଉପରେ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ବଦଳିଲା...

ପ୍ରସ୍ତାବକୁ ପାରିତ କରିଥିଲା। ପ୍ରସ୍ତାବ ଆଗତ କରିଥିବା ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଚାହୁଁଥିଲେ ଯେ, କେନ୍ଦ୍ର ସରକାର ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ ସମସ୍ତ ଭାଷାରେ ଦକ୍ଷିଣ ରାଜ୍ୟର ନାମ କେରଳରୁ କେରଳମ୍‌କୁ ପରିବର୍ତ୍ତନ କରନ୍ତୁ। ଏହା ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ରାଜ୍ୟକୁ ମାଲାୟଲମରେ କେରଳମ୍ କୁହାଯାଏ ଏବଂ ଜାତୀୟ ସ୍ୱାଧୀନତା ସଂଗ୍ରାମ ସମୟରୁ ମାଲାୟାଲମ ଭାଷାଭାଷୀ ସମ୍ପ୍ରଦାୟ ପାଇଁ ଏକ ଅଖଣ୍ଡ କେରଳର ଦାବି ଜୋରଦାର ହୋଇଆସୁଛି।

## ବ୍ୟାପକ ହେବ...

ସର୍ବୋଚ୍ଚ ବଳିଦାନ ଦେଇଥିଲେ, ତା' ଦେଶପ୍ରେମ ଓ ନୈତିକ ଦୃଢ଼ତାର ଏକ ଅନନ୍ୟ ପ୍ରତୀକ। ସହିଦ ବାଜି ରାଉତ କେବଳ ଓଡ଼ିଶାର ଜଣେ ଆଞ୍ଚଳିକ ନାୟକ ନୁହଁନ୍ତି, ବରଂ ସେ ସମଗ୍ର ଭାରତ ପାଇଁ 'ଯୁବ ଦେଶପ୍ରେମ'ର ଏକ ଅମର ପ୍ରତୀକ ଓ ଜାତୀୟ ଆଇକନ।

ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଗତ ବର୍ଷ ଅକ୍ଟୋବର ୫ରେ ପ୍ରବେଶ କରିଥିବା ବେଳେ ଆସନ୍ତା ଅକ୍ଟୋବର ୫ ପର୍ଯ୍ୟନ୍ତ ବର୍ଷେ ବ୍ୟାପୀ ଶତବାର୍ଷିକୀ ଉତ୍ସବ ପାଳନ କରାଯିବ। ମୁଖ୍ୟମନ୍ତ୍ରୀ ମଧ୍ୟ ରାଜ୍ୟ ସ୍ତରରେ ଏହି ଶତବାର୍ଷିକୀକୁ ସହିଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନର ମିଳିତ ସହଯୋଗରେ ପାଳନ କରିବା ନେଇ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଐତିହାସିକ ଅବସରକୁ ସ୍ମରଣୀୟ କରିବା ପାଇଁ ଶ୍ରୀ ପ୍ରଧାନ 'ସହିଦ ବାଜି ରାଉତଙ୍କ ଅମର ଗାଥା: ରାଷ୍ଟ୍ର ନିର୍ମାଣ ପାଇଁ ଯୁବଶକ୍ତିଙ୍କୁ ପ୍ରେରଣା' ଶୀର୍ଷକର ଏକ 'ଜାତୀୟ ଛାତ୍ର ଓ ଯୁବ ସମ୍ମିଳନୀ' ଆୟୋଜନ ପାଇଁ ପୃଥକ ଏକ ସଂଲଗ୍ନ ପତ୍ରରେ ପ୍ରସ୍ତାବ ଦେଇଛନ୍ତି।

ସ୍କୁଲରୁ କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ସେମିନାର, ସାକ୍ଷାତାଲୋଚନା, ପ୍ରଦର୍ଶନୀ, ବକ୍ତୃତା, ରଚନା ଲିଖନ, ସାଂସ୍କୃତିକ ପ୍ରଦର୍ଶନ ଓ ଇତିହାସରେ ଅନାଲୋଚିତ ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତା ସାମିଲ କରିବା ସକାଶେ ଶ୍ରୀ ପ୍ରଧାନ ତାଙ୍କ ଚିଠିରେ ଦର୍ଶାଇଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ଛାତ୍ର ଓ ଯୁବ ସମାଜ ମଧ୍ୟରେ ବାଜି ରାଉତଙ୍କ ଦେଶପ୍ରେମ ବିଷୟରେ ସଚେତନତା ସୃଷ୍ଟି କରିବା ସହ ସେମାନଙ୍କ ମଧ୍ୟରେ ମାତୃଭୂମି ପ୍ରତି ଦାୟିତ୍ୱବୋଧ ଜାଗ୍ରତ ହୋଇପାରିବ। ବର୍ତ୍ତମାନ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଜାତୀୟ ସ୍ତରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଲେ ଏହା ଦେଶର କୋଣଅନୁକୋଣରୁ ଯୁବକ ଓ ଛାତ୍ରମାନଙ୍କୁ ଏକାଠି କରିବାରେ ସହାୟକ ହେବ।



## ଇପିଏଫଓ ଆଣିଛି ଖୁସି ଖବର

# କର୍ମଚାରୀଙ୍କ ପେନସନ୍ ବଢ଼ିବ!

ନୂଆଦିଲ୍ଲୀ, ୨୪।୨ଃ ଇପିଏଫଓ ଆଣିଛି ନୂଆ ଅପଡେଟ୍। ଏକ ସ୍ପଷ୍ଟିକରଣ ଜାରି କରି କହିଛି ଯେ ହାଇୟର ପେନସନ୍ ସମ୍ବନ୍ଧୀୟ ଏକ ବ୍ୟବସ୍ଥା। ଯାହା କିଛି କର୍ମଚାରୀଙ୍କୁ ସେମାନଙ୍କର ପ୍ରକୃତ ବେସିକ୍ ଦରମା ଏବଂ ମହଙ୍ଗା ଭତ୍ତା (ଡିଏ) ଆଧାରରେ ସେମାନଙ୍କର ପେନସନରେ ଯୋଗଦାନ କରିବାକୁ ଅନୁମତି ଦେଇଥିଲା, ତାହାକୁ ପୁନଃସ୍ଥାପିତ କରାଯାଇଛି। ଏହି ସୁବିଧା ପୁନଃସ୍ଥାପିତ ହେବା ସହିତ, କର୍ମଚାରୀମାନେ ଏବେ ସେମାନଙ୍କର ପ୍ରକୃତ ଦରମା ଆଧାରରେ ଅଧିକ ପେନସନର ଯୋଗଦାନ ଅପ୍ସନ ବାଛିପାରିବେ। ତେବେ ଆସନ୍ତୁ ଜାଣିବା ଏହା କିପରି କାମ କରିବ ଏବଂ କେଉଁ କର୍ମଚାରୀମାନେ ଲାଭବାନ ହେବେ।

ସେପ୍ଟେମ୍ବର ୧, ୨୦୨୪ ପୂର୍ବରୁ, କର୍ମଚାରୀମାନେ ସେମାନଙ୍କର ମୂଳ ଦରମା ଆଧାରରେ ସେମାନଙ୍କର ପେନସନ୍ ବଢ଼ାଇବାର ଅପ୍ସନ ପାଇଥିଲେ। ଏହା ପିଏସୟୁ କର୍ମଚାରୀମାନଙ୍କ ପାଇଁ ବିଶେଷ ଲାଭଦାୟକ ଥିଲା। କିନ୍ତୁ ଦରମା ଲିମିଟ୍ ସ୍ଥାପନ ହେବା ପରେ, ଏହି ହାଇୟର ପେନସନ୍ ଅପ୍ସନକୁ ବନ୍ଦ କରିଦିଆଗଲା। ଏହା କୁହାଯାଉଛି ଯେ ଇପିଏସ ଗଣନା ଆଧାରରେ ହାଇୟର ପେନସନ୍ ଯୋଗ୍ୟ ଦରମା ୧୫,୦୦୦ ସ୍ଥିର କରାଯାଇଛି, ଯାହା ଏହି ଆଧାରରେ ପେନସନ୍ ପ୍ରଦାନ କରିବାର ଏକ ପ୍ରମୁଖ କାରଣ। ସରଳ ଭାବରେ କହିବାକୁ ଗଲେ, ୨୦୧୪ ମସିହାରେ କାର୍ଯ୍ୟକାରୀ ହୋଇଥିବା ବର୍ତ୍ତମାନର ସୀମା ଅନୁଯାୟୀ, ସର୍ବନିମ୍ନ ଇପିଏସ ମାସିକ ପେନସନ ୧,୦୦୦ ଟଙ୍କା ଏବଂ ସର୍ବାଧିକ ପେନସନଯୋଗ୍ୟ ଦରମା ୧୫,୦୦୦ (ମୌଳିକ ଦରମା+ଡିଏ)। ଏହା ସର୍ବାଧିକ ସମ୍ଭାବ୍ୟ ଇପିଏସ ମାସିକ ପେନସନକୁ ୭,୫୦୦ ଟଙ୍କା ପର୍ଯ୍ୟନ୍ତ ସୀମିତ। ୨୦୧୪ ପରେ ନିଯୁକ୍ତି ପାଇଥିବା କର୍ମଚାରୀ କିମ୍ବା ଯେଉଁମାନଙ୍କର ଦରମା ଏହି ସୀମା ଅତିକ୍ରମ କରେ, ସେମାନେ ସେମାନଙ୍କର ପେନସନ ଅବଦାନକୁ ସେମାନଙ୍କର ପ୍ରକୃତ ମୌଳିକ ଦରମା ଉପରେ ଆଧାରିତ କରିପାରିବେ ନାହିଁ।ବର୍ତ୍ତମାନର ଇପିଏଫଓ ନିୟମ ଅନୁଯାୟୀ, କର୍ମଚାରୀ ଏବଂ ନିଯୁକ୍ତିଦାତା ଉଭୟ ସେମାନଙ୍କର ମୂଳ ଦରମା ଏବଂ ଡିଏ ର ୧୨% ସେମାନଙ୍କର ଇପିଏଫ ଆକାଉଣ୍ଟରେ ଯୋଗଦାନ କରନ୍ତି। ଏଥିମଧ୍ୟରୁ, ନିଯୁକ୍ତିଦାତାଙ୍କ ଅବଦାନର ୮.୩୩% କର୍ମଚାରୀ ପେନସନ ଯୋଜନା (ଇପିଏସ) କୁ ଯାଇଥିବାବେଳେ ୩.୬୭% ପିଏଫ ଆକାଉଣ୍ଟରେ ଜମା ହୋଇଥାଏ। ଇପିଏସରେ ଜମା ହୋଇଥିବା ଟଙ୍କା କର୍ମଚାରୀ ଅବସର ପରେ ମାସିକ ପେନସନ ଭାବରେ ପାଇଥାନ୍ତି। କେବଳ ସେହି କର୍ମଚାରୀମାନଙ୍କ ପାଇଁ ଉପଲବ୍ଧ ଯେଉଁମାନେ ୧ ସେପ୍ଟେମ୍ବର, ୨୦୧୪ ସଂଶୋଧନ ପୂର୍ବରୁ ହାଇୟର ପେନସନ୍ ଅପ୍ସନ ବାଛିଥିଲେ। ଏହାର ଅର୍ଥ ଏହା ସମସ୍ତ ଇପିଏଫଓ ସଦସ୍ୟଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ।







# ହଠାତ ଭୁଶୁଡ଼ିଲା ଶେୟାର ମାର୍କେଟ୍

ମୁମ୍ବାଇ, ୨୪।୨ଃ ଭୁଶୁଡି ପଡିଲା ସେୟାର ବଜାର। କ୍ରାଶ୍ କରିଗଲା ମାର୍କେଟ୍। ମଙ୍ଗଳବାର ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ୍ ଏବଂ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ନିବେଶକ କୋଟି କୋଟି ଟଙ୍କା ହରାଇଛନ୍ତି। ଅନେକ କମ୍ପାନୀର ସେୟାର ଖସି ଯାଇଛି। ଆରମ୍ଭରୁ ରେଡ୍ ଜୋନରେ ଖୋଲିଥିବା ବଜାର କିଛି ଘଣ୍ଟାରେ କ୍ରାଶ୍ କରିଯାଇଛି। ୩୦ ସେୟାର ବିଶିଷ୍ଟ ବିଏସଇ ଖୋଲିବା ପରେ ତଳକୁ ଖସି ଖସି ଚାଲିଥିଲା। ଦିନ ୧୨ଟା ସୁଦ୍ଧା ଏହା ପ୍ରାୟ ୧୧୫୦ ଅଙ୍କ ଖସି ଯାଇଥିବା ଦେଖିବାକୁ ମିଳିଛି। ସେହିପରି ନିଫ୍ଟି ମଧ୍ୟ ୩ ଅଙ୍କ ହ୍ରାସ ପାଇଛି। ଯାହା ନିବେଶକଙ୍କୁ ବଡ ଝଟକା ଦେଇଛି। କେବଳ ସେୟାର ବଜାର ନୁହେଁ ସପ୍ତାହର ଦ୍ୱିତୀୟ କାରବାର ଦିନରେ କମୋଡିଟି ମାର୍କେଟରେ ଅଚଳାବସ୍ଥା ଦେଖିବାକୁ ମିଳିଛି। ସୁନାର ଦାମ୍ କମିଥିବା ବେଳେ ରୁପାର ଦାମ୍ କେତେବେଳେ ହ୍ରାସ ଏବଂ କେତେବେଳେ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ପ୍ରଥମେ ସେୟାର ବଜାର ଝଟକା ଦେଇଥିଲା। ସୋମବାର ବିଏସଇ ସେନସେକ୍ସ ୮୩୨୯୪ ଅଙ୍କର ବନ୍ଦ ହୋଇଥିଲା। ମଙ୍ଗଳବାର ଏହା ୮୩ ହଜାର ୫୨ ଅଙ୍କରେ ଖୋଲିଥିଲା। ରେଡ୍ ଜୋନରେ ଓପନ୍ ହେବାର କିଛି ମିନିଟ ପରେ ଦ୍ରୁତ ଗତିରେ ଅଙ୍କ ଖସିଥିଲା। ଦିନ ୧୨ଟା ବେଳକୁ ୧୧୫୭ ପଏଣ୍ଟ ହ୍ରାସ ପାଇ ସେନସେକ୍ସ ୮୨୧୩୭ରେ କାରବାର କରୁଛି। ସେନସେକ୍ସ ଭଳି ନିଫ୍ଟି ମଧ୍ୟ ଦ୍ରୁତ ହ୍ରାସ ପାଇଛି। ସୋମବାର ଏହା ୨୫୭୧୩ରେ ବନ୍ଦ ହୋଇଥିଲା। ମଙ୍ଗଳବାର ଏହା ୨୫୬୪୧ ଅଙ୍କରେ ଖୋଲିଥିଲା। ପରେ ୩୨୬ ପଏଣ୍ଟ ହ୍ରାସ ପାଇ ୨୫୩୮୭ରେ ଏହା ଟ୍ରେଣ୍ଡ୍ କରୁଛି।




# ଟେଟ୍ରା ପ୍ୟାକ୍ ମଦ ବିକ୍ରି ନିଷ୍ପତ୍ତିକୁ ସାମାଜିକ କର୍ମୀଙ୍କ ବିରୋଧ

ଭୁବନେଶ୍ୱର, ୨୪।୨ଃ ଓଡ଼ିଶା ସରକାରଙ୍କ ଟେଟ୍ରା ପ୍ୟାକ୍ ମଦ ବିକ୍ରି ନିଷ୍ପତ୍ତିକୁ ଜାତୀୟ ଯୁବ ପୁରସ୍କାର ପ୍ରାପ୍ତ ସାମାଜିକ କର୍ମୀ ସୁଶାନ୍ତ ସାହୁ ତୀବ୍ର ବିରୋଧ କରିଛନ୍ତି। ଶ୍ରୀ ସାହୁଙ୍କ ମତରେ, ମଦକୁ ଟେଟ୍ରା ପ୍ୟାକ୍‌ରେ ବିକ୍ରି କଲେ ଏହା ସାଧାରଣ ପାଣି, ଫଳରସ କିମ୍ବା କ୍ଷୀର ପ୍ୟାକେଟ୍ ଭଳି ଦେଖାଯିବ। ଯାହାଫଳରେ କୋମଳମତି ଛାତ୍ରଛାତ୍ରୀ ଏବଂ ଯୁବପିଢ଼ୀ ଏହା ପ୍ରତି ସହଜରେ ଆକର୍ଷିତ ହେବାର ଭୟ ରହିଛି। ପକେଟ୍‌ରେ ସହଜରେ ରଖି ହେଉଥିବାରୁ ଏହା ଶିକ୍ଷାନୁଷ୍ଠାନ ଓ ସର୍ବସାଧାରଣ ସ୍ଥାନକୁ ସହଜରେ ପ୍ରବେଶ କରିବ। ଏହାଦ୍ୱାରା ଯୁବ ସମାଜ ପଥଭ୍ରଷ୍ଟ ହେବା ସହ ସମାଜରେ ଅପରାଧିକ ମନୋଭାବ ବୃଦ୍ଧି ପାଇବ ବୋଲି ସେ ଆଶଙ୍କା ପ୍ରକଟ କରିଛନ୍ତି। ସରକାର କେବଳ ରାଜସ୍ୱ ବୃଦ୍ଧିକୁ ଗୁରୁତ୍ୱ ନଦେଇ ସମାଜର ନୈତିକ ମୂଲ୍ୟବୋଧ ପ୍ରତି ଧ୍ୟାନ ଦେବା ଉଚିତ୍। ଏହି ନିଷ୍ପତ୍ତି ଯୁବ ସମାଜକୁ ସମ୍ପୂର୍ଣ୍ଣ ରୂପେ ବିପଥଗାମୀ କରିବ ଏବଂ ଶିକ୍ଷାର ବାତାବରଣକୁ ନଷ୍ଟ କରିଦେବ। ତେଣୁ ଜନସ୍ୱାର୍ଥ ଓ ଯୁବପିଢ଼ୀଙ୍କ ଭବିଷ୍ୟତ ଦୃଷ୍ଟିରୁ ଏହି ନିଷ୍ପତ୍ତିକୁ ସରକାର ତୁରନ୍ତ ପ୍ରତ୍ୟାହାର କରିବାକୁ ଶ୍ରୀ ସାହୁ ଏକ ପ୍ରେସ୍ ବିବୃତ୍ତିରେ ଦୃଢ଼ ଦାବି କରିଛନ୍ତି।

# ସେମିକଣ୍ଡକ୍ଟର ଫ୍ୟାକ୍ଟ୍ରି ନିର୍ମାଣ ଆରମ୍ଭ କଲା ଇଣ୍ଡିଆ ଚିପ୍




ନୂଆଦିଲ୍ଲୀ, ୨୪।୨ଃ ଉତ୍ତର ପ୍ରଦେଶ ନୋଏଡ଼ାରେ ଚିପ୍ ତିଆରି କାରଖାନା ନିର୍ମାଣ ଆରମ୍ଭ କଲା ଇଣ୍ଡିଆ ଚିପ୍ କମ୍ପାନୀ। ଏଚ୍‌ସିଏଲ୍ ଗ୍ରୁପ ଓ ଫକ୍ସକନର ମିଳିତ ଉଦ୍ୟମରେ ଇଣ୍ଡିଆ ଚିପ୍ ନାମକ ଜଏଣ୍ଟ ଭେଞ୍ଚର କମ୍ପାନୀ ସ୍ଥାପନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କମ୍ପାନୀର ଭିତ୍ତି ପ୍ରସ୍ତର ସ୍ଥାପନ କରିବାର କିଛି ଦିନ ପରେ କମ୍ପାନୀ ପ୍ଲାଣ୍ଟ ନିର୍ମାଣ ଆରମ୍ଭ କରିଛି।

ଇଣ୍ଡିଆ ଚିପ୍‌ରେ ଏହି ପ୍ଲାଣ୍ଟରେ ସ୍ମାର୍ଟଫୋନ୍, ଟିଭି, ଲାପଟପ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଡିଭାଇସଗୁଡ଼ିକରେ ସ୍କ୍ରିନକୁ ଶକ୍ତି ପ୍ରଦାନ କରୁଥିବା ଡିସପ୍ଲେ ଡ୍ରାଇଭର୍ ଚିପ୍ସକୁ ଆସେମ୍ବଲ(ଯୋଡ଼ିବା), ପ୍ୟାକେଜ୍ ଏବଂ ପରୀକ୍ଷା କରାଯିବ। ଯମୁନା ଏକ୍ସପ୍ରେସୱେର ଜେୱାର ନିକଟରେ ପ୍ରତିଷ୍ଠା ହେବାକୁ ଥିବା ଏହି ପ୍ଲାଣ୍ଟଟି ଏକ ଉନ୍ନତ ଆଉଟସୋର୍ସଡ୍ ସେମିକଣ୍ଡକ୍ଟର ଆସେମ୍ବଲି ଏବଂ ପରୀକ୍ଷଣ (ଓଏସଏଟି) ୟୁନିଟ୍ ହେବ। ବର୍ତ୍ତମାନ ଏହାର ନିର୍ମାଣ କାମ ଆରମ୍ଭ ହୋଇଥିବା ବେଳେ ୨୦୨୮ରେ କମ୍ପାନୀ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତି ମାସରେ ଏଠାରେ ୨୦,୦୦୦ ଚିପ୍ ପ୍ରୋସେସ୍ କରିବାକୁ ଡିଜାଇନ୍ କରାଯାଇଛି। ଏଚସିଏଲ୍ ଏବଂ ଫକ୍ସକନର ମିଳିତ ଉଦ୍ୟମର ନିର୍ମିତ ହେଉଥିବା ଏହି ଫ୍ୟାକ୍ଟ୍ରିରେ ୩,୭୦୦ କୋଟି ଟଙ୍କା ନିବେଶ କରାଯାଇଛି। ୬୦-୪୦ ଅନୁପାତରେ କମ୍ପାନୀର ଶେୟାର ରହିବ। ଚିପ୍ ପ୍ରୋସେସିଂ ବ୍ୟତୀତ, ଓଏସଏଟି ପ୍ଲାଣ୍ଟ ସେମିକଣ୍ଡକ୍ଟରଗୁଡ଼ିକୁ ଆସେମ୍ବଲ ଏବଂ ଟେଷ୍ଟିଂ କରିବ। ଚିପ୍ ଟେଷ୍ଟିଂ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ। କାରଣ ଚିପ୍ସ ଗ୍ରାହକ ଇଲେକ୍ଟ୍ରୋନିକ୍ସରେ ସମନ୍ୱିତ ହେବା ପୂର୍ବରୁ ଏହାର କାର୍ଯ୍ୟଦକ୍ଷତା ଏବଂ ନିର୍ଭରଯୋଗ୍ୟତା ମାନଦଣ୍ଡ ପୂରଣ କରୁଛି କି ନାହିଁ ତା ଯାଞ୍ଚ କରାଯିବ। କମ୍ପାନୀ କହିଛି ଯେ ଏହି ପ୍ଲାଣ୍ଟ ଭାରତର ଡିସପ୍ଲେ ଡ୍ରାଇଭର ଚିପ୍ସର ଘରୋଇ ଚାହିଦାର ପ୍ରାୟ ୨୫ ପ୍ରତିଶତ ପୂରଣ କରିପାରିବ। ବର୍ତ୍ତମାନ ଏହି ଡିସ୍ପ୍ଲେ ଡ୍ରାଇଭ ଚିପ୍‌କୁ ଭାରତ ସମ୍ପୂର୍ଣ୍ଣ ଆମଦାନୀ କରୁଛି। ଏହାର କୌଣସି ପ୍ରଡକ୍ସନ ଦେଶରେ ହେଉ ନାହିଁ। ତେବେ ନୋଏଡ଼ାର ଏହି ପ୍ଲାଣ୍ଟ କେବଳ ଦେଶରେ ଚାହିଦା ପୂରଣ କରିବ ନାହିଁ ବରଂ ଏବଂ ବିଶ୍ୱ ବଜାରକୁ ୨୦-୩୦ ପ୍ରତିଶତ ଉତ୍ପାଦନ ମଧ୍ୟ ରପ୍ତାନି କରିପାରିବ। କିଛିଦିନ ତଳେ ଭାର୍ଚୁଆଲୀ ଭାବେ ଏହି କମ୍ପାନୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ତାଙ୍କ ସହିତ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଭର୍ଚୁଆଲ୍ ଭାବରେ ଉତ୍ସବରେ ଯୋଗ ଦେଇଥିଲେ। ଭାରତର ଇଲେକ୍ଟ୍ରୋନିକ୍ସ -ବିଶେଷକରି ମୋବାଇଲ୍ ଫୋନ୍,ଲ୍ୟାପଟପ, ଟିଭି, ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଉତ୍ପାଦନ ବୃଦ୍ଧି ପାଇବା ସହିତ ଏହାର ଚାହିଦା ବି ହୁ ହୁ ହୋଇ ବଢ଼ି ଚାଲିଛି। ତେଣୁ ଡିସ୍ପ୍ଲେ ସମ୍ପର୍କିତ ସାମଗ୍ରୀଗୁଡ଼ିକର ଡିମାଣ୍ଡ ବଢ଼ି ଚାଲିଛି। ଆଉ ବର୍ତ୍ତମାନ ନିର୍ମାତାମାନେ ଡିସପ୍ଲେ ଡ୍ରାଇଭର ଇଣ୍ଟିଗ୍ରେଟେଡ୍ ସର୍କିଟ୍ ପାଇଁ ସମ୍ପୂର୍ଣ୍ଣ ଆମଦାନୀ ଉପରେ ନିର୍ଭର କରୁଛନ୍ତି। ତେଣୁ ଏହି ସେଗମେଣ୍ଟକୁ ଭାରତରେ ଉତ୍ପାଦନ କରି ଇଣ୍ଡିଆ ଚିପ୍ ଭାଲ୍ୟୁ ଚେନ୍ରେ ଏକ ପ୍ରମୁଖ ବ୍ୟବଧାନ ପୂରଣ କରିବା ଏବଂ ବାହ୍ୟ ନିର୍ଭରଶୀଳତା ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି। ଏହି କମ୍ପାନୀ ପ୍ରତିଷ୍ଠା ହେବା ପରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ୩,୫୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିସହିତ ସପ୍ଲାଏ, ଲଜିଷ୍ଟିକ୍ସ ପାର୍ଟନର ଏବଂ ଆନୁଷଙ୍ଗିକ ୟୁନିଟ୍ ସମେତ ଏକ ସ୍ଥାନୀୟ ସେମିକଣ୍ଡକ୍ଟର ଇକୋସିଷ୍ଟମର ବିକାଶରେ ମଧ୍ୟ ସହାୟକ ହେବ।

# ଏସଆଣ୍ଡପି ଗ୍ଲୋବାଲ ସଷ୍ଟେନେବିଲିଟି ଇୟର ବୁକ୍ ୨୦୨୬ରେ ପିପିଏଲ




ବେଙ୍ଗାଲୁରୁ ୨୪।୨ଃ ପାରାଦ୍ୱୀପ ଫସଫେଟସ୍ (ପିପିଏଲ) କୁ ଏସ୍ ଆଣ୍ଡ ପି ଗ୍ଲୋବାଲ ସଷ୍ଟେନେବିଲିଟି ଇୟର ବୁକ୍ ୨୦୨୬ରେ ସଷ୍ଟେନେବିଲିଟି ଇୟର ବୁକ୍ ସଦସ୍ୟ ରୂପେ ମନୋନୟନ କରାଯାଇଛି। ଏହା ସହିତ ଇୟର ବୁକ୍ ରେ ସ୍ଥାନ ପାଇବାରେ ଏହା ଭାରତର ଏକମାତ୍ର ସାର କମ୍ପାନୀ ପାଲଟିଛି। ଇୟର ବୁକ୍ ୨୦୨୬ ସେହି କମ୍ପାନୀଙ୍କୁ ମାନ୍ୟତା ଦେଇଛି ଯେଉଁମାନେ ନିଜ ଉଦ୍ୟୋଗରେ ପରିବେଶ, ସାମାଜିକ ଓ ସୁଶାସନ (ଇଏସଜି) ମାନକରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ୨୦୨୫ର କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ (ସିଏସଏ)ରେ ୯,୨୦୦ରୁ ଅଧିକ କମ୍ପାନୀଙ୍କ ମୂଲ୍ୟାଙ୍କନ କରାଯାଇଥିଲା। ଏଥିରେ ୫୯ଟି ଉଦ୍ୟୋଗରେ ୮୪୮ କମ୍ପାନୀ ୨୦୨୬ ସଂସ୍କରଣରେ ନିଜର ସ୍ଥାନ ସ୍ଥିର କରିପାରିଛନ୍ତି। ପିପିଏଲର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ସୁରେଶ କୃଷ୍ଣନ କହିଛନ୍ତି ଯେ ‘ଏହି ସମ୍ମାନ ଏକ ଦାୟିତ୍ୱବାନ ଓ ଭବିଷ୍ୟତ ଲାଗି ପ୍ରସ୍ତୁତ ଉଦ୍ୟମର ନିର୍ମାଣ ପାଇଁ ଆମର ଦୀର୍ଘ କାଳୀନ ଦୃଷ୍ଟିକୁ ଦର୍ଶାଉଛି। ଫସଫେଟିକ୍ ସାର ଉଦ୍ୟୋଗରେ ଅଗ୍ରଣୀ କମ୍ପାନୀ ଭାବେ ଆମେ ସଷ୍ଟେନେବିଲିଟିକୁ ଭାରତର କୃଷି ପ୍ରଗତି ଓ ଜାତୀୟ ବିକାଶର ଅଭିନ୍ନ ଅଙ୍ଗ ମନେ କରୁଛୁ’। କମ୍ପାନୀର ଅଧ୍ୟକ୍ଷ ତଥା ମୁଖ୍ୟ ପରିଚାଳନା ଅଧିକାରୀ ରାଜୀବ ନାମ୍ବିୟାର କହିଛନ୍ତି ଯେ ‘ପିପିଏଲରେ ସଷ୍ଟେନେବିଲିଟି ଆମର ପୁରା ଭାଲ୍ୟୁ ଚେନ୍ ରେ ମିସିକି ରହିଛି , ହୁଏତ ଏହା ସୁଶାସନ ଢାଞ୍ଚାକୁ ମଜଭୁତ କରିବା ହେଉ ଅଥବା ପରିଚାଳନା ଦକ୍ଷତା ବଢାଇବା ହେଉ ଆମ ସହ ଅଙ୍ଗାଅଙ୍ଗୀ ଜଡିତ’। ପିପିଏଲ ଭାରତର ପ୍ରମୁଖ ଫସଫେଟିକ୍ ସାର କମ୍ପାନୀ ମଧ୍ୟରୁ ଅନ୍ୟତମ। ଏହାର ପ୍ଲାଣ୍ଟ ଓଡିଶାର ପାରାଦ୍ୱୀପ ସମେତ ଗୋଆ, ମାଙ୍ଗାଲୁର ଓ ମହାଡରେ ରହିଛି। କମ୍ପାନୀ ଡିଏପିର ବିଭିନ୍ନ ଏନପିକେ ଗ୍ରେଡ ଯେପରି ଏନ-୧୦, ଏନ-୧୨, ଏନ-୧୪, ଏନ-୧୯, ଏନ-୧୦ ଓ ଏନ-୨୮ ସହିତ ୟୁରିୟା ଏବଂ ଏସଏସପିର ଉତ୍ପାଦନ କରିଥାଏ। କମ୍ପାନୀ ଉତ୍ପାଦିତ ସାରକୁ ‘ଜୟ କିସାନ ନବରତ୍ନ’ ଓ ‘ଜୟ କିସାନ ମଙ୍ଗଳ’ ବ୍ରାଣ୍ଡରେ ବିପଣନ କରିଥାଏ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫,୭୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫,୭୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୨,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୫,୭୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୨,୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୫,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୨,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୭,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୪,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫,୭୮୦ ଓ ୧,୪୨,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୬୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୭.୬୭ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୭ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

# ଶିଶୁ ପୁତ୍ରକୁ ବଜାରରେ ଛାଡ଼ି ୩ ଛୁଆର ମା' ନିଖୋଜ

**ନିଳଗିରି,୨୪।୨ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ କେ, ପି, ଲାଖରାଜ ଗ୍ରାମପଞ୍ଚାୟତ ର ମର୍ଦ୍ଦରାଜ ପୁର ଗାଁ ରେ ତିନି ଛୁଆର ମା ବେଶ୍ ହସ ଖୁସିରେ ଚାଲିଥିଲାତାଙ୍କ ସଂସାର। ହଠାତ୍ ଘୋଟି ଆସିଲା କଳା ବାଦଲ। ନିମିଷକ ମଧରେ ଉଜୁଡ଼ି ଗଲା ସଂସାର। ତିନି ଛୁଆଙ୍କ ମୁହଁକୁ ବି ଚାହିଁଲା ନାହିଁ ମାଆ।ଦୁଇ ଝିଅକୁ ଘରେ ଛାଡ଼ି ଦେଇ ଛ ବର୍ଷର ପୁଅକୁ ଧରି ବ୍ୟାଙ୍କରେ କାମ ଅଛି ବୋଲି କହି ଆସିଥିଲା ମିତ୍ରପୁର ।ତା ମନରେ କଣ ଥିଲା କେଜାଣି ବଜାରରେ ଛ ବର୍ଷର ପୁଅକୁ ଛାଡ଼ି ନିଖୋଜ ହୋଇ ଯାଇଥିଲା ତିନି ଛୁଆର ମା। ଏପରି ଏକ ଘଟଣା ନିଳଗିରି ଅଞ୍ଚଳ ରେ ସମସ୍ତଙ୍କୁ ଚକିତ. ଓ ଆଶ୍ଚର୍ଯ୍ୟ ମଧ କରିଛି । ଉକ୍ତ ଗ୍ରାମର କ୍ଷିତିଶ ସିଂ ରୀମା ସିଂ କୁ ବିବାହ କରିଥିଲେ। ସେମାନଙ୍କ ଔରସରୁ ୧୩ବର୍ଷ ଓ ୭ବର୍ଷର ଝିଅ ଥିବା ବେଳେ ୬ବର୍ଷର ପୁଅଟି ଅଛି। ଗତ ୧୮ତାରିଖ ଦିନ ମିତ୍ରପୁର ଗ୍ରାମ୍ୟ ବ୍ୟାଙ୍କରେ କାମ ଅଛି ବୋଲି କହି ସାଙ୍ଗରେ ନିଜର ୬ବର୍ଷର ପୁଅକୁ ଧରି ଆସିଥିଲା। ପରେ ପୁଅକୁ ବଜାରରେ ଛାଡ଼ି କୁଆଡେ ନିଖୋଜ ହୋଇ ଯାଇଥିଲା। ଛୁଆଟି କାନ୍ଦୁ ଥିବାର ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେବା ପରେ ନଣନ୍ଦ ଅନିତା ସିଂ ପହଞ୍ଚି ଛୁଆଟିକୁ ନେଇଥିଲା। ପରେ ପରିବାର ଲୋକେ ବହୁ ଖୋଜା ଖୋଜି କଲା ପରେ ବି ରିମା ସିଂର ଖବର ମିଳି ନ ଥିଲା। ଶେଷରେ ଗତ ୨୦ତାରିଖରେ ଶଶୁର ଜୟାନନ୍ଦ ସିଂ ନିଳଗିରି ଥାନାରେ ଏକ ମିସିଂ ଏତଲା ଦେଇଥିବା ବେଳେ ତଦନ୍ତକାରି ଅଧିକାରୀ ଅନନ୍ତ ମୁର୍ମୁ ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ଉପହାର ଦେବାକୁ କହି ଠକି ନେଲେ ୩୨ ହଜାର



**ବଡ଼ଗାଁ,୨୪।୨ (ସଂଚାର ବ୍ୟୁରୋ):** ଆଜ୍ଞା ଗତ ଏକ ବର୍ଷ ମଧ୍ୟରେ ଆପଣ ଫୋନ ପେ ରେ ୫ ଲକ୍ଷ ରୁ କାରବାର କରିଛନ୍ତି । ଆପଣ ଫୋନ ପେ ର ଜଣେ ଭଲ ଗ୍ରାହକ ତେଣୁ କରି ଆପଣଙ୍କୁ ୫ ହଜାର ଟଙ୍କା ଉପହାର ମିଳିବ । ଆପଣଙ୍କ ଫୋନ ପେ ରେ ୫ ହଜାର ଟଙ୍କା ପଠାଇ ଦେଉଛୁ। ଏମିତି ଏକ କଲ ମଙ୍ଗଳବାର ସକାଳେ ବଡ଼ଗାଁ ଥାନା ଅନ୍ତର୍ଗତ ଫୁଲବାରି ଗ୍ରାମ ପଞ୍ଚାୟତର ବୁଦନା ଗ୍ରାମ ର ମଧୁସୁଦନ ଧୃଆ ଙ୍କ ପାଖକୁ ଆସିଥିଲା। ଲୋଭ ବଶବର୍ତ୍ତୀ ହୋଇ ମଧୁସୂଦନ ଫୋନ ପେ ଖୋଲି ଆସିଥିବା ଲିଙ୍କ୍ କୁ କ୍ଲିକ କରିଥିଲେ। ପାସୱାଡ଼ ଦେବା ମାତ୍ରେ ତାଙ୍କର ଆକାଉଣ୍ଟ ରୁ ୫ ହଜାର କଟି ଯାଉଥିଲା। କିଛି ସମୟ ମଧ୍ୟରେ ପର୍ଯ୍ୟାୟକ୍ରମେ ୩୨ ହଜାର ୪ ଶହ ଟଙ୍କା କଟିଯାଥିଲା। ମଧୁସୂଦନ ସାଇବର ଠକେଇ ର ଶୀକାର ହୋଇଥିବା ଯାଣି ପାଇଥିଲେ। ଏହି ସମୟରେ ଷ୍ଟେଟବ୍ୟାଙ୍କ ସାଇବର ବିଭାଗ ର ଫୋନ କଲ୍ ତାଙ୍କୁ ଆସିଥିଲା ଏହି କଲ ରେ ଆପଣ ଇଚ୍ଛାକୃତ ଭାବେ କି ଅନିଚ୍ଛାକୃତ ଭାବେ ଆପଣଙ୍କ ବ୍ୟାଙ୍କ ଖାତାରୁ ନେଣଦେଣ ହେଉଛି ବୋଲି ପଚରାଯାଇଥିବାଲା। ମଧୁସୂଦନ ସାଇବର ଠକେଇ ର ଶୀକାର ହୋଇଥିବା କହିଥିଲେ।ଏହାପରେ ବ୍ୟାଙ୍କ ପକ୍ଷରୁ ତାଙ୍କ ଖାତା କୁ ବନ୍ଦ କରିଦିଆଯାଇଥିଲା। ଏକ ବଡ ଧରଣର ଠକେଇ ରୁ ମଧୁସୂଦନ ବର୍ତ୍ତି ଯାଇଛନ୍ତି। ମଧୁସୂଦନ ଏହି ବିଷୟରେ ସୁନ୍ଦରଗଡ଼ ସାଇବର ସେଲ ରେ ଅଭିଯୋଗ କରିବାକୁ ଯାଇଥବା ସୂଚନା ମିଳିଛି।

# ନଳ କୂଅରୁ ବାହାରୁଛି ଗୋଳିଆ ପାଣି, ଗ୍ରାମବାସୀ ହନ୍ତସନ୍ତ

**ସୁନ୍ଦରଗଡ଼,୨୪।୨ (ସଂଚାର ବ୍ୟୁରୋ):** ନଳକୂପରୁ ବାହାରୁଛି ହଳଦିଆ ପାଣି, ଅଉ ସେଇ ପାଣିକୁ ନେଇ ପିଉଛନ୍ତି ଗ୍ରାମବାସୀ , ଏ ନେଇ ଗାଁ ଲୋକ କହୁଛନ୍ତି କହି କହି ଥକି ଗଲୁ କେହି ଶୁଣୁ

**ନାମକୁମାତ୍ର ବସୁଧା ଯୋଜନା**





ନାହାନ୍ତି, ଏନେଇ ଆମ ବିଭାଗୀୟ ଜେଇଙ୍କ କହିବା ଅନୁସାରେ ବହୁତ ଶୀଘ୍ର ସେଠାରେ ଆଉ ଗୋଟିଏ ନଳ କୂଅ ଦିଆ ଯିବ ଏ ଦୃଶ୍ୟ ହେଉଛି ଗୁରୁଣ୍ଡିଆ ବ୍ଲକ ଏବଂ ତାମଡା ଗ୍ରାମପଂଚାୟତ ଗାଇ ଡେଗା ଗ୍ରାମର। ଭଲ ପାଣି ଟିକେ କିପରି ପାଇବେ ସରକାରଙ୍କ କୋଉଠି ସୋଲର ଯୋଜନା ତ କୋଉଠି ମେଗା ପ୍ରୋଜେକ୍ଟ କିନ୍ତୁ ଗୁରୁଣ୍ଡିଆ ବ୍ଲକ ର ଗାଇ ଡେଗା ଗାଁ ର ୪୦ରୁ ଉର୍ଦ୍ଧ ପରିବାର ଦୀର୍ଘ ୫ବର୍ଷ ହେବ ପିଉଛନ୍ତି ଗୋଳିଆ ପାଣି। ସେଇ ପାଣିକୁ ନେଉଛନ୍ତି ଘରେ କିଛି ସମୟ ରଖିଲା ପରେ କାଦୁଅ ମାଟିର ସ୍ତର ବସିଗଲା ପରେ ସେହି ପାଣିକୁ ପିଉଛନ୍ତି, ରୋଷେଇ କରୁଛନ୍ତି। ଏନେଇ ପଂଚାୟତ ଠାରୁ ସମସ୍ତଙ୍କୁ କହିଲେ କାହାର ନିଘା ନାହି। ତୁରନ୍ତ ନୂତନ ନଳକୂପ ଯୋଗାଇ ଦେବାପାଇଁ ଗ୍ରାମବାସୀ ସରକାରଙ୍କୁ ଅନୁରୋଧ କରିଛନ୍ତି ।

ବ୍ଲକ କାର୍ଯ୍ୟାଳୟ ଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଅବସ୍ଥିତ ଏହି ଗାଁ ଟି ଗ୍ରାମବାସୀ କିଛି ବି କାମ ପଡିଲେ ଗୁରୁଣ୍ଡିଆକୁ ଆସିବାକୁ ପଡିଥାଏ । ଉକ୍ତ ଗ୍ରାମର ରାସ୍ତାର ଅବସ୍ଥା ମଧ ଶୋଚନୀୟ ଫଳରେ ଲୋକଙ୍କ ଯାତାୟତ କରିବାରେ ମଧ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗାଇଡେଗା ଗ୍ରାମବାସୀ ତୁରନ୍ତ ରାସ୍ତାମରାମତି କରିବାକୁ ମଧ ସରକାରଙ୍କୁ ଅନୁରୋଧ କରିଛନ୍ତି ଗ୍ରାମବାସୀ।

# ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଉପଲକ୍ଷେ ବରିଷ୍ଠ ନାଗରିକଙ୍କ ସଚେତନତା କାର୍ଯ୍ୟକ୍ରମ

**ବାରିପଦା,୨୪।୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସହୀଦ ସ୍ମୃତି ଭବନରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଉପଲକ୍ଷେ ବରିଷ୍ଠ ନାଗରିକଙ୍କ ନିମନ୍ତେ




ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଏକ ଯୋଗ ଶିବିର ସହ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ ଅନୁଷ୍ଠିତ ହୋଇଥିଲା। ଯୋଗ ଶିବିରରେ ଜିଲ୍ଲା ପତଞ୍ଜଳୀ ଯୋଗ ପ୍ରହରୀ ବ୍ରହ୍ମାନନ୍ଦ ନାୟକ ଯୋଗଦେଇ ବିଭିନ୍ନ ଯୋଗ ପ୍ରଣାଳୀ ଓ ଉପକରଣ ବିଷୟରେ ଶିକ୍ଷା ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଭେଷଜ, ଶଲ୍ୟ, ଅସ୍ଥିଶଲ୍ୟ, ଚକ୍ଷୁ, ଚର୍ମ, କର୍ଣ୍ଣ, ନାସା ଓ ଗୋଳା ଏବଂ ଦନ୍ତ ବିଶେଷଜ୍ଞ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଓ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡ. ବିଜୟ କୁମାର ଦାଶ ଯୋଗଦେଇ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ଯୋଗଦେଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମ୍ମାନ ବୃଦ୍ଧି ପାଇଁ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସଭାରେ ମୟୂରଭଞ୍ଜ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଶ୍ୟାମ ସୁନ୍ଦର ଦାଶ ଯୋଗଦେଇ ବରିଷ୍ଠ ନାଗରିକଙ୍କ ନିମନ୍ତେ ଥିବା ଯୋଜନା ଗୁଡିକର ସହଜ ଉପଲବ୍ଧତା ତଥା ବ୍ୟାଙ୍କ, ଚିକିତ୍ସାଳୟରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ପୃଥକ ଧାଡ଼ି ଓ ବସଷ୍ଟାଣ୍ଡରେ ବସିବା ପାଇଁ ସ୍ୱତନ୍ତ୍ର ପ୍ରତୀକ୍ଷାଳୟ ନିର୍ମାଣ ନିମନ୍ତେ ପ୍ରସ୍ତାବ ରଖିଥିଲେ । ସଭା ଶେଷରେ ଜିଲ୍ଲା ପୋଲିସ ମୁଖ୍ୟାଳୟର ପୋଲିସ କର୍ମଚାରୀ ଭକ୍ତ ବେହେରା ବରିଷ୍ଠ ନାଗରିକଙ୍କୁ ସାଇବର ଠକେଇ ସମ୍ପର୍କରେ ସଚେତନ କରିଥିଲେ। ଏଲଡିଏମ୍ ମୟୁରଭଞ୍ଜ ବ୍ୟାଙ୍କ ଓ ବୀମା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ । ଡିଇଜିଜମ୍ ସେବତୀ କର ଆଧାର ଏବଂ ବୟୋ ବନ୍ଦନା ଯୋଜନା ସମ୍ପର୍କରେ ସଚେତନ କରାଇବା ସହ ସଭା ଗୃହରେ ଉପସ୍ଥିତ ଥିବା ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ତତକ୍ଷଣାତ୍ ବୟ ବନ୍ଦନା କାର୍ଡ କରିଦେଇଥିଲେ ।

# ଶାନ୍ତିପୂର୍ଣ୍ଣ ଦୋଳ ଉତ୍ସବ ପାଇଁ ଗଞ୍ଜାମ ପୁଲିସର ପ୍ରସ୍ତୁତି

**ଛତ୍ରପୁର,୨୪।୨ (ସଂଚାର ବ୍ୟୁରୋ):** ଗଞ୍ଜାମର ପ୍ରସିଦ୍ଧ ଦୋଳଯାତ୍ରାକୁ ଶାନ୍ତିପୂର୍ଣ୍ଣ ଓ ସୁଚାରୁ ଭାବେ ପାଳନ କରିବା ପାଇଁ ଗଞ୍ଜାମ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ଗଞ୍ଜାମ ଥାନାରେ ଏକ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଛି। ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଥାନା ଅଧିକାରିଣୀ ସୁମିତ୍ରା ପାତ୍ର, ଅତିରିକ୍ତ ଥାନା ଆଇଆଇସି ଶୁଭଲକ୍ଷ୍ମୀ କଅଁର, ସେକେଣ୍ଡ ଅଫିସର ଅନିରୁଦ୍ଧ ସ୍ୱାଇଁ ଓ ଏ.ଏସ.ଆଇ ସୁପ୍ରଭା ସାହୁ ସହ ସହରର ବିଭିନ୍ନ ପୂଜା କମିଟି ସଦସ୍ୟ, ସାମାଜିକ କର୍ମୀ ଓ ଗଣମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ।

ବୈଠକରେ ଦୋଳଯାତ୍ରା ସମୟରେ ଆଇନ-ଶୃଙ୍ଖଳା ରକ୍ଷା, ଯାତାୟାତ ବ୍ୟବସ୍ଥା ସୁଚାରୁ କରିବା, ନିର୍ଦ୍ଧାରିତ ସମୟରେ ଠାକୁରଙ୍କ ପହଞ୍ଚ ସୁନିଶ୍ଚିତ କରିବା ଓ ସମ୍ବେଦନଶୀଳ ଅଞ୍ଚଳରେ ବିଶେଷ ପୁଲିସ ବ୍ୟବସ୍ଥା ନେବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସହରର ବିଭିନ୍ନ ସ୍ଥାନରେ ଫୁଟ୍ ପେଟ୍ରୋଲିଂ କରାଯିବା ସହ ସ୍ୱତନ୍ତ୍ର ସ୍କ୍ୱାଡ୍ ମାଧ୍ୟମରେ ରୋମିଓ ଦାରି ଉପରେ କଡ଼ା ନଜରଦାରି ରଖାଯିବ ବୋଲି ସୂଚନା ଦିଆଯାଇଛି।

ମଦ୍ୟପାନ କରି ଅସନ୍ତୋଷ ସୃଷ୍ଟି କରୁଥିବା ବ୍ୟକ୍ତି ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ସତର୍କ କରାଯାଇଥିବା ବେଳେ ଦୋଳ ଅବସରରେ ଡିଜେ ସମ୍ପୂର୍ଣ୍ଣ ମନା ରହିବା ସହ ନିୟମ ଉଲ୍ଲଂଘନ କଲେ ଆଇନଅନୁଯାୟୀ କଠୋର କାର୍ଯ୍ୟବାହୀ ହେବ ବୋଲି ପୁଲିସ ସ୍ପଷ୍ଟ କରିଛି।

ଏହାସହ ପୁଲିସ ପକ୍ଷରୁ ୩୪ ଜଣିଆ ଶାନ୍ତି କମିଟି ଗଠନ କରାଯାଇଥିଛି। ଏହି କମିଟି ପୁଲିସ ସହ ସମନ୍ୱୟ ରଖି ଦୋଳଯାତ୍ରା ସମୟରେ ଶାନ୍ତି ଓ ଶୃଙ୍ଖଳା ରକ୍ଷାରେ ସହଯୋଗ କରିବ।ଶେଷରେ ଏସ୍‌ଡିପିଓ ଚନ୍ଦନ ଘଡେଇ ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡ଼ି ପରମ୍ପରାଗତ ଏହି ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ସମ୍ମିଳିତ ପରିବେଶରେ ପାଳନ କରିବାକୁ ଆହ୍ୱାନ କରିଥିଲେ।

# ପାଣିଓଳା ହରିଜନ ସାହିରେ ୩୬ତମ ଆଖଣ୍ଡଳମଣି ମେଳା

**ଡେରାବିଶ,୨୪।୨(ସଂଚାର ବ୍ୟୁରୋ):** ପାଣିଓଳା ହରିଜନ ସାହିରେ ୩୬ତମ ଆଖଣ୍ଡଳମଣି ମେଳା ମହାଆଡମ୍ବର ସହକାରେ ପାଳନ ହୋଇଯାଇଛି ଏହି ମେଳାରେ ଏକ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରବଚକ ମନୋଜ ପ୍ରଧାନ ଜଗନ୍ନାଥଙ୍କ ବିଷୟରେ ଶ୍ରଦ୍ଧାଳୁ



ମାନଙ୍କୁ ଅମୃତ ବାଣୀ ଶୁଣାଇଥିଲେ । ଏହି କାର୍ଯ୍ୟକ୍ରମକୁ ଗ୍ରାମର ସମସ୍ତ ଯୁବକବହୁ ଶ୍ରଦ୍ଧାଳୁ ଆୟୋଜନ କରିଥିଲେ। ମେଳାର କର୍ତ୍ତା ଓ କର୍ତ୍ତୀ ଭାବେ ଲକ୍ଷ୍ମୀଧର ମଳିକ, ପୂଜା ମଳିକ କାର୍ଯ୍ୟ ନିର୍ବାହ କରିଥିଲେ ଏଥିରେ,ପୁରିଆ ମଳିକ, ରାଜୁ ମଳିକ, ଟୁକୁ ମଳିକ, ମଙ୍ଗୁଆ ମଳିକ, ବାଇନ ମଳିକ, ନାଣ୍ଟୁ ମଳିକ, ଶରତ ମଳିକ, ଚଗଲା ମଳିକ ଦିଲ୍ଲୀପ ମଳିକ, ମନୋଜ ମଳିକ ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ, ଶେଷରେ ଏକ ଭଜନ ସନ୍ଧ୍ୟା ଆୟୋଜକ ହୋଇଥିଲା, ଏହି ମେଳାକୁ ବିଭିର୍ଣ୍ଣ ଗ୍ରାମର ଶ୍ରୋତାମାନେ ଉପସ୍ଥିତ ଥିଲେ।

# ସଦର ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୨୪।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ବ୍ଲକ ସ୍ତରୀଯ ଆଇନ ସଚତେନତା କାର୍ଯ୍ୟକ୍ରମ ରାଜ୍ୟ ମହିଳା ଆୟୋଗଙ୍କ ସହାୟତା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ଆନୁକୂଲ୍ୟରେ ସଦର ସିଡିପିଓ ଙ୍କ ଦ୍ୱାରା ଆୟୋଜିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ଆୟୋଗ ସଦସ୍ୟା ମାନନୀୟା




ମୁକ୍ତା ସାହୁ, ପୂର୍ବତନ ବିଧାୟିକା ମାନନୀୟା କୁସୁମ ଟେଟେ,ଲୋକସଭା ସାଂସଦ ପ୍ରତିନିଧି ସୁଦାମ ହୋତା, ସଦର ପଞ୍ଚାୟତ ସମିତିର ଉପାଧକ୍ଷା ଚନ୍ଦ୍ରମା ମେହେର ,ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିରାମ ସୁଲିଆ, ଜିଲ୍ଲା ସମାଜ କଲ୍ଯାଣ ଅଧିକାରୀ କ୍ରିଷ୍ଟା କୁମାରୀ ନନ୍ଦ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଶ୍ରୀବନ୍ତ ଜେନା,ଆରକ୍ଷୀ ଉପ ଅଧିକ୍ଷିକା କାଦମ୍ବିନୀ ସାମଲ ,ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହିଳା ଙ୍କ ସୁରକ୍ଷା ଓ ଅଧିକାର ଗୁଡିକ ବିଷୟରେ, କନ୍ୟା ଭୃଣ ହତ୍ୟା ନିଷେଧ ଆଇନ, ବାଲ୍ୟ ବିବାହ ନିଷେଧ ଆଇନ, ଘରୋଇ ହିଂସା ନିଷେଧ ଆଇନ, ଯୌତୁକ ନିରୋଧ ଆଇନ,ଗୁଡିକର ବିଶଦ ଭାବେ ଆଲୋଚନାକରାଗଲା।ଗ୍ରାମ ସ୍ତର ରେ ଏହି ଆଇନର ସଚେତନତାର ଆବଶ୍ୟକତା ଉପରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ।ନାରୀ ନିଜକୁ ଦୁର୍ବଳା ମନେ ନ କରି ସାହସ ର ସହ ନିଜ ଅଧିକାରକୁ ସାବ୍ୟସ୍ତ କରିବାକୁ ଶ୍ରୀମତୀ କୁସୁମ ଟେଟେ ଆହ୍ୱାନ କରିଥିଲେ।

ସଦର ବ୍ଲକର ସମସ୍ତ ପଞ୍ଚାୟତ ରାଜ ପ୍ରତିନିଧି, ଅଙ୍ଗନବାଡି କର୍ମୀ, ସିଆରପି, ଏମ୍‌ବିକେ, ବ୍ୟାଙ୍କ ମିତ୍ର, କଲେଜ ଛାତ୍ରୀ, ବ୍ଲକ କର୍ମଚାରୀ ଇତ୍ୟାଦି ୩୫୦ଜଣ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଦର ଆଇସିଡିଏସ୍ ଓ ଜିଲ୍ଲା ହବ୍‌ର କର୍ମ କର୍ତ୍ତା ଗଣ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ। ସଦର ପିଓ ଶ୍ରୀମତୀ ସୁଶିଲା ରଥ ମଞ୍ଚ ପରିଚାଳନା କରିଥିଲେ।

# ନାହିଁ ନାହିଁରେ ଚାଲିଛି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

## ବିଧାୟିକା ଦୃଷ୍ଟି ଦେବାକୁ ଦାବି

**ବାଲିଆପାଳ,୨୪।୨(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଇଡକୋ ଛକ ସ୍ଥିତ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବିଭିନ୍ନ ସମସ୍ୟା ଭିତରେ ଗତି କରୁଛି। ଫଳରେ







ଜନସାଧାରଣ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି।ଏନେଇ ମଙ୍ଗଳବାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସୁଚନା ଅଧିକାର ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ଏହି ହସ୍ପିଟାଲକୁ ବାଲିଆପାଳ, ବସ୍ତା, ଜଳେଶ୍ୱର, ଭୋଗରାଇ ବ୍ଲକରୁ ହଜାର ହଜାର ରୋଗୀ ମାନେ ଚିକିତ୍ସିତ ହେବା ପାଇଁ ନିର୍ଭର କରିଥାନ୍ତି। ମାତ୍ର ଏଠାରେ ମେଡିସିନ, ପ୍ରସୂତି, ସର୍ଜରୀ ପ୍ରମୁଖ ବିଶେଷଜ୍ଞ ଡାକ୍ତର ନଥିବାରୁ ରୋଗୀମାନଙ୍କୁ ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ରେଫର ହେବାକୁ ପଡ଼ିଥାଏ। ଯାହା ଫଳରେ ଜନସାଧାରଣ ଅଧିକ ଖର୍ଚ୍ଚାନ୍ତ ହେବା ସହିତ ହଇରାଣ ହେଉଛନ୍ତି। ବିଭିନ୍ନ ବିଭାଗର ଡ଼ାକ୍ତର ନଥିବା ବେଳେ ଜଣେ ଶିଶୁ ବିଭାଗ ଡାକ୍ତରଙ୍କ ଦ୍ୱାରା ଚାଲିଛି ସ୍ୱାସ୍ଥ୍ୟ କେନ୍ଦ୍ର। ଏହା ବ୍ୟତୀତ ଇସିଜି, ଏକ୍ସେ, ଅଲଟ୍ରାସାଉଣ୍ଡ ଏହି ତିନି ବିଭାଗରେ ନିଯୁକ୍ତି ପାଇଁ ଥିବା ଟେକ୍ନିସିଆନ ମାନଙ୍କୁ ବାଲେଶ୍ୱର ଜିଲ୍ଲା ହସ୍ପଟାଲକୁ ବଦଳି କରାଯାଇଛି। ତୁରନ୍ତ ସରକାର ଏହାକୁ ବିଚାରକୁ ନେଇ ବିଶେଷଜ୍ଞ ଓ ଟେକ୍ନିସିଆନଙ୍କୁ ନିଯୁକ୍ତି ଦେଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟର ସ୍ଥିତା ଅବସ୍ଥା ବଜାୟ ରଖିବା ପାଇଁ ଖବରଦାତା ସମ୍ମୀଳନି ମାଧ୍ୟମରେ ନିବେଦନ କରିଛନ୍ତି ସଂଘର ସଭାପତି ଅନୁଜ କୁମାର ମହାପାତ୍ର।

ଏହା ବ୍ୟତୀତ ବିଧାନସଭାରେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରି ଏହାର ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ବିଧାୟିକାଙ୍କୁ ମଧ୍ୟ ନିବେଦନ କରିଛନ୍ତି ସଂଘର ସଦସ୍ୟ। ସରକାର ଆଗାମୀ ଦିନରେ ହସ୍ପିଟାଲରେ ସମସ୍ୟା ସମାଧାନ ନକଲେ ଜନ ଆନ୍ଦୋଳନର ଚେତାବନୀ ଦେଇଛି ସଂଘ।

# ଅପହୃତା ନାବାଳିକାକୁ ଉଦ୍ଧାର କଲା ଆଦର୍ଶ ଥାନା ପୁଲିସ

## ନାବାଳିକା କୋର୍ଟ ଓ ସିଡବ୍ଲ୍ୟୁସିରେ ହାଜର

**ପଟ୍ଟାମୁଣ୍ଡାଇ,୨୪।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର +୨ ପଢୁ ଥିବା ଜନୈକା ନାବାଳିକା ଛାତ୍ରୀ ଗତ ମହାଶିବ ରାତ୍ରି ଜାଗର ଦିନ ସ୍ଥାନୀୟ ଏକ ମହାଦେବ ମନ୍ଦିରକୁ ଠାକୁର ଦର୍ଶନ ପାଇ ଯାଇ ଘରକୁ ଫେରି ନଥିଲା । ନାବାଳିକା ପରିବାର ଲୋକମାନେ ବନ୍ଧୁ ବାନ୍ଧବ ଠାରୁ ଆରମ୍ଭ କରି ସାଙ୍ଗ ସାଥୀ ପର୍ଯ୍ୟନ୍ତ ବହୁ ଖୋଜା ଖୋଜି ପରେ ଝିଅକୁ ନପାଇ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲେ। ଶେଷରେ କୌଣସି ଉପାୟ ନପାଇ ନାବାଳିକାକୁ ଅପହରଣ କରାଯାଇଥିବା ନେଇ ତାର ପରିବାର ଲୋକମାନେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଏତଲା ଦେଇଥିଲେ । ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଏକ ମୋକଦମା ରୁଜୁ କରି ତ୍ୱରିତ ତଦନ୍ତ ଆରମ୍ଭ କରିଥିଲା। ତେବେ ନାବାଳିକା ଅପହରଣ ମାମଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ଏକ ସ୍ୱତନ୍ତ୍ର ପୋଲିସ ଟିମ ଗଠନ କରି ନାବାଳିକା ଅପହରଣର ୬ଦିନ ମଧରେ ଅପହୃତା ନାବାଳିକାକୁ ଉଦ୍ଧାର କରି ତା ପରିବାର ଜିମା ଦେବା ସହିତ ପଟ୍ଟାମୁଣ୍ଡାଇ କୋର୍ଟ ଓ ସି ଡବ୍ଲ୍ୟୁ ସି ରେ ହାଜର କରିଛି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ଅପହୃତା ନାବାଳିକା ଉଦ୍ଧାର ହେବା ସହିତ ଯେକୌଣସି ଅଘଟଣକୁ ଏଡାଇ ଦିଆଯାଇପାରିଛି ।

# ଆଜିଠାରୁ ୭ଦିନିଆ ସୁଭଦ୍ରା ଶକ୍ତି ମେଳା

**ନବରଙ୍ଗପୁର,୨୪।୨ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ସଦର ମହକୁମା ପୋଲିସ ପଡିଆ ଠାରେ ସୁଭଦ୍ରା ଶକ୍ତି ମେଳା ଆସନ୍ତା ୨୫.୨.୨୦୨୬ ଠାରୁ ଶୁଭାରମ୍ଭ ହୋଇ ୩.୩.୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।ଏହି ଅବସରରେ ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ରେ ସୁଭଦ୍ରା ଶକ୍ତି ମେଳା ର ଆୟୋଜନ, ବିଭିନ୍ନ କାର୍ଯ୍ୟକ୍ରମ ଓ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ



ସୁଚନା ଦେଇଛନ୍ତି।ସୁଚନା ଅନୁସାରେ ଏହି ମେଳାରେ ୧୨୦ ଟି ଷ୍ଟଲ ରହିବ ଯେଉଁଥିରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିଜର ଉତ୍ପାଦିତ ଦ୍ରବ୍ୟ ର ପ୍ରଦର୍ଶନୀ କରିବା ସହ ବିକ୍ରି କରିବେ।ଏଥିରେ ସ୍‌ବୟଂ ସହାୟକ ଗୋଷ୍ଠୀ ର ସ୍‌ବତନ୍ତ୍ର ଖାଦ୍ୟ ଷ୍ଟଲ ମଧ ଭାଗ ନେଉଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନ୍ୟ ଷ୍ଟଲ ଦ୍‌ବାରା ପ୍ରାୟ ୫ କୋଟି ଟଙ୍କା ର ବ୍ୟବସାୟ ହେବ ବୋଲି ଆଶା କରାଯାଉଛି।ଉଦଘାଟନୀ ଉତ୍ସବ ରେ ମାନ୍ୟବର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତି ରାଜ ମନ୍ତ୍ରୀ ଙ୍କ ସହ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ, ମାନ୍ୟବର ସାଂସଦ, ବିଧାୟକ ଗଣ ଅତିଥି ଭାବେ ଯୋଗ ଦେବେ। ୨୬ ରୁ ୩ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୧୧.୦୦ ଘ ସମୟରେ ମହିଳା ସଶକ୍ତିକରଣ,ମହିଳା ଉଦ୍ୟୋଗୀ, ଲକ୍ଷପତି ଦିଦି,ସ୍‌ବାସ୍ଥ୍ୟ ଓ ପରିଚ୍ଛନ୍ନତା ରେ ମହିଳାଙ୍କ ଭୂମିକା,ଲିଂଗଗତ ସମାନତା , ମହିଳାଙ୍କ ନ୍ୟାୟିକ ଅଧିକାର ଉପରେ ବିଶେଷ ଆଲୋଚନା ଚକ୍ର ଅନୁଷ୍ଠିତ ହେବ।ପ୍ରତ୍ୟେକ ସଂଧ୍ୟା ୬.୦୦ ଘ ରୁ ୧୦.୦୦ ଘ ପର୍ଯ୍ୟନ୍ତ ଜିଲ୍ଲାର ମୋଟ ୨୮ ଟି ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ସହ ଜିଲ୍ଲା ବାହାରୁ ସମ୍ବଲପୁର,ବଲାଙ୍ଗୀର, କଳାହାଣ୍ଡି,ସୋନପୁର ଜିଲ୍ଲାରୁ ବିଭିନ୍ନ ପ୍ରସିଦ୍ଧ କଳାକାର ସାଂସ୍କୃତିକ ଦଳ ସାଂସ୍କୃତିକ ପ୍ରଦର୍ଶନରେ ଭାଗ ନେବେ। ଆସନ୍ତାକାଲି ୨୫ ତାରିଖ ଅପରାହ୍ନ ୩.୦୦ ଘ ସମୟରେ ମା ଭଣ୍ଡାରଘରଣୀ ଙ୍କ ମନ୍ଦିରରୁ ପୋଲିସ ପଡିଆ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ ଦଳ ସହ କଳସ ଯାତ୍ରା ଅନୁଷ୍ଠିତ ହେବ। ମେଳାକୁ ଶାନ୍ତି ଶୃଙ୍ଖଳା,ଟ୍ରାଫିକ ନିୟନ୍ତ୍ରଣ,ଶୌଚାଳୟ,ପାନୀୟ ଜଳ,ଦମକଳ,ପ୍ରାଥମିକ ଚିକିତ୍ସା, କଳାକାର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ଖାଇବା,ରହିବା ବ୍ୟବସ୍ଥା କରାଯାଇଛି।

# ତୁର୍କେଲ ପୋଲ ପ୍ରତି ସରକାରଙ୍କ ଅଣଦେଖା କାହିଁକି ?

## ବିପଦପୂର୍ଣ୍ଣ ପରିସ୍ଥିତି ଯୋଗୁଁ ଯାନବାହନ ଯାତାୟାତ ଠପ୍

**କଳାହାଣ୍ଡି,୨୪।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରୁ ନୂଆପଡ଼ା ଜିଲ୍ଲାକୁ ସଂଯୋଗ କରୁଥିବା ତୁର୍କେଲ ବ୍ରିଜ ଦବିଯିବା ଯୋଗୁଁ ପୂର୍ତ୍ତ ବିଭାଗ ପକ୍ଷରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ଘୋଷଣା କରାଯାଇଛି। ଗତ ସେପ୍ଟେମ୍ବର ୨୨ତାରିଖରେ ପ୍ରବଳ ବର୍ଷା ଯୋଗୁଁ ତୁର୍କେଲ ପୋଲ ଦବି ଯାଇଥିଲା । ବିପଦ ସଂକୁଳ ଅବସ୍ଥାରେ ଥିବା ପୋଲ ଦ୍ୱାରା ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା କରି ଗାଡ଼ି ଚଳାଚଳ ବନ୍ଦ କରାଯାଇଛି। ଗାଡ଼ିଗୁଡିକର ଯାତାୟତରେ ରୋକ ଲାଗିବା ପରେ ପୋଲ ପୂର୍ବରୁ ଆରଡି ରାସ୍ତାଦେଇ ଖରିଆର ଯାଉଛନ୍ତି। କେସିଙ୍ଗା ଦେଇ ଜାତୀୟ ରାଜପଥ ୫୯ରେ ଟିଟିଲାଗଡ଼ କିମ୍ବା ବିଜୁ ଏକ୍ସପ୍ରେସ ରାସ୍ତାକୁ ଭରସା କରୁଛନ୍ତି।



ରାଜ୍ୟ ରାଜପଥ ନଂ ୧୬ରେ ତେଲନଦୀ ଉପରେ ତୁର୍କେଲ ପୋଲ ୧୯୭୦ ମସିହାରେ ନିର୍ମାଣ ହୋଇଥିଲା। ପୋଲର ଗୋଟିଏ ସ୍ଥାନରେ ସମ୍ପ୍ରସାରଣ ଜଏଣ୍ଟ ନିକଟରେ ପାଣି ଜମି ରହିବାରୁ ଗତ ଜୁନ ମାସରେ ସେଣ୍ଟ୍ରାଲ ରୋଡ ରିସର୍ଚ୍ଚ ଇନଷ୍ଟିଚ୍ୟୁସନ ଟିମ ଆସି ସର୍ଭେ କରି ଯାଇଥିଲେ। ବର୍ତ୍ତମାନ ତୁର୍କେଲ ବ୍ରିଜ ଯୋଗୁଁ ବୋର୍ଡ ମିଲ୍‌କି ଅଞ୍ଚଳକୁ ସିଧାସଳଖ ଯୋଗାଯୋଗ ଠପ ହୋଇଛି। ଭବାନୀପାଟଣା ପଟୁ ପ୍ରଥମେ ମାଡିଙ୍ଗ ଗାଁରୁ ଠେମରା, ତେନ୍ତୁଳିଖୁଣ୍ଟି, ଗରଗାବ, ଚହକା, କାନ୍ଦୁଲଝରରୁ ସାଲେପଡ଼ା ଦେଇ ମୁଖ୍ୟରାସ୍ତାରେ ବାହାରିବାକୁ ପଡୁଛି । ଏଥିଯୋଗୁଁ ପ୍ରାୟ ୨୦କିମି ଦୂରତା ବୁଲିବାକୁ ପଡୁଛି।

ପୂର୍ତ୍ତ ବିଭାଗ ପକ୍ଷରୁ ଭବାନୀପାଟଣା ଖରିଆର ରାସ୍ତା ପାଇଁ ପ୍ରାୟ ୫ଶହ କୋଟିର ଟେଣ୍ଡର କରାଯାଇ ଓବିସି ସଂସ୍ଥାର ଚୂଡ଼ାନ୍ତ ହୋଇଛି। ଏହି ଟେଣ୍ଡର ହୋଇଥିବା ଯୋଗୁଁ ଅସ୍ଥାୟୀ ରାସ୍ତା ପାଇଁ ଜିଲ୍ଲା ପ୍ରଶାସନ ଆଗ୍ରହ ଦେଖାଉ ନଥିବା ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ଏହି ଟେଣ୍ଡର କାର୍ଯ୍ୟରେ ତୁର୍କେଲ ବ୍ରିଜକୁ ପ୍ରଥମେ କରିବା ପାଇଁ କୁଆଡ଼େ ସମ୍ପୃକ୍ତ ସଂସ୍ଥାକୁ କୁହାଯାଇଥିବା ସୂଚନା ମିଳିଛି। ବର୍ତ୍ତମାନ ଓବିସି ନିର୍ମାଣ ସଂସ୍ଥା ଭରସାରେ ମିଲ୍ ଅଞ୍ଚଳବାସୀ ଅପେକ୍ଷା କରି ରହିଛନ୍ତି। ଦୀର୍ଘ ୬ ମାସ ବିତି ଯାଇଥିଲେ ମଧ୍ୟ ଏନେଇ ତୁରନ୍ତ ପଦକ୍ଷେପ ନେଉ ନଥିବା ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ତୁର୍କେଲ ବ୍ରିଜ ନିର୍ମାଣକୁ ନେଇ କଂଗ୍ରେସ ଓ ବିଜେଡି ପକ୍ଷରୁ ଧାରଣା ମଧ୍ୟ ଦିଆଯାଇଥିଲା। ବର୍ତ୍ତମାନ ଏହି ଘଟଣାକୁ ସମସ୍ତ ରାଜନେତା ଚୁପ ପଡ଼ିଥିବା ଯୋଗୁଁ ଏହାକୁ ନେଇ ଭିନ୍ନ ଭିନ୍ନ ଚର୍ଚ୍ଚା ଜୋର ଧରିଛି । ଧାନ ମଣ୍ଡି, କପା ମଣ୍ଡି, ସ୍କୁଲ କଲେଜ, ହସ୍ପିଟାଲ ଉପରେ ନିର୍ଭର କରୁଥିବା ମିଲ୍ ଅଞ୍ଚଳବାସୀ ତୁର୍କେଲ ବ୍ରିଜ କେବେ ହେବ ସେନେଇ ସନ୍ଦିହାନ ହୋଇ ପଡ଼ିଛନ୍ତି । ଏନେଇ ପୂର୍ତ୍ତ ବିଭାଗ ଅକ୍ଷଣ ଯନ୍ତ୍ରୀ ଶିବାଜୀ ପ୍ରଧାନକୁ ଯୋଗାଯୋଗ କରାଯାଇ ଥିଲେ ହେଁ କିଛି ସମ୍ପର୍କ ହୋଇ ପାରିନି।

# ଲିଡ୍ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ସମୂହର ବୈଠକ, ଋଣ ଆଦାୟ ଓ ପ୍ରଦାନ ଉପରେ ଗୁରୁତ୍ୱ

**କେନ୍ଦ୍ରାପଡା,୨୪।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ବ୍ୟାଙ୍କ ସମୂହଙ୍କ ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଲିଡ ବ୍ୟାଙ୍କ




ପକ୍ଷରୁ ଆୟୋଜିତ ଏହି ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବ୍ୟାଙ୍କ ମାନଙ୍କର ଋଣ ପ୍ରଦାନ ସ୍ଥିତି ଉପରେ ସମୀକ୍ଷା କରାଯାଇଥିଲା। ଏଲଡିଏମ ରମାକାନ୍ତ ମାଝିଙ୍କ ପରିଚାଳନା ରେ ଆୟୋଜିତ ଏହି ବୈଠକରେ ଲାଇନ ଡିପାଟମେଣ୍ଟ ମାନେ ବ୍ୟାଙ୍କକୁ ଦେଉଥିବା ଲକ୍ଷ୍ୟକୁ ପୁରଣ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯଥା- କୃଷି ଋଣ, ବାଣିଜ୍ୟ ଋଣ, କ୍ଷୁଦ୍ର ବ୍ୟବସାୟୀ ଋଣ, ସ୍ୱୟଂ ସହାୟକ ଗୋଷ୍ଠୀ ଋଣ, କେସିସି ଋଣ ସହିତ ମୁଖ୍ୟମନ୍ତ୍ରୀ ଉଦ୍ୟାନ କୃଷି ଯୋଜନା ଋଣ ସଂପର୍କରେ ବିସ୍ତାର ଭାବେ ଆଲୋଚନା କରା ଯାଇଥିଲା । ବ୍ୟାଙ୍କ ସମୁହ କ୍ଷୁଦ୍ର ବ୍ୟବସାୟୀ ମାନଙ୍କୁ ଋଣ ପ୍ରଦାନ କରି ସେମାନଙ୍କୁ ଆତ୍ମ ନିର୍ଭରଶୀଳ କରାଇବା ସହ ସରକାରଙ୍କ ଲକ୍ଷ୍ୟ ପୁରଣରେ ସହାୟତା କରିବାକୁ ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା । ଏହି ବୈଠକରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର କ୍ରେଡିଟ୍ ଡିପୋଜିଟ୍ ଆଏସିଆଇଓ ପାଇଁ ପୁରସ୍କୃତ କରାଯାଇଛି । ଏମ୍.ଏସ୍.ଏମ୍.ଇ ଉଚ୍ଚ ଅଭିବୃଦ୍ଧି ପାଇଁ ଏସବିଆଇ ର ମୁଖ୍ୟ ଶାଖା ପରିଚାଳକ, କୃଷି ଋଣ ପ୍ରଦାନ ପାଇଁ ବ୍ୟାଙ୍କ ଅଫ ମହାରାଷ୍ଟ୍ରର ଶାଖା ପରିଚାଳକ ଓ ସ୍ୱୟଂ ଚାଳକ ଗୋଷ୍ଠୀଙ୍କୁ ଋଣ ପ୍ରଦା ପାଇଁ ୟୁନିୟନ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ପୁରସ୍କୃତ କରାଯାଇଛି। ଏଥି ସହିତ ଜାତୀୟ କରଣ ବ୍ୟାଙ୍କ ଗୁଡିକୁ ସେମାନଙ୍କର ଲକ୍ଷ୍ୟ ପୁରଣ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

# ଶେଷ ଠିକଣା



## ଶୋଭାମୟୀ ପତ୍ରୀ

ମାର୍ଗଶିରର ସେହି ଶେଷ ତିଥି ଥିଲା ମୋନାର ସଂସାରରେ ପାଦ ଦେବାର ପ୍ରଥମ ଦିନ। ତା ମଥାରେ ନାଲି ଓଢ଼ଣୀ, ସିନ୍ଥିରେ ସିନ୍ଦୁର, ହାତରେ ନାଲି ଶଙ୍ଖା ସହ ମାଳେଲେଖା ପାଣିଚୁଡ଼ି, ପାଦରେ ଅଳତା ସାଙ୍ଗକୁ ତା ଆଖିପତା ତଳର ଗାଢ଼ ସ୍ୱପ୍ନ ତାକୁ ଖୁବ୍ ମାନୁଥିବାରୁ ଆଇନା ସମ୍ନାରେ ଛିଡ଼ାହୋଇ ସେ ଖୁସିରେ ଫାଟି ପଡୁଥିଲା। ମୋନର ନୂତନ ଠିକଣାରେ ମୋହର ଦେବାର ପହିଲି ରାତିରେ ସାଇ ଭାଇ ବନ୍ଧୁବାନ୍ଧବ ପ୍ରୀତି ଭୋଜନରେ ମସ୍ତ ଥିଲା ବେଳେ ମଧୁସଜ୍ୟା ପାଇଁ ପ୍ରସ୍ତୁତ ହେଉଥିବା ନବ ବଧୁର ଜାଆ ନଣନ୍ଦଙ୍କ କଟାକ୍ଷ , ଅଳଂକାର ତର୍ଜମା ଓ ଶାଶୁ, ଖୁଡିଶାଶୁ, ଦେଠାଶାଶୁଙ୍କର ବାପ ଭାଇଙ୍କୁ ନିନ୍ଦା ମୋନାକୁ ଖରାପ ଲାଗୁଥିଲେ ବି ସେ ଚୁପ୍ ରହିଥିଲା ତା ଜୀବନ ସାଥୀଙ୍କ ସ୍ନେହ ସହାନୁଭୂତି ଆଶା ନେଇ। ସେ ତା ସ୍ୱପ୍ନକୁ ଗାଢ଼ କରି ସଂସାରକୁ ତିଷ୍ଟେଇ ରଖିବାର ପ୍ରୟାସ ଜାରି ରଖିଥିଲା। ଧୀରେ ଧୀରେ ରାତି ଘନ ସହିତ ତା ଧୈର୍ଯ୍ୟ ପତଳା ହେବାକୁ ଲାଗୁଥିଲା। ସେ ତାର କୋମଳ ହୃଦୟରେ ନିଶାଖୋର ପ୍ରତାପଙ୍କ ପ୍ରତାପ ସହିପାରୁ ନ ଥିଲା। କେମିତି ବି ସହିଥାନ୍ତା ଗୋଟେ ନାରୀ ପାଇଁ ଶାରୀରିକ ମାନସିକ ଯନ୍ତ୍ରଣା ଠାରୁ ଠେର୍ ଗୁଣ ଅଧିକ ଯନ୍ତ୍ରଣାଦାୟକ ହେଉଛି ତା ଚରିତ୍ରକୁ ନେଇ ଉଠୁଥିବା ପ୍ରଶ୍ନବାଚିଗୁଡିକ। ସେ ଅଣନିଶ୍ୱାସୀ ହୋଇ ଫେରିବାକୁ ଚାହିଁଲା ତା ପୁରୁଣା ଠିକଣାକୁ ଯେଉଁଠି ଦିନେ ସେ ଥିଲା ସ୍ୱର୍ଗର ପରୀ। ହେଲେ ସେ ଜାଣି ନ ଥିଲା କି ସେହି ଏରୁଣ୍ଡି ଡେଇଁଲା ପରେ ସେହି ଘରର ସେ ବିନିଯାଇଥିଲା କୁଣିଆ ଆଉ କୁଣିଆମାନେ ଦୁଇ ଦିନ ପର୍ଯ୍ୟନ୍ତ ଘର ଲୋକଙ୍କୁ ଭଲ ଲାଗନ୍ତି। ତୃତୀୟ ଦିନରୁ ପଚରା ଯାଏ ତାଙ୍କର ଆସିବାର କାରଣ ଓ ଫେରିବାର ସମୟ। ମୋନା ସବାରୀ ଚଢ଼ିଲା ବେଳେ ତା ଭାଉଜଙ୍କ କାନ୍ଦୁରା ମୁହଁ ଏବେ ତାକୁ ବିକଟାଳ ଦେଖା ଯାଉଥିଲା, କଥା କଥାରେ ଅପମାନ ଖୁଣ୍ଟା। ସେହି ଅସମାପ୍ତ ବାକ୍ୟଗୁଡିକ ମୋନା ଛାତିରେ ଆନ୍ଦୋଳନ ସୃଷ୍ଟି କରୁଥିଲା, ଏବେ ସେ ହୃଦବୋଧ କରିପାରୁଥିଲା କି ଏକ ଅଦ୍ଭୁତ ଦୌଡ଼ ହେଉଛି ଏ ଜୀବନ, ଜିତି ଯାଅ ତ ପଛରେ ଅନେକ କିଛି ଛାଡ଼ିଯିବ ଆଉ ହାରି ଯିବ ତ ତୁମର ଆତ୍ମୀୟମାନେ ହିଁ ତୁମକୁ ପଛରେ ଛାଡି ଯିବେ। ମୋନା ପାଖରେ ଆଉ କିଛି କରିବାର କି କରାଇବାର ସମୟ ନ ଥିଲା। ସେ ବାରବାର ତା ସତ୍ ଚରିତ୍ରର ପ୍ରମାଣ ଦେଇ ଦେଇ ଥକିପଡ଼ିଥିଲା ଆଉ ସ୍ଥିର ନିଶ୍ଚିତ ହୋଇ ଭୂମିପୁତ୍ରୀ ମାଆ ସୀତାଙ୍କ ଭଳି ଧାର୍ଯ୍ୟ କରିନେଲା ତାର ଶେଷ ଠିକଣା।

କେନ୍ଦ୍ରାପଡ଼ା

---




## ସବୁଠୁ ପ୍ରିୟ ମୋ ମାତୃଭାଷା

### ସ୍ୱାଗତିକା ସାହୁ

ଭାଷା ହିଁ ଜନନୀ ମଧୁ ତରଙ୍ଗିଣୀ
ଅସ୍ତିତ୍ୱ ଗାରିମା ନୁହେଁ ସେ ଅଛୁପା
ସାହିତ୍ୟର ସ୍ରୋତସ୍ୱିନୀ ସେ...! ନାନା ବିଧି ସେ
ଅପରୂପା
ଉଠାଏ ସମ୍ଭାବନାମୟ ଜାତୀୟ ଭାବନା
ସୃଜନୀର ଗଙ୍ଗୋତ୍ରୀ ଧାରାରେ...
କରେ ଜାଗ୍ରତମୟ ଶବ୍ଦମୟ...!
ସମୟର ସୁଅକୁ ଠେଲି ଉତୁରି ଆସୁ
ଶବ୍ଦର ତରଙ୍ଗ ଯେଉଁଠି ଆଖିରେ ପ୍ରତିଫଳିତ
ସେଇ ରାଧାନାଥଙ୍କ ଚିଲିକା ଦର୍ଶନ....!
ରେବତୀର ଲୁହଭିଜା ହୃଦୟ ନଈର ଗଭୀରତା
ମେଘଦୂତ ରେ ଅସ୍ମିତାର ଶବ୍ଦରାଜି...

ପ୍ରତି ତୁଣ୍ଡେ,ହୃଦେ ଶୋଭାବନ୍ତ
ସେଇ ଭାଷା ରାଗିଣୀର ସ୍ନିଗ୍ଧ ପାଖୁଡ଼ା
ସାଜେ ପ୍ରଜ୍ଞାଦୀପ୍ତ ରମ୍ୟ ଉପବନ ...!
ବିରାଜେ ମଳୟର ସ୍ପର୍ଶ ନେଇ
ତପସ୍ୱିନୀର ସ୍ପନ୍ଦନକୁ କରାଏ ଅନୁଭବ
ଭରି ଅନେକ ମିଠା ମହୁଆ ଶବ୍ଦ ...!
ସବୁଠୁ ସୁନ୍ଦର ମୋ ମାଁ ଓଠ ଭାଷା
ତେଣୁ ତ ଷଷ୍ଠ ଭାଷା ରୂପେ ବିଶ୍ୱେ ପ୍ରସିଦ୍ଧ...!
ଶାସ୍ତ୍ରୀୟ ମାନ୍ୟତା ଏହାର ଗୌରବ

ଦୁଇ ହଜାର ବର୍ଷର ପୁରାତନ
ଅଥଚ ବହେ ବିଶ୍ୱ ପ୍ରୀତି...!
ସ୍ଥିତପ୍ରଜ୍ଞ ସେ ସାଧନାର ଉଇହୁଙ୍କା ପରେ
ଯୋଡି ଭଷା ଆବେଗକୁ ପଥେ...
କ୍ଳାନ୍ତ ଜୀବନେ ଅନୁଭବେ ପ୍ରାପ୍ତିର
ପୁଣ୍ୟମୟ ଭାଷା ଶିଖା....!
ଭାଷା ମହାରଥୀ ମଧୁସୂଦନ ଙ୍କ
ମଧୁ ବର୍ଣ୍ଣବୋଧ ର ଛାପ
ସାରଳା ଦାସଙ୍କ ମହାଭାରତ
ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ
ସ୍ମୃତି ଉଦ୍ୟାନରେ ଏବେବି ସଜ ସଜ
ଦିଏ ସୃଜନୀର ନବ ସଂଜୀବନୀ ...!
ଫକୀର ମୋହନ,ଗଙ୍ଗାଧର
କବିବର ରାଧାନାଥ...
କରନ୍ତି ଓଡ଼ିଆ ଭାଷାର ପ୍ରମାଣ
ବଢ଼ାଇ ଆତ୍ମ ବିଶ୍ୱାସର ହସ୍ତ...
ଅଞ୍ଜୁଳେ ସ୍ନେହ ମହଣେ ଆଦରରେ
ରଖିବା ତାହାରି ଯଶ ମାନ...!
ସେଥିପାଇଁ ଜାଗୁ ତୀବ୍ର ବ୍ୟାକୁଳତା ଆସୁ
ଭାଷା ଦୁର୍ଗାଙ୍କ ଆହ୍ୱାନେ
ଗର୍ଜିବ ଧରଣୀ ହେବ ଶବ୍ଦର କମ୍ପନ...!

ହଁ ଏବେ ସମୟ ଏକାକାରର
ଭାଷାର ମନ୍ତ୍ର ବୀଜ ବୁଣି ବୁଣି ଚାଲିବା
ଲିଭିଜିବା ପୂର୍ବରୁ ମଥାନତ ପୂର୍ବରୁ
ଉଡେଇ ମାତୃଭଷା ଧ୍ୱଜା...
ଲିଖନୀ ମୁନରେ କରିବା ଆହ୍ୱାନ
ହେଉ ସେ ବିଶ୍ୱ ବନ୍ଦିତ...!!
ଆମ ସ୍ୱାଭିମାନ ଜୀବନର ଧାରା
ଆମ ମାତୃଭଷା, ଆମ ଧନ ପ୍ରାଣ
ଜାଗ ହେ ଉତ୍କଳ ସନ୍ତାନ...!

**ଉମରକୋଟ, ନବରଙ୍ଗପୁର**



---



## ମର୍କଟ ଗଳେ ମୁକ୍ତାମାଳ

### ଡ଼ଃ ଅନୁପମା ବିଶ୍ୱାଳ

ଅସନ୍ତୋଷର ଯଜ୍ଞ ସ୍ଥଳ
ଯାହାର ଯେମନ୍ତ ସ୍ୱଭାବ ଅଟଇ
ସେହି ରୂପେ ଗୁଣେ ଥାଇ
ଯେତେ ପରକାରେ କହିଲେ ବୁଝେଇ
ଅନ୍ୟଥା କେବେ ନହୋଇ।

ଉଚ୍ଚ ପଦବୀରେ ଆଶା ରଖି ନୀଚ
ହାତକୁ ବଢ଼ାଇଥିଲେ
ସମ୍ମାନ ମର୍ଯ୍ୟାଦା ନପାଏ ସହଜେ
ଯେତେ କଉଶଳ କଲେ।
ଗଛକୁ ସୁନ୍ଦର ଫୁଲଟିଏ ଯେହ୍ନେ
ଆକାଶକୁ ତାରାଗଣ
ସମୁଦ୍ର ବକ୍ଷରେ ଶୋଭିତ ଲହରୀ
ସାଧୁଠାରେ କ୍ଷମାଗୁଣ।

ବିପରୀତ ସ୍ଥାନେ ରହିଥାଏ ଯିଏ
ଭୁଲିଯାଇ ନିଜ ଦିଶା
ମର୍କଟ ଗଳାରେ ମୁକ୍ତାମାଳ ପରି
ହୁଏସିନା ଲୋକହସା।

ନିଜ ଦେହେ ଶ୍ୱାନ କେଶର ଖଞ୍ଜିଲେ
ହୁଏନାହିଁ ବଣରାଜ
ସାଧୁ ସଂଗତରେ ଚୋର ରହି ମଧ୍ୟ
ନିଜ ପ୍ରକୃତିରେ ସଜ।

ଦୁର୍ଜନ ସ୍ୱଭାବ ହୃଦେ ମଣ୍ଡିଥିଲେ
ନୋହି ସୁଭାବ ସର୍ଜନ
ସୁଶିକ୍ଷାର ଫଳ ଭିନ୍ନେ ଉପୁଜଇ
ବୃଦ୍ଧି ନ ହୁଅଇ ଜ୍ଞାନ।

ବ୍ୟବହାର ଯଦି ହୁଏ ଅଢଙ୍ଗରେ
ନମିଳେ ସୁଖ ସମ୍ପତ୍ତି
ଭାଗ୍ୟ ଆକାଶରେ ମାଡି ଆସିଥାଏ
କାଳ ରୂପରେ ବିପତ୍ତି।

**ସମ୍ବଲପୁର**
**ମୋବାଇଲ୍: ୭୯୭୮୫୬୮୩୨**



## କବୀ ଜଣେ ପରା ବସିଛି

### ଶ୍ରୀମତୀ ବାସନ୍ତୀ ଦାସ

ଘରେ କବାଟ ଦେଇ
କଲମ କାଗଜଖଣ୍ଡିଏ
ତାଙ୍କୁ ଯେ ମିଳୁତ ହେ ନାହିଁ
ବାର ଘରକାମ କରିଣ
ପେଟତ ପୋଷୁଛି ସେହି
ଯଦି କେବେହେଲେ ବିଧବା
ଯାଇଁ ଭର୍ତ୍ତା ସେହ ପାଇକ
ଅଷିବର୍ଷ ତାଙ୍କର ହୋଇଲେ
ତିନିହଜାରତ ମିଳିବ
ଦ୍ୱିତୀୟଇଶ୍ୱର ବୋଲିଣ
ତାଙ୍କୁ ସର୍ବେ ମାନ୍ୟ କରନ୍ତି
କବିହବାରତବୟଷ
ସୀମା କିଛି ତାରନାହିଁ ତ
ସ୍ୱାଧିନ ଭାବରେ ସେହି ତ
ବଞ୍ଚିପାରୁଛିକାହିଁ ତ
ସବୁ ବିଭାକକୁତୁମେତ ସରକାର
ଦୃଷ୍ଟି ଦେଉଛ
କବି କବୟତୀଦୁଃଖରେ ଜୀବନ
ତଜାପନ କରେ
ଟିକେ ତବିଚାରକରନ୍ତୁ
ସେମାନଙ୍କୁ ଚାହିଁ ଦେଖନ୍ତୁ
ସମ୍ମାନ ତାହାଙ୍କୁ ଦିଅନ୍ତୁ

କେନ୍ଦ୍ରାପଡ଼ା



---



## ସିନ୍ଦୂର ପିନ୍ଧୁଛି ରାଧା ଆଇନା ଦେଖି

### ଡଃ ତାନଶ୍ରୀ ପାଣିଗ୍ରାହୀ

ସକାଳେ ସଂଜେ ଯମୁନା କୂଳରେ
ଚାହିଁବସେ ତୁମ ପଥ
ତୁମରି ବଂଶୀରେ ଝରି ପଡୁଥିଲା
ସାତ ସ୍ୱରର ଅମୃତ...


ଚାଲି ଗଲ ତୁମେ ମଥୁରା ରାଇଜେ
ଭାବିଲନି ମୋ କଥା
ତୁମ ପାଇଁ ଝୁରି କ୍ଷୀଣ ହେଲିଣି ମୁଁ
ବଢ଼େ ମୋ ମନର ବ୍ୟଥା...

ଏତେ ପ୍ରେମ ଦେଇ ହେ କୃଷ୍ଣ ତୁମେ
ରହିଗଲ ଦୂରେ କାହିଁ
ତୁମ ବିନା ରାଧା କେମିତି ବଂଚିବ
ଥରେ ତ ଭାବିଲ ନାହିଁ...

ତୁମେ ତ ମୋହର ପ୍ରାଣର ସ୍ପନ୍ଦନ
ତୋଳୁଅଛ ସ୍ୱର ଗୀତି
ଗୋପ ବଡ଼ଦାଣ୍ଡ ଧୂଳି ମାଟି ପରେ
ରହିଛି ଆମରି ସ୍ମୃତି...

କୁଞ୍ଜବନରେ ତୁମ ପଥ ଚାହିଁ
ଉଜାଗର ସାରା ରାତି
ମନ ଆଇନାରେ ପିନ୍ଧୁଛି ସିନ୍ଦୂର
ତୁମ ପାଇଁ ନିତି ନିତି ॥

ଆଚାର୍ଯ୍ୟା, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର,
ବାଲିଆ, ବାଲେଶ୍ୱର
ମୋବାଇଲ୍: ୯୩୩୭୩୦୪୨୯୫



---




## ଫଗୁଣ ଫେରେ

### ଡ.ଚନ୍ଦ୍ରକଳା ନାୟକ

ତୋ ଅପେକ୍ଷାରେ ଆଜି ମୁଁ କବିତା ଲେଖୁଛି
କାହିଁକି ମୁଁ ଜାଣେନା
ଏତିକି ଜାଣେ ତୁ ମୋ ବାଲ୍ୟ ସାଥୀ
ପ୍ରେମ ଦୁଇଟି ଶବ୍ଦର ସମାହାର
ହେଲେ ତୁ ମୋ ଜୀବନ ।
ସେହି ସାଥୀକୁ ଜୀବନ ସାରା
ସାଙ୍ଗରେ ଧରି ରାସ୍ତାଗୁଡା ଅତିକ୍ରମ କରିବାକୁ
ଚାହେଁ
ରାଜରାସ୍ତା ପାରି ହେବାକୁ ନୁହେଁ
ସାରା ଜୀବନ ବଂଚିବାକୁ ଚାହେଁ ।
ତୁ କହିଥିଲୁ ପ୍ରେମର ବି ଗୋଟିଏ ସମୟ ଥାଏ
ଏଇ ଯେମିତି ଫଗୁଣ !
ବରଷରେ ଥରଟିଏ ଆସେ, ଏବେ ଏବେ
ଦେହରେ ମନରେ ପ୍ରେମର ରଙ୍ଗ ବୋଳିଦିଏ ।
କୋଇଲିର କୁହୁତାନ ଅବିରତ ଚାଲେ
ଅଭିମାନିନୀ ଜହ୍ନ ଟା ବି ତ
ସଫା ରଙ୍ଗରେ ବାଉଳି ହୁଏ
ବରଷକର ରାଜା ଯେମିତି ଫଗୁଣ
ଜୀବନର ରାଜା ସେମିତି ଯୌବନ ।
ପ୍ରେମ ଯେମିତି ସଦ୍ୟ ପ୍ରସ୍ଫୁଟିତ
ପୁଷ୍ପ ପରି ସତେଜ ଥାଏ
ନିଜକୁ ହଜାଇ ମଜାଇ ଦେବାର
ସବୁ ଗୁରୁ ମନ୍ତ୍ର କେବଳ ଫଗୁଣ ପାଖରେ ଥାଏ ।
ଅଭୁଲା ଓ ରୋମାଂଚିତ ମୁହୁର୍ତ୍ତ ସବୁ
ଅଦ୍ଭୁତ ସେ ସ୍ପନ୍ଦନର ଗତି
ଯାହାକୁ ଶବ୍ଦରେ ବର୍ଣ୍ଣି ହୁଏନା
କାରଣ ପ୍ରେମ ହେଲେ କାଳେ
ନୀରବତାଟା ବି ଗୁଣୁ ଗୁଣୁ କରେ ।
ତା'କୁ ବୁଝିବା ଦୁଇଜଣଙ୍କ ପାଇଁ କାଠିକର ପାଠ
ଅବ୍ୟକ୍ତ ଚେତନାଟା ବି ବ୍ୟକ୍ତ ହୁଏ
ଲାଜଟା ଅଳଙ୍କାର ହୋଇଯାଏ
ତା ଭିତରର ହସଟା
ଯେମିତି କାଳିଆର ନାକଚଣା ।
ଫଗୁଣ ଫି ବରଷ ଫେରେ
ରଙ୍ଗ ଅଭିରର ପସରା ମେଲାଏ
ପ୍ରେମ ଭକ୍ତିର ରାସ ବାଢେ
କିନ୍ତୁ ଥରେ ଯୌବନ ଚାଲିଗଲେ
ନା ଧରାଦିଏ, ନା ଫେରେ
ଖାଲି ସ୍ମୃତିର ପସରା ମେଲି
ମନର ଶୀତଳତାକୁ କାନଭାସରେ ଆଙ୍କେ ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋବାଇଲ୍: ୯୪୩୭୯୫୭୬୧୭

---



## ଛାଇ

### ଭାରତୀ ହୋତା

ସକାଳର କଅଁଳ ଖରାକୁ
ଓଢଣୀରେ ଢାଙ୍କି
ଅମର ପ୍ରେମର ବୀଜ ମନ୍ତ୍ରରେ
ଅଭିମନ୍ତ୍ରିତ କରିଥିଲା ସେ ଅଲ୍ପାୟୁଷ ଛାଇ ।।
ଚିର ହରିତ୍ ଅରଣ୍ୟ ପରି
ତା 'ଚିର ସବୁଜ ଭାବପ୍ରବଣତା
ଧକ୍ ଧକ୍ ସ୍ପନ୍ଦନ
ଲୁହ ଆଉ କୋହର ଅସ୍ପଷ୍ଟ ମିଶ୍ରଣ
ଅଞ୍ଜଳିଭର୍ତ୍ତି
ତଥାପି କେବେ ମେଣ୍ଟୁ ନ ଥିଲା ତା' ଭୋକ ।।
କେତେବେଳେ ସେ ଥିଲା ଅଚିହ୍ନା
କେବେ ପୁରା ଆପଣା
କେତେବେଳେ ହାତ ଆଉଁସା
ପୁଣି କେବେ ଈଶ୍ୱର ପରି ଅପ୍ରାପ୍ୟ,
ସତରେ ଯେତେ ଛାଇ ସବୁ ଏମିତିକା
ଗୋଟିଏ ଗୋଟିଏ ମରୁଭୂମି ମରୀଚିକା ।।
ଯନ୍ତ୍ରଣାରେ ଜର୍ଜରିତ
ଏବେ ଆଖିର ଭାଷା - ଭାବରେ ରଚିତ
ନୀଳ ନିବିଡ଼ତାର ମହାକାବ୍ୟ,
ନିଜ ହାତ ମୁଠାକୁ ଖୋଲିଲେ
ମୁଁ ପଦ୍ମଗନ୍ଧା ହେଲାବେଳେ
କେମିତି ଯେ ଛାଇ ନିଦେଇ ଯାଏ ?
ଏବେ ମୋ ପୃଥିବୀରୁ
ବହୁ ଦୂରରେ ଆଲୁଅ,
ଏବେ ଖୋଜୁଛି ନିଜ ଭିତରେ ଅନ୍ଧାରକୁ
ହେଲେ ବିଡମ୍ବନା
ଅନ୍ଧାରକୁ କେବେ ମାଡ଼ି ନ ଥିବା ଛାଇ
ଆଜି ପୁଣି ଆଲୁଅମନସ୍କ ।।
ଖରିଆର ରୋଡ଼, ନୂଆପଡ଼ା

---



## ଆସ ଆମ ମାତୃଭାଷାକୁ ଜାଣିବା

### ଜୟଶ୍ରୀ ପଟ୍ଟନାୟକ

ଯୋଉ ଭାଷା ସହ ପରିଚୟ ହେଲା
ମୋହର ପିଲାଦିନ
ସେହି ଭାଷା ମୋର ମାତୃଭାଷା ଅଟେ
ମୋ ଛାତିର ସ୍ପନ୍ଦନ।1
ମା' ମାଟି, ମାତୃଭାଷାରେ ମମତା
ସେହିଦିନୁ ହେଲା ଜାତ
ମୋ ଭାଷା ଓଡ଼ିଆ କେତେ ଯେ ବଢ଼ିଆ
ପଢି ଜାଣିଲି ମୁଁ ଗ୍ରନ୍ଥ।
କେତେ କବି ମୋ ଭାଷାକୁ ସମୃଦ୍ଧ
କରିଛନ୍ତି ଲେଖନୀରେ
ତାହାର ମହିମା କି କହିବି ଆଉ
କିଞ୍ଚିତ ବୁଦ୍ଧିମତାରେ।
ମୋ ଭାଷା ମୋହର ପରିଚୟ ଦ୍ୱାର
ତା ଲାଗି ଧନ୍ୟ ଜୀବନ
ଲେଖନୀରେ ଯେବେ ପାଏ ମୁଁ ତାହାକୁ
ଲେଖି ଦୁଃଖ କରେ ମୋଚନ।
ମିଠା ବୋଲି ସିନା ଜାତୀୟ ମାନ୍ୟତା
ପାଇଛି ଷଷ୍ଠ ସ୍ଥାନରେ
କହିବା ଲେଖିବା ପଢିବା ତା କଥା
ନେଇ ପ୍ରଗତି ପଥରେ।
ମା ଶିଖାଇଛି ଯୋଉ ଭାଷା ମୋତେ
ମୋ ଆଦ୍ୟ ଶୈଶବରେ
ଖାଦ୍ୟ ପାଣି ଆଉ ଜୀବନ ଜୀବିକା
ଦେଇଛି ସେ ପ୍ରଶ୍ୱାସରେ।
ଓଡିଶା ସ୍ୱତନ୍ତ୍ର ହେବା ଦିନଠାରୁ
ପାଇଛୁ ଆମ ପରିଚୟ
ପ୍ରତିବର୍ଷ ପାଳିବା ଭାଷା ଦିବସକୁ
ଯେଣୁ ଆମ ଭାଷା ଶାସ୍ତ୍ରୀୟ।
ନେବାରେ ଶପଥ ସୁରକ୍ଷାରେ ତାର
ହୋଇଥିବା ସଦା ବ୍ରତୀ
ମାତୃଭାଷା ମାତୃଭୂମିର ଟେକରେ
ରଖିଯିବା କିଛି କୃତି।
ଜାତି ବଞ୍ଚିଲେ ଭାଷା ତ ବଞ୍ଚିବ
ଏହି ସ୍ୱାଭିମାନ ରଖି
ନୂତନ ପିଢ଼ୀକୁ ଓଡ଼ିଆ ପଢ଼ାଇ
ଯିବାରେ ପୁସ୍ତକ ଲେଖି।9
ନିଃଶ୍ୱାସରେ ଥାଉ ତାହାରି ମଳୟ
ପ୍ରଶ୍ୱାସେ ନାମ ମହକି
ଏ ମାଟି ଚନ୍ଦନ ମଥାରେ ମାରିକି
ସଦା ତା ଗୁଣ ଗାଇକି।୧୦
**ଗଙ୍ଗନଗର ଭୁବନେଶ୍ୱର**

**ମୋବାଇଲ୍: ୭୯୭୮୧୧୦୪୭୪**

---



## ଜୀଇଁ ରହୁ ପରମ୍ପରା ବଞ୍ଚି ରହୁ କଳା

### ନିବେଦିତା ପଣ୍ଡା

ଆମ ପରମ୍ପରା ଆମର ଗୌରବ
ବଞ୍ଚିବା ଅଟେ ଜରୁରୀ,
ହଜିଗଲେ ସିଏ ସମୟ କ୍ରମରେ
ତୁଟିଯିବ ଆମ ଶୀରି।
କେତେ ଭାବଧାରା ସୃଷ୍ଟି କରିଅଛି
ପ୍ରାଣରେ ଆମର ସିଏ,
ଆମ ପ୍ରାଣ ହୋଇ ରହି ଆସିଅଛି
ସମତୁଲ୍ୟ କେହି ନୁହେଁ।
ସନାତନ ଧର୍ମ ସଂସ୍କୃତି ଆମର
ବିଶ୍ୱରେ ବିଦିତ ଅଛି,
ଜଗନ୍ନାଥ ଦେଶ ପ୍ରଥା ପରମ୍ପରା
ନିଆରା ହୋଇ ରହିଛି।
କଳା ସଂସ୍କୃତିରେ ମହାନ ଉତ୍କଳ
କଳା ପାଇଁ ପରିଚୟ ,
ଚାରୁ ଚିତ୍ର କଳା ପୁଣି ହସ୍ତ କଳା
ଗର୍ବ ସ୍ଥାପତ୍ୟ, ଭାସ୍କର୍ଯ୍ୟ।
ଆଦର୍ଶ ମହାନ ପରମ୍ପରା ପୂର୍ଣ୍ଣ
ଯାହା ଆମ ସ୍ୱାଭିମାନ,
ରୀତି ନୀତି ସବୁ ପରମ୍ପରା କରି
କରିଛନ୍ତି ବିଜ୍ଞଜନ।
ମାନିବା ସହିତ ବଞ୍ଚାଇ ରଖିବା
ପର ପିଢ଼ିକୁ ଶିଖାଇ,
ଆମେ ସଚେତନ ହୋଇଲେ ବଞ୍ଚିବ
କଳା ପରମ୍ପରା ଯାଇ।
ଅନ୍ଧବିଶ୍ୱାସର ଦ୍ୱାହି ଦେଇ କେହି
ପରମ୍ପରା କଲେ କ୍ଷୁର୍ଣ୍ଣ ,
ପ୍ରତିରୋଧ କରି ସ୍ୱର ଉଠାଇବା
ବିରୋଧ ମହତ୍ତ୍ୱପୂର୍ଣ୍ଣ।
ଆମେ ମାନିଥିଲେ ପିଲାଏ ମାନିବେ
ସମାଜ ବି ସୁଧୁରିବ,
ବଞ୍ଚିବ ବି କଳା ଆଉ ପରମ୍ପରା
ବଞ୍ଚିରହିବ ଗୌରବ।
ହଜିଗଲା ଏବେ ସେହି ଦିନ ସବୁ
ଘର ହେଲା ବିଭାଜନ,
ବଦଳି ତ ଗଲା ଆଗ କଥାମାନ,
ଦେଇ ପାରିଲୁନି ଧ୍ୟାନ।
ପରିବାର ଆମ ମୂଲ୍ୟହୀନ ହୋଇ
ମୂଲ୍ୟବୋଧ ହରାଇଲା,
ଯୌଥ ପରିବାର ସଂସ୍କାର ଆମର
ପିଲାଙ୍କୁ ତ ନମିଳିଲା !
ଦୂରତା ବଢ଼ିଲା ଆମରି ଭିତରେ
ସଂକୀର୍ଣ୍ଣ ହୋଇଲା ମନ,
ଆନ୍ତରିକତାଟା ଜମା ରହିଲାନି
ଉଦ୍ଦେଶ୍ୟ ରହିଲା ଭିନ୍ନ।
ଗୋଟେ ଛାତତଳେ ରହିଲେ ବି ସୁଦ୍ଧା
ସ୍ନେହଶ୍ରଦ୍ଧା ହେଲା ଶୂନ,
ମାନବିକତାଟା ହଜିଗଲା କେହ୍ନେ
ନରହିଲୁ ସଚେତନ।
ଆମେ ଶେଷ ପିଢ଼ି, ଏକାନ୍ନବର୍ତ୍ତିତା
ଅନୁଭୂତି ଆମ ଅଛି !
ଆମ ପର ପିଢ଼ି ଜାଣି ପାରିବେନି
ଥିଲା କି ଏମିତି କିଛି ?
ଆଧୁନିକତାର ସୁନେଲି ମାୟାରେ
ହଜିଛି ଗାଁଆର ଭାବ,
କୃଷକ ଛାଡିଛି କୃଷି କର୍ମ ତା'ର
ସବୁଠି ଦୁରୁପଯୋଗ।
ସଚେତନ ଆମ ପାଇଁ ତ ଜରୁରୀ
ସମୟ ପରିପ୍ରେକ୍ଷୀରେ,
ସଚେତନ ଦ୍ୱାରା ପୂର୍ବ ଗୌରବକୁ
ଫେରାଇ ହେବ ଅଚିରେ।
ରାଉରକେଲା



